DHARITRI

ବ୍ରହ୍ମପୁର, ସୋମବାର, ମାର୍ଚ୍ଚ ୨୫/୨୦୧୯ (୧୬ ପୃଷ୍ଠା) | Berhampur, Monday, March 25/2019 | ★★★

୧୫ ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



### କଂଗ୍ରେସରେ ଯୋଗଦେଇ ନାହିଁ: ସପ୍ନା

ହରିୟାଣାର ଗାୟିକା ତଥା ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀ କଂଗ୍ରେସରେ ଯୋଗଦେବା ଖବରକୁ ଖଣ୍ଡନ କରିଛନ୍ତି।

୦୨

୧୫

### କେକେଆରକୁ ବିଜୟୀ କଲେ ରସେଲ

ଆନ୍ଦ୍ରେ ରସେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ କୋଲକାତା ନାଇଟ ରାଇଡର୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି।



**ଆଜିର ସମ୍ପାଦକୀୟ**

**ଚାଷୀଙ୍କୁ ବାଉଳା**

**ଆଜିର ମନ୍ତବ୍ୟ**

"ଚୌକିଦାରମାନେ ଗରିବଙ୍କ କଥା ଚିନ୍ତା କରିବା ବଦଳରେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି।
– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ




NECC NATIONAL EGG CO-ORDINATION COMMITTEE | 24.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers

# ହଜାଇଦେଲେ ଅସଲ ପ୍ରସଙ୍ଗ

ନୂଆଦିଲ୍ଲୀ,୨୪।୩

ଯେଉଁ ପ୍ରସଙ୍ଗଗୁଡ଼ିକୁ ନେଇ ପାର୍ଲାମେଣ୍ଟକୁ ଅଚଳକରିଦିଆଯାଉଥିଲା, ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ ଯେଉଁ ପ୍ରଶ୍ନଗୁଡ଼ିକ ପ୍ରତିଦିନ ଉଠୁଥିଲା ଶେଷରେ ଶାସକ–ବିରୋଧୀ ମିଳିମିଶି ସେସବୁକୁ ହଜାଇ ଦେଇଛନ୍ତି। ଏବେ ଦେଶ ନିର୍ବାଚନମୁହାଁ। ତେଣୁ ମୂଳ ସମସ୍ୟାଗୁଡ଼ିକ ଉପରୁ ଧ୍ୟାନ ହଟାଇବା ପାଇଁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛଦ୍ମ ରାଷ୍ଟ୍ରବାଦ ଓ ଉଗ୍ର ହିନ୍ଦୁତ୍ୱବାଦର ଆଶ୍ରୟ ନେଇଥିବାବେଳେ ଏହାର ଜାଲରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଛନ୍ଦି ହୋଇଯାଇଛନ୍ତି। ଏଭଳି ସମୟରେ ସାଧାରଣ ନିର୍ବାଚନରେ ପୁଲଓ୍ୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣ ଆଜି ପାଲଟିଛି ପ୍ରସଙ୍ଗ।

ମଣିଷର ମୌଳିକ ଆବଶ୍ୟକତା ହେଉଛି ବାସ, ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା। ଏହି ପ୍ରସଙ୍ଗଗୁଡ଼ିକ ବିଗତ ୫ ବର୍ଷରେ ସର୍ବାଧିକ ଚର୍ଚ୍ଚାରେ ରହିଆସିଥିଲା। ସେହିପରି ବିମୁଦ୍ରୀକରଣ, ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଏବଂ କୂଟନୈତିକ ବିଫଳତା ଭଳି ପ୍ରସଙ୍ଗଗୁଡ଼ିକୁ ନେଇ ମୋଦି ସରକାରଙ୍କୁ ବିରୋଧୀ ଲଗାତର ଟାର୍ଗେଟ କରୁଥିଲେ। ବେକାରି, କଳାଧନ, ଦରଦାମ ବୃଦ୍ଧି, ମାନବ ଚାଲାଣ, ମହିଳାଙ୍କ ସୁରକ୍ଷା, ଦଳିତ ଓ ସଂଖ୍ୟାଲଘୁଙ୍କୁ ଆକ୍ରମଣ, ଅସହିଷ୍ଣୁତା, ସାମ୍ବାଦିକ ତଥା ବୁଦ୍ଧିଜୀବୀଙ୍କୁ ନିର୍ଯାତନା ଏପରି କି ସ୍ଥଳବିଶେଷରେ ହତ୍ୟା ଭଳି ଘଟଣା ଏନ୍‌ଡିଏ ଅମଳରେ ଖବରକାଗଜର ପ୍ରଥମପୃଷ୍ଠାରେ ଶିରୋନାମା ମଣ୍ଡନ କରୁଥିଲା। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ବରିଷ୍ଠ ନାଗରିକଙ୍କ ସୁରକ୍ଷା, ଚାଷୀ ଆତ୍ମହତ୍ୟା, ତିନି ତଲାକ, ରାଫାଲ ଦୁର୍ନୀତି, ରାମମନ୍ଦିର, ବ୍ୟାଙ୍କ ଠକେଇ ଆଦିକୁ ନେଇ ସରକାରଙ୍କୁ ଉଠବସ କରୁଥିଲେ କଂଗ୍ରେସ ସମେତ ବିରୋଧୀ ଦଳର ନେତାମାନେ। ହେଲେ ଅସଲ ସମୟରେ ଏହି ଅସଲ ସମସ୍ୟାଗୁଡ଼ିକ କୁଆଡ଼େ ଉଭାନ ହୋଇଯାଇଛି ଅଥବା ଶୀତଳଭଣ୍ଡାରକୁ ଚାଲିଯାଇଛି। ସତେ ଯେପରିକି ଏହି ପ୍ରସଙ୍ଗଗୁଡ଼ିକ ଏବେ ପାଲଟିଯାଇଛି ମୂଲ୍ୟହୀନ ବିଷୟ ଏବଂ ଏହାର ସ୍ଥାନ ନେଇସାରିଛି ପୁଲଓ୍ୱାମା ଆକ୍ରମଣ ଓ ତତ୍‌ଉପରାନ୍ତ ବାଲାକୋଟ ଏୟାରଷ୍ଟ୍ରାଇକ୍। ରାଜନୈତିକ ବିଶ୍ଳେଷକ କୁହନ୍ତି, ପ୍ରକୃତପକ୍ଷେ ବିଚାର କଲେ ଗୋଟିଏ କଥା ସାମ୍ନାକୁ ଆସୁଛି ଯେ, ମୋଦି ସରକାର ଯେଉଁସବୁ ସଫଳତାର କଥା କହି ନିଜ ପିଠି ଥାପୁଡ଼ାଉଥିଲେ, ସେହି କ୍ଷେତ୍ରଗୁଡ଼ିକରେ ଅନେକ କାମ ବାକି ଅଛି। ଯେପରିକି ଆଜି ବି ଦେଶର ହଜାର ହଜାର ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ଓ ସେଠାକାର ଲୋକେ ରାତିରେ ଆଲୋକ ଦେଖିପାରି ନାହାନ୍ତି। ୨୦୧୬ ନଭେମ୍ବର ୮ର ବିମୁଦ୍ରୀକରଣ ଏବଂ ୨୦୧୭ ଜୁଲାଇ ୧ର ଜିଏସ୍‌ଟି ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ଏକପ୍ରକାର ଆର୍ଥିକ ଜରୁରୀ ପରିସ୍ଥିତି ସୃଷ୍ଟି କରିଛି। ଏଥିଯୋଗୁ ☞ ପୃଷ୍ଠା–୪

**ନିର୍ବାଚନ ବେଳେ ସମାନ ରାସ୍ତାରେ ଶାସକ-ବିରୋଧୀ**

**ଶୀତଳଭଣ୍ଡାରରେ ଜନସାଧାରଣଙ୍କ ସମସ୍ୟା**



# ବିଜେଡିର ୯ ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର,୨୪।୩(ବ୍ୟୁରୋ)

- ବଲାଙ୍ଗୀରରୁ ଅର୍କେଶ
- ବ୍ରଜରାଜନଗରରୁ କିଶୋର
- ୪ ବିଧାୟକଙ୍କ ଟିକେଟ କଟିଲା
- ବୀରମିତ୍ରପୁର, ଫୁଲବାଣୀ ଆସନ ଘୋଷଣା ହେଲାନି

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା କୋରାପୁଟ ଲୋକ ସଭା ଅନ୍ତର୍ଗତ ପଟାଙ୍ଗୀ, ନବରଙ୍ଗପୁର ଲୋକ ସଭା ଅନ୍ତର୍ଗତ ମାଲକାନଗିରି ଓ ଝରିଗାଁ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ଲୋକ ସଭା ଅଧୀନରେ ଥିବା ଲାଞ୍ଜିଗଡ଼ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ବଲାଙ୍ଗୀର ଲୋକ ସଭା ଅନ୍ତର୍ଗତ ବଲାଙ୍ଗୀର, ଲୋଇସିଂହା, ବରଗଡ଼ ଲୋକ ସଭା ଅନ୍ତର୍ଗତ ବ୍ରଜରାଜନଗର ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ସମ୍ବଲପୁର ଏବଂ ରେଢ଼ାଖୋଲ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବୀରମିତ୍ରପୁର ଏବଂ ଫୁଲବାଣୀ ପାଇଁ କାହାରି ନାଁ ଘୋଷଣା କରାଯାଇନାହିଁ। ଏହି ଦୁଇଟି ଆସନ ନେଇ ଦଳରେ ସହମତି ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରହିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷଦିନ ଧାର୍ଯ୍ୟ କରାଯାଇଛି। ତେଣୁ ବୀରମିତ୍ରପୁର ଏବଂ ଫୁଲବାଣୀ ଆସନ ପାଇଁ ବିଜେଡି ସୋମବାର ନିଶ୍ଚିତ ପ୍ରାର୍ଥୀ ଘୋଷଣା କରିବ ବୋଲି ସୂତ୍ରରୁ ପ୍ରକାଶ। ବଲାଙ୍ଗୀର ବିଧାନସଭା ଆସନ ପାଇଁ ଅର୍କେଶ ନାରାୟଣ ସିଂଦେଓଙ୍କ ସହ ଶ୍ରୀମୟୀ ମିଶ୍ରଙ୍କ ନାଁ ଚର୍ଚ୍ଚା ହେଉଥିଲା। ପୂର୍ବରୁ ଅର୍କେଶଙ୍କ ବଡ଼ଭାଇ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗୀର ଲୋକ ସଭା ଟିକେଟ ପାଇସାରିଛନ୍ତି। ପାଟଣାଗଡ଼ରେ ସରୋଜ ମେହେରଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ପାଟଣାଗଡ଼ ପାଇଁ ଆଶାୟୀ ଥିବା ଶ୍ରୀମୟୀଙ୍କୁ ବଲାଙ୍ଗୀରରେ ଟିକେଟ ମିଳିପାରେ ବୋଲି ଆଲୋଚନା ହେଉଥିଲା। ଲୋଇସିଂହାରେ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ନିଜ ପୁଅ ନୀହାର ରଞ୍ଜନ ବେହେରାଙ୍କ ପାଇଁ ଲବି କରୁଥିଲେ। ହେଲେ ସ୍ଥାନୀୟ ସଙ୍ଗଠକ ପ୍ରଦୀପ ବେହେରାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଛି। ସମ୍ବଲପୁର ଏବଂ ରେଢ଼ାଖୋଲରେ ଦଳୀୟ ସ୍ଥିତି ସୁଧାରିବା ପାଇଁ ଆଗୁଆ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ଦୁଇ ଆସନରେ ପୂର୍ବରୁ ପ୍ରାର୍ଥୀ ଥିବା ରାସେଶ୍ୱରୀ ☞ ପୃଷ୍ଠା–୪

**ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା**

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**
ଲାଞ୍ଜିଗଡ଼: ପ୍ରଦୀପ କୁମାର ଦିଶାରି
ଝରିଗାଁ: ପ୍ରକାଶ ଚନ୍ଦ୍ର ମାଝି
ମାଲକାନଗିରି: ମୁକୁନ୍ଦ ସୋଢ଼ୀ
ପଟାଙ୍ଗୀ: ପ୍ରୀତମ ପାଢ଼ୀ

**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**
ବ୍ରଜରାଜନଗର: କିଶୋର ମହାନ୍ତି
ଲୋଇସିଂହା: ପ୍ରଦୀପ ବେହେରା
ବଲାଙ୍ଗୀର: ଅର୍କେଶ ନାରାୟଣ ସିଂଦେଓ
ବୀରମିତ୍ରପୁର: ଘୋଷଣା ହୋଇନି
ଫୁଲବାଣୀ: ଘୋଷଣା ହୋଇନି

**ତୃତୀୟ ପର୍ଯ୍ୟାୟ ନିର୍ବାଚନ**
ସମ୍ବଲପୁର: ଡା. ରାସେଶ୍ୱରୀ ପାଣିଗ୍ରାହୀ
ରେଢ଼ାଖୋଲ: ରୋହିତ ପୂଜାରୀ








ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚା’ବାଲାଙ୍କ ସହ ଥିବା ତାଙ୍କର ମଧୁର ସମ୍ପର୍କକୁ ଭୁଲିଯାଇ ଏବେ ଚୌକିଦାରମାନଙ୍କୁ ମନେପକାଉଛନ୍ତି। ରାଜନୈତିକ ଫାଇଦା ପାଇଁ ସେ ପରବର୍ତ୍ତୀ ସମୟରେ ଅନ୍ୟ କାହାକୁ ଫୋକସ୍ କରିପାରନ୍ତି।

– କପିଲ ଶିବଲ, କଂଗ୍ରେସ ନେତା



## ସଂକ୍ଷେପରେ

### ଭାଜପା ନେତାଙ୍କୁ ଗୁଳି

**ଜୟପୁର,୨୪।୩(ପି.ଟି.):** ରାଜସ୍ଥାନର ଝଲାୱାରରେ ଏକ ଉତ୍ସବ ଚାଲିଥିବାବେଳେ କେତେଜଣ ଦୁର୍ବୃତ୍ତ ଗୁଳି ଚଳାଇବାରୁ ଭାଜପା ନେତାଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାଜପା ନେତା ତଥା ନଗରପାଳିକାର ପୂର୍ବତନ ଅଧ୍ୟକ୍ଷ ରାମଲାଲ ଗୁର୍ଜର (୫୮) ଶନିବାର ରାତିରେ ଏକ ଉତ୍ସବରେ ଯୋଗଦେଇ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଗୁର୍ଜରଙ୍କ ସମେତ ୪ ଜଣଙ୍କ ଦେହରେ ଗୁଳି ଚିହ୍ନ ରହିଛି। ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି।

### ୟୁପି, ବିହାରରେ ନିର୍ବାଚନ ଲଢ଼ିବ ଏଏପି

ନୂଆଦିଲ୍ଲୀ,୨୪।୩(ପି.ଟି.)
ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଉତ୍ତରପ୍ରଦେଶ (ୟୁପି) ଏବଂ ବିହାରରୁ ଲୋକ ସଭା ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଉଭୟ ରାଜ୍ୟରେ ଦଳ ୩ ଜଣ ଲେଖାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ତେବେ ଉତ୍ତରପ୍ରଦେଶର ୨୫ଟି ଆସନରେ ଏଏପି ଲଢ଼ିପାରେ ବୋଲି ଏହାର ନେତା ସଞ୍ଜୟ ସିଂ କହିଛନ୍ତି। ୟୁପିର ସାହରନପୁରରୁ ଯୋଗେଶ ଡାହିୟା, ଆଲିଗଡ଼ରୁ ସତୀଶ ଚନ୍ଦ୍ର ଶର୍ମା ଏବଂ ଗୌତମବୁଦ୍ଧ ନଗରରୁ ଶ୍ୱେତା ଶର୍ମାଙ୍କୁ ଏଏପି ପ୍ରାର୍ଥୀ କରିଛି। ସେହିପରି ବିହାରର କିଶନଗଞ୍ଜରୁ ଅଲିମୁଦ୍ଦିନ ଅନ୍‌ସାରୀ, ସୀତାମାଢ଼ିରୁ ରଘୁନାଥ କୁମାର ଏବଂ ଭଗଲପୁରରୁ ସତ୍ୟେନ୍ଦ୍ର କୁମାର ଏଏପି ଟିକେଟରେ ନିର୍ବାଚନ ଲଢ଼ିବେ।

### ରାଜନାଥଙ୍କ ବିରୋଧରେ ପ୍ରାର୍ଥୀ ହୋଇପାରନ୍ତି ପୁନମ୍ ସିହ୍ନା



**ନୂଆଦିଲ୍ଲୀ,୨୪।୩(ପି.ଟି.):** କ୍ଷୁବ୍ଧ ଭାଜପା ନେତା ଶତ୍ରୁଘ୍ନ ସିହ୍ନାଙ୍କ ପତ୍ନୀ ପୁନମ୍ ସମାଜବାଦୀ ପାର୍ଟି ଟିକେଟରେ ଲକ୍ଷ୍ନୌ ଆସନରୁ ଲଢ଼ିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡିଛି। ଏହି ଆସନରେ ଭାଜପା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ପ୍ରାର୍ଥୀ କରିଛି। ଶତ୍ରୁଘ୍ନଙ୍କୁ ଭାଜପା ପାଟନା ସାହିବ ଆସନରୁ ବାଦ୍ ଦେଇ ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ପ୍ରାର୍ଥୀ କରିଛି। ତାଙ୍କୁ ଉକ୍ତ ଆସନରୁ ମହାମେଣ୍ଟ ପ୍ରାର୍ଥୀ କରିପାରେ। କିଛିଦିନ ପୂର୍ବରୁ ଶତ୍ରୁଘ୍ନ ଲକ୍ଷ୍ନୌରେ ଏସ୍‌ପି ନେତା ଅଖିଳେଶ ଯାଦବଙ୍କୁ ଭେଟିଥିଲେ। ସେତେବେଳେ ପୁନମ୍ ସିହ୍ନାଙ୍କ ରାଜନୀତି ପ୍ରବେଶ ନେଇ ଆଲୋଚନା ହୋଇଥିବା କୁହାଯାଉଛି।

### ସୀମାପାର ଗୁଳିରେ ଯବାନ ଶହୀଦ

**ଜମ୍ମୁ,୨୪।୩(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଓ ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ରବିବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତୀୟ ସେନାର ଆଗୁଆ ଘାଟି ଉପରକୁ ଗୁଳିବର୍ଷଣ କରିବା ସହ ରକେଟ ମାଡ କରିଛି। ସେମାନଙ୍କ ଗୁଳିମାଡ଼ରେ ଜଣେ ଯବାନ ଶହୀଦ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଭାରତୀୟ ସେନାର ପାଲଟା ଜବାବରେ ପାକିସ୍ତାନ ସୈନ୍ୟବାହିନୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

ପାକ୍ ସେନା ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିବା ଗ୍ରେନାଡିୟର ହରି ଭାକରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ପୂର୍ବରୁ ଗତ ୧୮ ତାରିଖରେ ପାକିସ୍ତାନୀ ସେନା ଗୁଳିରେ ରାଜୌରୀ ଜିଲାରେ ରାଇଫଲମ୍ୟାନ୍ କରମଜିତ ସିଂ ଶହୀଦ ହୋଇଥିଲେ। ୨୧ ତାରିଖରେ ଉକ୍ତ ସେକ୍ଟରର ଅନ୍ୟ ଜଣେ ରାଇଫଲମ୍ୟାନ ୟାଶ୍ ପାଲ୍‌ଙ୍କ ମୃତ୍ୟୁ ଘଟିଥିଲା।

### [ଇତିହାସର ଆଇନାରେ]
### ମାର୍ଚ୍ଚ ୨୫ର ପ୍ରମୁଖ ଘଟଣା

୧୯୭୯ ମାର୍ଚ୍ଚ ୨୫ରେ ପ୍ରଥମ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ପେସ୍ ଶଟଲ୍ ଅର୍ବିଟର କଲମ୍ବିଆ ଜନ୍ ଏଫ୍. କେନେଡି ସ୍ପେସ୍ ସେଣ୍ଟରକୁ ପଠାଯାଇଥିଲା।

୧୯୪୭ ମାର୍ଚ୍ଚ ୨୫ରେ ଇଲିନଏର ସେଣ୍ଟ୍ରାଲିଆସ୍ଥିତ କୋଇଲାଖଣିରେ ବିସ୍ଫୋରଣ ଯୋଗୁ ୧୧୧ଜଣଙ୍କ ମୃତ୍ୟୁ ଘଟିଥିଲା। କୋଇଲା ଗୁଣ୍ଡରେ ଅକସ୍ମାତ୍ ନିଆଁ ଲାଗିଯିବା ଯୋଗୁ ଏହି ବିସ୍ଫୋରଣ ଘଟିଥିଲା ।



ଆନ୍ଧ୍ରପ୍ରଦେଶର କ୍ରିଷ୍ଣା: ଲୋକ ସଭା ନିର୍ବାଚନ ପ୍ରଚାରରେ ଜନସେନା ପାର୍ଟି ମୁଖ୍ୟ ତଥା ଅଭିନେତା ପବନ କଲ୍ୟାଣ।




ବିହାରର ପାଟନା: ସାଧାରଣ ନିର୍ବାଚନରେ ମତଦାନ ପାଇଁ ସାଇକେଲ ଯାତ୍ରା ଜରିଆରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ମୁଢ଼ିବାଲା ଲାଲମଣି ଦାସ।



ମଧ୍ୟପ୍ରଦେଶର ଇନ୍ଦୋର: ଭାଜପା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ବେଶଭୂଷା ଧାରଣ କରିଥିବା ଜଣେ ବ୍ୟକ୍ତିଙ୍କ ସହ ସେଲ୍‌ଫି ନେଉଛନ୍ତି ସୁରକ୍ଷା କର୍ମୀ।

# ପାକ୍‌ରେ ୨ ହିନ୍ଦୁ ନାବାଳିକାଙ୍କୁ ଅପହରଣ

ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୪।୩(ପି.ଟି.)

ହୋଲି ଅବସରରେ ପାକିସ୍ତାନର ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ଗୋଟକି ଜିଲାରେ ହିନ୍ଦୁ ସମ୍ପ୍ରଦାୟର ୨ ଜଣ ନାବାଳିକାଙ୍କୁ ଅପହରଣ କରିନେଇ ଜୋରଜବରଦସ୍ତ ଧର୍ମ ପରିବର୍ତ୍ତନ କରିଦିଆଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଇସ୍‌ଲାମାବାଦରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କୁ ସବିଶେଷ ରିପୋର୍ଟ ମାଗିଛନ୍ତି। ଅନ୍ୟ ପକ୍ଷରେ ୨ ହିନ୍ଦୁ ନାବାଳିକା ଅପହରଣ, ଧର୍ମପରିବର୍ତ୍ତନ ଓ କମ୍ ବୟସରେ ଜବରଦସ୍ତ ବିବାହ ଖବର ଉପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ତୁରନ୍ତ ପଦକ୍ଷେପ ନିଆଯାଉଥିବା ପାକ୍ ସୂଚନା ମନ୍ତ୍ରୀ ଫୱାଦ ଚୌଧ୍ୱରୀ କହିଛନ୍ତି। ଅପହରଣ ଖବରକୁ ନେଇ ସୁଷମା ସ୍ୱରାଜ ଏବଂ ଫୱାଦଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଛି। ସୁଷମାଙ୍କ ଟୁଇଟ୍‌ର ଜବାବ ଦେଇ ଚୌଧ୍ୱରୀ କହିଛନ୍ତି, ଏହା ପାକିସ୍ତାନର ଆଭ୍ୟନ୍ତରୀଣ ପ୍ରସଙ୍ଗ, ସଂଖ୍ୟାଲଘୁ ଅବହେଳିତ ହେଉଥିବା ମୋଦି ସରକାରଙ୍କ ଭାରତ ନୁହେଁ।

ହୋଲି ଦିନ ରବିନା (୧୩) ଏବଂ ରୀନା (୧୫)ଙ୍କୁ କେତେଜଣ ଲୋକ ସେମାନଙ୍କ ଘରୁ ଅପହରଣ କରିନେଇଥିଲେ। ଜଣେ ମୌଲବୀ ସେମାନଙ୍କର ବିବାହ କରାଉଥିବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ପ୍ରକାଶ ପାଇଛି। ତେବେ ଅନ୍ୟ ଏକ ଭିଡିଓରେ ସେମାନେ ସ୍ୱଇଚ୍ଛାରେ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା କଥା କହୁଥିବା ଦେଖାଯାଇଛି। ନାବାଳିକା ଅପହରଣ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ଭାରତ ଅଭିଯୋଗ କରିଆସୁଛି।



**ଧର୍ମ ପରିବର୍ତ୍ତନ କରାଇ ବିବାହ**

**ରିପୋର୍ଟ ମାଗିଲେ ସୁଷମା**

**ତଦନ୍ତ ନିର୍ଦ୍ଦେଶ ଦେଲେ ଇମ୍ରାନ୍**

# ଆଜମଗଡ଼ରୁ ଲଢ଼ିବେ ଅଖିଳେଶ

ଲକ୍ଷ୍ନୌ,୨୪।୩(ପି.ଟି.)



ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଉତ୍ତରପ୍ରଦେଶର ଆଜମଗଡ଼ ଲୋକ ସଭା ଆସନରୁ ଲଢ଼ିବେ। ଏହି ଆସନରୁ ତାଙ୍କ ବାପା ମୁଲାୟମ ସିଂ ଯାଦବ ପ୍ରତିନିଧିତ୍ୱ କରି ଆସୁଥିଲେ। ୨୦୧୪ରେ ମୁଲାୟମ ଆଜମଗଡ଼ ଓ ମୈନପୁରରୁ ନିର୍ବାଚନ ଲଢ଼ି ଉଭୟ ଆସନରୁ ଜିତିଥିଲେ। ଏଥର ତାଙ୍କୁ ମୈନପୁରରୁ ପ୍ରାର୍ଥୀ କରାଯାଇଛି। ଦଳ ପକ୍ଷରୁ ପ୍ରକାଶିତ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ମୁଲାୟମଙ୍କ ନାଁ ନ ଥିଲା । ଏହାକୁ ନେଇ ସମାଲୋଚନା ପରେ ଉକ୍ତ ତାଲିକାରେ ତାଙ୍କ ନାଁ ଯୋଡା ଯାଇଥିବା ଜଣାପଡିଛି। ଏଥିରେ ଅଖିଳେଶ, ଆଜମ ଖାନ୍, ଡିମ୍ପଲ ଯାଦବ, ରାମଗୋପାଳ ଯାଦବ, ଜୟା ବଚନ ଓ ଅନ୍ୟମାନେ ରହିଛନ୍ତି। ଏସ୍‌ପିର ବରିଷ୍ଠ ନେତା ମହମ୍ମଦ ଆଜମ ଖାନ ରାମପୁରରୁ ଲଢ଼ିବେ। ଏସ୍‌ପି ବର୍ତ୍ତମାନ ସୁଦ୍ଧା ଉତ୍ତରପ୍ରଦେଶ ପାଇଁ ୧୯ ଜଣ ଏବଂ ମଧ୍ୟପ୍ରଦେଶ ଲାଗି ଜଣେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅନ୍ୟ ପ୍ରମୁଖ ପ୍ରାର୍ଥୀ ହେଲେ ଅଖିଳେଶଙ୍କ ସମ୍ପର୍କୀୟ ଭାଇ ଧର୍ମେନ୍ଦ୍ର ଏବଂ ଅକ୍ଷୟ ଯାଦବ। ଧର୍ମେନ୍ଦ୍ର ବଦାଉଁ ଏବଂ ଅକ୍ଷୟ ଫିରୋଜାବାଦ ଆସନରୁ ଲଢ଼ିବେ। ସେହିପରି ଡିମ୍ପଲଙ୍କୁ କନୌଜ ଆସନରୁ ପ୍ରାର୍ଥୀ କରାଯାଇଛି।

## ରାହୁଲଙ୍କ ସମ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା

# ୧୦ ବର୍ଷରେ ୫୫ ଲକ୍ଷରୁ ୯ କୋଟି

ନୂଆଦିଲ୍ଲୀ,୨୪।୩(ପି.ଟି.)



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପତ୍ତି ୨୦୦୪ରେ ୫୫ ଲକ୍ଷ ଟଙ୍କା ଥିବାବେଳେ ୨୦୧୪ରେ ଏହା ୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ରାହୁଲଙ୍କ ଆୟର କୌଣସି ଜ୍ଞାତ ଉତ୍ସ ନ ଥିବାବେଳେ ୧୦ ବର୍ଷରେ କିପରି ଏତେ ବୃଦ୍ଧି ପାଇଲା ତାହାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ନିର୍ବାଚନ କମିଶନଙ୍କ ପାଖରେ ରାହୁଲ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ୨୦୦୪ରୁ ୨୦୧୪ ମଧ୍ୟରେ ତାଙ୍କ ଆୟ ୫୫ ଲକ୍ଷରୁ ୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କଂଗ୍ରସ ଅଧ୍ୟକ୍ଷ ଓ ତାଙ୍କ ଭଉଣୀ ନାମରେ ଦିଲ୍ଲୀରେ ୪.୬୯ ଏକର ଜମିରେ ଫାର୍ମ ହାଉସ ଅଛି, ଯାହାକୁ ଫାଇନାନ୍ସିଆଲ ଟେକ୍‌ନୋଲୋଜି (ଇଣ୍ଡିଆ) ଲିମିଟେଡକୁ ଭଡ଼ାରେ ଦିଆଯାଇଥିବା ସମ୍ବିତ କହିଛନ୍ତି। ଏହା ବ୍ୟତୀତ ଦିଲ୍ଲୀର ମେହରୁଲିଠାରେ ଥିବା ଇନ୍ଦିରା ଫାର୍ମ ହାଉସ୍‌ର ମୂଲ୍ୟ ୯ ଲକ୍ଷ ଟଙ୍କା ବୋଲି ରାହୁଲ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଉକ୍ତ ସମ୍ପତ୍ତିର ପ୍ରକୃତ ଦାମ୍ ବହୁକୋଟି ଟଙ୍କା ବୋଲି ସମ୍ବିତ ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ମଧ୍ୟ ଅନୁରୂପ ଅଭିଯୋଗ ଆଣିଛନ୍ତି। ରାହୁଲଙ୍କ ଭିଣୋଇ ରବର୍ଟ ଭଦ୍ରାଙ୍କ ବିକାଶ ମଡେଲ ସମ୍ପର୍କରେ ଜଣାଥିଲା। ଯେଉଁଠି ୬-୭ ଲକ୍ଷ ନିବେଶ କଲେ ଦୁଇ ତିନି ବର୍ଷରେ ୭୦୦-୮୦୦ କୋଟି ଟଙ୍କା ହୋଇପାରୁଥିଲା। ଏବେ ରାହୁଲ ଗାନ୍ଧୀଙ୍କ ବିକାଶ ମଡେଲ ସମ୍ପର୍କରେ ଜଣାପଡିଲା ବୋଲି ପ୍ରସାଦ କହିଛନ୍ତି। ୨ଜି ସ୍ପେକ୍ଟ୍ରମ ଦୁର୍ନୀତିରେ ସମ୍ପୃକ୍ତ ୟୁନିଟେକ୍‌ଠାରୁ ରାହୁଲ ଦୁଇଟି ସମ୍ପତ୍ତି ୧.୪୪ କୋଟି ଓ ୫.୩୬ କୋଟି ଟଙ୍କାରେ କିଣିବା ଉପରେ ଭାଜପା ନେତା ପ୍ରଶ୍ନ ଉଠାଇଛନ୍ତି।

## ଦେଶକୁ ମୋଦି ହିଁ ଦେଇପାରିବେ ସୁରକ୍ଷା: ଶାହ


ଲକ୍ଷ୍ନୌ,୨୪।୩

ଦେଶକୁ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁରକ୍ଷା ଦେଇପାରିବେ ବୋଲି ଉତ୍ତରପ୍ରଦେଶର ଆଗ୍ରାରେ ରବିବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି। ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରି ଶାହ କହିଛନ୍ତି, କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ପାଇଁ ବାଲାକୋଟ ଆକ୍ରମଣକୁ ନେଇ ପ୍ରଶ୍ନ ଉଠାଉଛି। ମେଣ୍ଟ ନେତାମାନେ ଦେଶକୁ ସୁରକ୍ଷା ଦେଇପାରିବେ ନାହିଁ। ଭାଜପା ଏବଂ ମୋଦି ହିଁ ଦେଶର ନିରାପତ୍ତାକୁ ସୁନିଶ୍ଚିତ କରିପାରିବେ।



# ‘ତୁଳସୀ ବଣରେ ଗଞ୍ଜେଇ ଗଛ ଜଗନ୍’


କଡାପା,୨୪।୩(ଆଇଏଏନ୍‌ଏସ୍)



ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀ ତୁଳସୀ ବଗିଚାରେ ଏକ ଗଞ୍ଜେଇ ଗଛ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ସମାଲୋଚନା କରିଛନ୍ତି। ଆନ୍ଧ୍ରରେ ସାଧାରଣ ନିର୍ବାଚନ ସହ ବିଧାନସଭା ନିର୍ବାଚନ ହେଉଛି। ଏଥିଲାଗି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରାବାବୁ ରବିବାର ଜଗନ୍‌ମୋହନଙ୍କ ଜିଲା କଡାପାର ବୁଡ୍‌ଭେଲରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ତାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଅନ୍ନାମାୟା, ବୀର ବ୍ରହ୍ମେନ୍ଦ୍ର ସ୍ୱାମୀ ଓ ଯୋଗୀ ଭେମାନାଙ୍କୁ ଜନ୍ମ ଦେଇଥିବା କଡାପା ଜିଲା ଏକ ତୁଳସୀ ବଣ ଭଳି। ଏହି ତୁଳସୀ ବଗିଚାରେ ଏକ ଗଞ୍ଜେଇ ଗଛ ମଧ୍ୟ ଉଠିଛି। ସେ ହେଉଛନ୍ତି, ଜଗନ୍‌ମୋହନ ରେଡ୍ଡୀ। ଏହା ପୂର୍ବରୁ ଚନ୍ଦ୍ରାବାବୁ ଜଗନ୍‌ମୋହନଙ୍କୁ ଅପରାଧର ବ୍ରାଣ୍ଡ ଅମ୍ବାସାଡର ବୋଲି ଅଭିହିତ କରି ତାଙ୍କ ବିରୋଧରେ ୩୧ ଆପରାଧିକ ମାମଲା ଥିବା କହିଥିଲେ।

## ୧୬ ବର୍ଷ ପରେ ମଇଦାନରେ ଦିଗ୍‌ବିଜୟ

ଭୋପାଳ,୨୪।୩(ପି.ଟି.)



୧୬ ବର୍ଷର ବ୍ୟବଧାନ ପରେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କୁ ଭୋପାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ପ୍ରଥମ ଦଫାରେ ଦିଗ୍‌ବିଜୟ, ମୀନାକ୍ଷୀ ନଟରାଜନଙ୍କ ସମେତ ମଧ୍ୟପ୍ରଦେଶ ପାଇଁ ୯ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ନଟରାଜନ ମନ୍ଦସୁର ଆସନରୁ, କବିତା ସିଂ ଖଜୁରାହୋରୁ, କିରନ ଅହିରୱାର ଟିକମଗଡରୁ, ପ୍ରମିଳା ସିଂ ଶାହଡୋଲରୁ ଓ ଶୈଳେନ୍ଦ୍ର ଦିୱାନ ହୋସାଙ୍ଗାବାଦରୁ ପ୍ରାର୍ଥୀ ହୋଇଛନ୍ତି।

ଭୋପାଳରୁ କଂଗ୍ରେସ ଦିଗ୍‌ବିଜୟଙ୍କୁ ପ୍ରାର୍ଥୀ କରିବା ପରେ ଭାଜପା ସେଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ପ୍ରାର୍ଥୀ କରାଇବା ନେଇ ଚର୍ଚ୍ଚା ହେଉଛି। ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ମଧ୍ୟ ଦିଗ୍‌ବିଜୟଙ୍କ ବିରୋଧରେ ପ୍ରାର୍ଥୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

### ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ବିରୋଧରେ ଆବେଦନ

## ସୁପ୍ରିମକୋର୍ଟରେ ଶୁଣାଣି ଆଜି


ନୂଆଦିଲ୍ଲୀ,୨୪।୩(ପି.ଟି.)

ଜଙ୍ଗଲ ଜମିରୁ ଆଦିବାସୀଙ୍କୁ ଉଚ୍ଛେଦ ନ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ସାନି ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର ଶୁଣାଣି କରିବେ। ବେଆଇନ ଭାବେ ଆଦିବାସୀଙ୍କ ଜମି ଅଧିଗ୍ରହଣ ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିବା ନିମନ୍ତେ ମଧ୍ୟ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୫ ତାରିଖରେ ଉକ୍ତ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ୧୧.୮ ଲକ୍ଷ ବନବାସୀଙ୍କୁ ଉଚ୍ଛେଦ କରିବା ଲାଗି ଫେବୃୟାରୀ ୧୩ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ୨୮ରେ ସ୍ଥଗିତାଦେଶ ଦେଇଥିଲେ।

# ‘କେବଳ ଧନୀଙ୍କ ପାଇଁ ଚୌକିଦାର’

ନୂଆଦିଲ୍ଲୀ/ଲକ୍ଷ୍ନୌ,୨୪।୩(ପି.ଟି.)

ଚୌକିଦାରମାନେ ଗରିବଙ୍କ କଥା ଚିନ୍ତା କରୁନାହାନ୍ତି। ସେମାନେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି ବୋଲି ରବିବାର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତରପ୍ରଦେଶର ଭାଜପା ନେତାମାନଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟର ଆଖୁ ଚାଷୀଙ୍କ ବକେୟା ୧୦,୦୦୦ କୋଟି ଟଙ୍କା ଟପିଗଲାଣି ବୋଲି ପ୍ରକାଶିତ ଏକ ରିପୋର୍ଟକୁ ନେଇ ସେ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆଖୁ ଚାଷୀଙ୍କ ପରିବାର ଦିନରାତି ପରିଶ୍ରମ କରୁଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ ଆଖୁର ପାଉଣା ଦେଉନାହାନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ତେବେ ୨୦୧୨ରୁ ୨୦୧୭ ମଧ୍ୟରେ କୃଷକମାନେ ଅନାହାରରେ ପଡ଼ିଥିବାବେଳେ କଂଗ୍ରେସର ଶୁଭଚିନ୍ତକମାନେ କେଉଁଠି ଥିଲେ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ‘ଚୌକିଦାର ଚୋର୍ ହେ’ ବୋଲି କଂଗ୍ରେସ ପ୍ରଚାର କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ନେତାମାନେ ଟୁଇଟର୍‌ରେ ନିଜ ନାମ ଆଗରେ ‘ଚୌକିଦାର’ ଯୋଡ଼ିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୧୯.୭ |
| ଚାନ୍ଦବାଲି | ୩୪.୮ | ୨୧.୫ |
| କଟକ | ୩୭.୬ | ୨୧.୬ |
| ପାରାଦ୍ୱୀପ | ୩୨.୩ | ୨୩.୮ |
| ଭୁବନେଶ୍ୱର | ୩୮.୭ | ୨୧.୯ |
| ଗୋପାଳପୁର | ୩୨.୫ | ୨୩.୦ |
| ପୁରୀ | ୩୨.୮ | ୨୫.୦ |
| ଅନୁଗୋଳ | ୩୭.୧ | ୧୭.୦ |
| ବାରିପଦା | ୩୫.୦ | ୨୦.୪ |
| ଝାରସୁଗୁଡ଼ା | ୩୬.୧ | ୧୮.୪ |
| କେନ୍ଦୁଝର | ୩୩.୨ | ୧୭.୭ |
| ସମ୍ବଲପୁର | ୩୬.୧ | ୧୮.୩ |
| ସୁନ୍ଦରଗଡ଼ | ୩୫.୦ | ୧୬.୦ |
| ହୀରାକୁଦ | ୩୬.୫ | ୧୮.୬ |
| ତାଳଚେର | ୩୬.୫ | ୨୦.୫ |
| ଭବାନୀପାଟଣା | ୩୫.୮ | ୨୧.୦ |
| ବଲାଙ୍ଗୀର | ୩୭.୦ | ୨୨.୫ |
| କୋରାପୁଟ | ୩୫.୮ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୪୦.୦ | ୨୧.୦ |
| ସୋନପୁର | ୩୫.୮ | ୧୮.୦ |
| ଦାରିଙ୍ଗିବାଡ଼ି | ୩୨.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ଚର୍ଚ୍ଚାରେ ସପ୍ନା ଚୌଧୁରୀ

**କଂଗ୍ରେସରେ ମିଶିବା ଖବରକୁ ଖଣ୍ଡନ କଲେ**

**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶ କଂଗ୍ରେସ ମୁଖ୍ୟ ରାଜ ବବର ହରିୟାଣାର ଗାୟିକା ତଥା ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀଙ୍କୁ ଦଳକୁ ସ୍ୱାଗତ କରିବାର କିଛି ସମୟ ପରେ ସପ୍ନା ଦଳରେ ଯୋଗ ଦେଇ ନ ଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ପ୍ରିୟଙ୍କା ଗାନ୍ଧୀଙ୍କ ସହିତ ଥିବା ତାଙ୍କର ଫଟୋକୁ ଏଥିପାଇଁ ବ୍ୟବହାର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବବର ଶନିବାର ରାତିରେ ଚୌଧୁରୀଙ୍କୁ ସ୍ୱାଗତ କରିବା ସହିତ ପୂର୍ବ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସ ଜେନେରାଲ ସେକ୍ରେଟାରି ପ୍ରିୟଙ୍କା ଗାନ୍ଧୀଙ୍କ ଫଟୋ ସହିତ ତାଙ୍କର ଏକ ଛବିକୁ ଟୁଇଟରରେ ପୋଷ୍ଟ କରିଥିଲେ। କଂଗ୍ରେସ ପରିବାର ସପ୍ନା ଚୌଧୁରୀଙ୍କୁ ସ୍ୱାଗତ କରେ ବୋଲି ବବର ଟୁଇଟ୍ କରିଥିଲେ। ଅପରପକ୍ଷରେ ଚୌଧୁରୀ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଲୋକ ସଭା ନିର୍ବାଚନରେ ସେ କୌଣସି ରାଜନୈତିକ ଦଳ ପାଇଁ ପ୍ରଚାର କରୁନାହାନ୍ତି। ଅପରପକ୍ଷରେ ବବରଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି, ଗାୟିକା ସପ୍ନା ୟୁ-ଟର୍ନ ନେଇଥିବା ଦୃଷ୍ଟିରୁ ଏଥିରେ କିଛି କହିବାର ନାହିଁ। ସପ୍ନା ଦଳରେ ଯୋଗ ଦେବାପାଇଁ ସଦସ୍ୟତା ଫର୍ମ ପୂରଣ କରିଥିବା ସେ ଦେଖାଇଥିଲେ।



# ୨୯ ଓ ୧ରେ ଓଡ଼ିଶା ଆସିବେ ମୋଦି

- ୨୯ରେ ଜୟପୁର, ୧ରେ କଳାହାଣ୍ଡି ଆସିବେ
- ୨୬ରେ ଆସୁଛନ୍ତି ୬ କେନ୍ଦ୍ରମନ୍ତ୍ରୀ
- ମୋଦିଙ୍କ ଗସ୍ତର ୭ଦିନ ପରେ ଆସିପାରନ୍ତି ଶାହ
- ରାହୁଲଙ୍କ ସଭାକୁ କାଉଣ୍ଟର ପାଇଁ ଲକ୍ଷ୍ୟ

ଭୁବନେଶ୍ୱର,୨୪।୩ (ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ସବୁ ଦଳରେ ପ୍ରାର୍ଥୀ ଚୟନ ସହ ଅସନ୍ତୁଷ୍ଟମାନଙ୍କୁ ମନାଇବା ଏକ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ହେଲେ ଏହା ମଧ୍ୟରେ ଦୁଇ ଦଳ ବିଜେଡି ଏବଂ ଭାଜପା ନିର୍ବାଚନ ପାଇଁ ନିଜର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିସାରିଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ରହିଛି। ଖୁବ୍‌ଶୀଘ୍ର ଦଳ ଏହା ଘୋଷଣା କରିବ ବୋଲି ଜଣାପଡିଛି। ଭାଜପା ନିଜ ଷ୍ଟାର ପ୍ରଚାରକ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ରଖିଛି। ଏହିକ୍ରମରେ ଚଳିତ ମାସ ୨୯ ଓ ଏପ୍ରିଲ ୧ରେ ଦଳୀୟ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସୁଛନ୍ତି। ମୋଦିଙ୍କ ଏହି ଗସ୍ତ ସୂଚନା ମିଳିବାପରେ ଭାଜପା ନେତୃବୃନ୍ଦ ଏବଂ କର୍ମୀ ମହଲରେ ଉତ୍ସାହ ବଢିଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆସନ୍ତା ୨୬ରେ ୬ଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ଓଡିଶା ଆସିବେ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

କିଛିଦିନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସି କଳାହାଣ୍ଡି ଏବଂ ଜୟପୁରଠାରେ ସାଧାରଣ ସଭା କରି ଉଭୟ ମୋଦି ଏବଂ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଏହି ଗସ୍ତ କାଳରେ ଚାଷୀମାନଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହାକୁ କାଉଣ୍ଟର କରିବା ଲାଗି ସମାନ ସ୍ଥାନରେ ଭାଜପାର ସାଧାରଣ ସଭା ଆୟୋଜନ କରାଯାଉଥିବା ଜଣାପଡିଛି। ଆସନ୍ତା ୨୯ରେ ମୋଦି ରାଜ୍ୟ ଗସ୍ତରେ ଆସି ଜୟପୁରଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ। ଏହାର ୨ ଦିନ ପରେ ଅର୍ଥାତ୍ ଏପ୍ରିଲ ୧ରେ କଳାହାଣ୍ଡି ଆସି ରାଜନୈତିକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସବୁ ଦଳର ବର୍ତ୍ତମାନ ପଶ୍ଚିମ ଓଡିଶା ଭୋଟରଙ୍କ ଉପରେ ନଜର ରହିଛି। ମୋଦିଙ୍କ ଗସ୍ତର ୭ଦିନ ପରେ ଶାହଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଅପରପକ୍ଷରେ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ବିଜୟ ସଂକଳ୍ପ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୬ କେନ୍ଦ୍ରମନ୍ତ୍ରୀ ତଥା ସଞ୍ଜୟ ପାଶ୍ୱାନ, ଶିବରାଜ ସିଂ ଚହ୍ୱାନ, ଆର୍.କେ. ସିଂ, ରାମ ବିଚାର ନେତମ, ରାଧାମୋହନ ସିଂ ଏବଂ ଜୟନ୍ତ ସିହ୍ନା ୨୬ରେ ଓଡିଶା ଆସିବେ। ଭାଜପା ନିଜ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଚୂଡାନ୍ତ କରିସାରିଥିବା ବେଳେ ବିଜେଡି ସଭାପତି ରବିବାର ନୟାଗଡଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ଆରମ୍ଭ କରିଛନ୍ତି।

# ମାଟ୍ରିକ ପରୀକ୍ଷା: ଆଜିଠାରୁ ଖାତା ଦେଖା


**କଟକ ଅଫିସ,୨୪।୩:** ସୋମବାରଠାରୁ ଆରମ୍ଭ ହେବ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ଖାତା ଦେଖା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାଜ୍ୟର ୬୦ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହେବ। ଆବଶ୍ୟକସ୍ଥଳେ ସନ୍ଧ୍ୟା ୬ଟା ଯାଏ ଖାତାଦେଖା ସମୟ ଘୁଞ୍ଚାଯିବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୂଚନା ଦେଇଛନ୍ତି। ରବିବାର ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ପରୀକ୍ଷକମାନେ ପହଞ୍ଚି ସାରିଥିବାବେଳେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ମୂଲ୍ୟାୟନ ସମ୍ପର୍କିତ ବୈଠକ ଡକାଯାଇଥିଲା। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର ଖାତା ଦେଖା ନିମନ୍ତେ ମୋଟ୍ ୧୬,୦୩୦ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ମଧ୍ୟମା ପରୀକ୍ଷା ଖାତା ଦେଖିବେ ୧୭୬ଜଣ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ମୁଖ୍ୟ ପରୀକ୍ଷକ ଭାବେ ୭୬୧ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହାଛଡ଼ା ୧୪୮୨ଜଣଙ୍କୁ ଡେପୁଟି ମୁଖ୍ୟ ପରୀକ୍ଷକ, ୧୨,୨୬୫ଜଣଙ୍କୁ ସହକାରୀ ପରୀକ୍ଷକ, ୧୫୨୨ଜଣ ସ୍କ୍ରୁଟିନାଇଜର ଭାବେ ନିଯୁକ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ଉପରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି ବୋର୍ଡ ସଭାପତି ଡ. ବେଗମ୍। ପରୀକ୍ଷା କମିଟିର ନିଷ୍ପତ୍ତିକୁ ସର୍ବସାଧାରଣରେ ଘୋଷଣା କରାଯାଇ ପାରିବନାହିଁ। ପରୀକ୍ଷା କମିଟିର ନିଷ୍ପତ୍ତି ଓ ସେମାନଙ୍କ ମୂଲ୍ୟାୟନକୁ ଗୋପନୀୟ ରଖାଯାଇଛି ବୋଲି ସେ କହିଥିଲେ। ପରୀକ୍ଷାର୍ଥୀଙ୍କ ଅଭିଭାବକ ଓ ସମ୍ପର୍କୀୟମାନଙ୍କ ବିଶୃଙ୍ଖଳିତ ଆଚରଣ ସମେତ ଅଧିକ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ ହେବା ଅଭିଯୋଗରେ ବୋର୍ଡ କର୍ତ୍ତୃପକ୍ଷ ୩ଟି ପରୀକ୍ଷା କେନ୍ଦ୍ରର ଇଂଲିଶ ପରୀକ୍ଷା ବାତିଲ କରିଥିଲେ। ଏହି କେନ୍ଦ୍ରଗୁଡ଼ିକ ହେଉଛି ବଲାଙ୍ଗୀର ଜିଲାର ଘୁମୁସର ସରକାରୀ ନୋଡ଼ାଲ ହାଇସ୍କୁଲ, ଢେଙ୍କାନାଳ ଜିଲା ପଳାସପିଠିଆର ପି.ଆର ହାଇସ୍କୁଲ ଓ କଟକ ଜିଲା ଅନ୍ତର୍ଗତ ଗୋପୀନାଥପୁରର କୃପାସିନ୍ଧୁ ନୋଡାଲ ହାଇସ୍କୁଲ। ଏହାଛଡ଼ା ମାଲକାନଗିରି ଜିଲା ପଡ଼ିଆସ୍ଥିତ ଏସ୍.ଏସ୍.ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦୮ଜଣ ପରୀକ୍ଷାର୍ଥୀଙ୍କ ଗଣିତ ଉତ୍ତରଖାତା ଗାଏବ ହୋଇଯାଇଛି।




# କଳାପତରିଆ ବାଘ ଚମଡ଼ା ଜବତ ଘଟଣା
# ଆଉ ୩ ଗିରଫ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡାରୁ କଳାପତରିଆ ବାଘ ଚମଡ଼ା ଜବତ ଘଟଣାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ରବିବାର ଆଉ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଲଇକେରାର ନରେନ୍ଦ୍ର ପିଙ୍ଗ୍, ଦେବଗଡ଼ ରିଆମାଳର ମାନ୍‌ଫୁଲ ପ୍ରଧାନ ଓ ଜମାଖେରାର ଅକ୍ଷୟ ଭୋଇ। ଏମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି। ଏହି ୩ ଅଭିଯୁକ୍ତଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଏସ୍‌ଟିଏଫ୍ ୭ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ବନ କର୍ମଚାରୀ ଓ ଜଣେ ସେନା ଅଧିକାରୀ ଥିବା ଜଣାପଡ଼ିଥିଲା। ସେମାନେ ବିକ୍ରି କରିବା ଉଦ୍ଦେଶ୍ୟରେ ବାଘଛାଲ ପାଖରେ ରଖିଥିଲେ। ଏସ୍‌ଟିଏଫ୍ ଗିରଫ ୭ଜଣଙ୍କ ମଧ୍ୟରୁ ୬ଜଣଙ୍କୁ ୩ ଦିନ ରିମାଣ୍ଡରେ ନେଇଥିଲା। ସେମାନଙ୍କଠାରୁ ମିଳିଥିବା ତଥ୍ୟକୁ ଆଧାର କରି ପୁଣିଥରେ ଚଢ଼ାଉ କରିଥିଲା। ଏ ସମ୍ପର୍କରେ ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର କହିଛନ୍ତି, ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପରେ ଆମକୁ କିଛି ନୂଆ ଲିଙ୍କ୍ ମିଳିଥିଲା। ଏ ଦିଗରେ ତଦନ୍ତ କରିବା ବେଳେ ଆଉ ୩ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ସେମାନେ ବେଆଇନ ଭାବେ କଳାପତରିଆ ବାଘ ଚମଡ଼ା ବେପାର କରନ୍ତି। ଅଧିକ ତଥ୍ୟ ସଂଗ୍ରହ ପାଇଁ ସେମାନଙ୍କୁ ରିମାଣ୍ଡରେ ନେବାକୁ ଚେଷ୍ଟା କରିବୁ। ଅନ୍ୟପକ୍ଷରେ ଏହି ର୍ୟାକେଟ୍ ପଛରେ ଆଉ କାହାର ହାତ ରହିଛି ଓ ଏହାର ଚେର କେତେ ଦୂର ଲମ୍ବିଛି, ସେ ଦିଗରେ ଖୋଳତାଡ଼ କରାଯାଉଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ...........................................

ବୟସ:...........................................

ଜନ୍ମ ତାରିଖ: ..................................


ସିମ୍‌ରନ୍ ପରିବାରବର୍ଗ


ଅନୁଷ୍କା ପରିବାରବର୍ଗ


ଲିଜା ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

WagonR 2010, Alto 2013, Indica 2012 model for sale. Two wheeler also available. Contact Motodeal, Cuttack. 9437323645. D-66036

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100.D-11548




### SALE

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66047

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Booking simplex 2BHK 1200 sqft. land 20,50,000/- near Tankapani road Sai Temple 70% finance available. 7735738102. D-11721

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/- . 8658962508, 8480864171. D-66302

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65306

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65307

**ପିତାପଲ୍ଲିଛକ NH-5ରୁ 100ft. ଦୂରତାରେ 30' roadକୁ ଲାଗି BDA commercial plot ବିକ୍ରିହେବ। 8917543041.** D-66309




Open space available at Pahal near Utkal Signature (Audi Showroom) 15000 sqft. and 25000 sqft. Contact: 9338401309, 9853916309. D-62171

### ACCOMMODATION

We largest realestate marketing agency requires project of plot, duplex and apartment in Bhubaneswar and near Bhubaneswar for exclusive marketing rights, if any builder, property owners are interested to quickly dispossed of his property, then contact us immediately. 9937711302. D-66052

### ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଶୁଭେଚ୍ଛା



(ରିଷି)
**ଆୟୁଷ୍ମାନ ମୋହିତ**
ଭୀମଟାଙ୍ଗି, ଭୁବନେଶ୍ୱର

ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ କୋଟି ପରମାୟୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ଜେଜେ- ମାନସ, ଜେଜେମା- ସରସ୍ୱତୀ, ସଂଯୁକ୍ତା, ସ୍ନିଗ୍ଧା, ନୃସିଂହ କୁମାର, ଅନିମା, ମୋହନ, ସୁମିତ୍ରା, ମୁରାରୀ, ରିଙ୍କି, ମୁକୁନ୍ଦ ପ୍ରସାଦ ଓ ପରିବାର ଆତ୍ମୀୟସ୍ୱଜନ। ଧ-୧୧୮୦୯

### ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଶୁଭେଚ୍ଛା



(ରିଦ୍ଧି)
**ଆୟୁଷ୍ମତୀ ମାନବୀ**
ଭୀମଟାଙ୍ଗି, ଭୁବନେଶ୍ୱର

ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ କୋଟି ପରମାୟୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ଜେଜେ- ମାନସ, ଜେଜେମା- ସରସ୍ୱତୀ, ସଂଯୁକ୍ତା, ସ୍ନିଗ୍ଧା, ନୃସିଂହ କୁମାର, ଅନିମା, ମୋହନ, ସୁମିତ୍ରା, ମୁରାରୀ, ରିଙ୍କି, ମୁକୁନ୍ଦ ପ୍ରସାଦ ଓ ପରିବାର ଆତ୍ମୀୟସ୍ୱଜନ। ଧ-୧୧୮୧୦


### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ଆୟୁଷ୍ମାନ ମେହେର**

ଶୁଭ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ। ଶୁଭେଚ୍ଛା ଜଣାଇଛନ୍ତି: ବାପା, ନାନୀ, ଦାଦା, ଅମ୍ବିତ, କୁନି, ରଶ୍ମି ଏବଂ ସମସ୍ତ ପରିବାରବର୍ଗ। ଧ-୧୧୭୮୩

### ଶୁଭ ବ୍ରତୋପନୟନ ଶୁଭେଚ୍ଛା



(ପ୍ରଭୁ)
**ରିତୁରାଜ**
ଭାଗ୍ୟଲକ୍ଷ୍ମୀ ଓ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କ ସୁପୁତ୍ର
ଜଗନ୍ନାଥପୁର, ପିପିଲି

ନବବ୍ରହ୍ମଚାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ଚଲାପଥ କୁସୁମିତ କରନ୍ତୁ। ପପୁଲାର ଅଟୋମୋବାଇଲସ୍, ପିପିଲି। ଧ-୧୧୭୮୪

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଛି ତଥ୍ୟ

ଚଳିତ ମାସରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକ ମାନେ ୩୮,୨୧୧ କୋଟି ଟଙ୍କା ନିବେଶ କରିଛନ୍ତି। **– ବିଏସ୍‌ଇ**

## ଏନ୍‌କାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ଆହତ

### ପିସ୍ତଲ, ଗୁଳି ଜବତ

**ରାଉରକେଲା ଅଫିସ/ ବେଦବ୍ୟାସ, (ଡି.ଏନ୍.ଏ.) ୨୪।୩**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଡ଼ମାରାଇନ ତିତିରିବିନ୍ଧି ନିକଟ ରୁତୁକୁପେଡ଼ି-ଫିକରଚୁନ୍ଦି ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ରବିବାର ଏନ୍‌କାଉଣ୍ଟରରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଆହତ ହୋଇଛନ୍ତି। ତାଙ୍କ ନାମ ଅନିଲ ତିର୍କୀ (୨୬)। ଅନିଲଙ୍କ ଡାହାଣ ଗୋଡ଼ରେ ଗୁଳିବାଜିଛି। ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ନିକଟରୁ ପୋଲିସ ଏକ ପିସ୍ତଲ, ୩ ରାଉଣ୍ଡ ଗୁଳି ଓ ଜେଏଚ୍‌୦୧- ସିଏସ୍‌୩୩୧୪ନଂ ବାଇକ୍ ଜବତ କରିଛି। ସୂଚନାନୁସାରେ, ରବିବାର ଅପରାହ୍ନ ୨ଟାରେ ତିତିରିବିନ୍ଧି ଦେଇ ଅନିଲ ଖସି ପଳାଉଥିବା ପୋଲିସ ସୂଚନା ପାଇଥିଲା। ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ସନ୍ତୋଷ ଜେନା ଓ କଲୁଙ୍ଗା ଫାଣ୍ଡି ଅଧିକାରୀ ଦୁର୍ଗା ଜେନାଙ୍କ ସହ ରାଉରକେଲା ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ଅନିଲ ପୋଲିସକୁ ଆକ୍ରମଣ କରିବାରୁ ପୋଲିସ ପାଲଟା ଗୁଳି ଚଳାଇଥିଲା। ଗୋଟିଏ ଗୁଳି ତାଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଆହତ ଅବସ୍ଥାରେ ପୋଲିସ ତାଙ୍କୁ କାବୁ କରିଥିଲା। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଓ ରାଉରକେଲା ପୋଲିସ ଜିଲାରେ ଅନିଲଙ୍କ ବିରୋଧରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଲାଠିକଟା ଓ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନରେ ଥିବା ୨ ମାମଲା ଆଧାରରେ ପୋଲିସ ଦୀର୍ଘଦିନ ହେବ ତାଙ୍କୁ ଖୋଜୁଥିଲା। ପୂର୍ବରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ପୋଲିସ ତାଙ୍କୁ ଧରିବାକୁ ଦୀର୍ଘଦିନରୁ ଉଦ୍ୟମ ଚଳାଇଥିଲା।

# ଅଗ୍ନିକାଣ୍ଡରେ ୪୦ ବଖରା ଛାରଖାର

**ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)**

- ୨୧ ପରିବାର ସର୍ବସ୍ୱାନ୍ତ
- ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୧ ପରିବାରର ୪୦ରୁ ଊର୍ଦ୍ଧ୍ୱ ବଖରା ଜଳି ପାଉଁଶ ହୋଇଯାଇଛି। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଦମକଳ କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ।

ଘଟଣାରୁ ଜଣାପଡିଛି, ପାତ୍ରପଡା ଗ୍ରାମ କମାରସାହିର ଅଧିକାଂଶ ଲୋକ ସକାଳୁ ମଜୁରି କାମରେ ବାହାରି ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଗୋଟିଏ ଘରେ ନିଆଁ ଲାଗିଯାଇଥିଲା। ଆଖି ପିଛୁଳାକେ ଏହା ଅନ୍ୟ ଘରଗୁଡିକୁ ବ୍ୟାପି ଯାଇଥିଲା। ସାହି ଲୋକେ ଚେଷ୍ଟା କରି ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଗ୍ୟାସ ଚୁଲାରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଦମକଳ କର୍ମଚାରୀ ପ୍ରକାଶ କରିଛନ୍ତି। ଏହି ସମୟରେ ନରେଶ ବେହେରାଙ୍କ ୩ ବର୍ଷର ଶିଶୁ କନ୍ୟା ଘର ଭିତରୁ ବାହାରିପାରି ନ ଥିଲେ। ଦମକଳ କର୍ମଚାରୀ ତାଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡ ପରେ ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ଭେଟିଥିଲେ। ସେମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରିବା ସହ ସେଠାରେ ରହିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଥିଲେ। ପରେ ବାଗଡିଆ ରାଜସ୍ୱ ନିରୀକ୍ଷକ ଦୋଳଗୋବିନ୍ଦ ମଲ୍ଲିକ ଓ ଛେଣ୍ଡିପଦା ରାଜସ୍ୱ ନୀରିକ୍ଷକ ରବିନାରାୟଣ ସେନାପତି ଘଟଣାସ୍ଥଳରେ ପହଞ୍ଚି ସମସ୍ତ ବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ବଁଆରପାଳ ତହସିଲଦାର ଜିତେନ୍ଦ୍ର ସାହୁ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ବିଡିଓ ରୋମାଞ୍ଚିକ ଖମାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ୩ଦିନ ପର୍ଯ୍ୟନ୍ତ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି।

# ସହକାରୀ ଜିଲାପାଳଙ୍କ ଆତ୍ମହତ୍ୟା

### କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା ଅଭିଯୋଗ ଆଣିଲେ ପୁତୁରା

**ରାୟଗଡ଼ା ଅଫିସ୍,୨୪।୩**

ରାୟଗଡ଼ା ସହକାରୀ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ରବିବାର ଆତ୍ମହତ୍ୟା କରିଛନ୍ତି। ବହୁ ମାତ୍ରାରେ ବଟିକା ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ଅନ୍ୟ ପ୍ରଶାସନିକ ଅଧିକାରୀ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତେବେ ତାଙ୍କ ଉପରେ କେଉଁ ପ୍ରକାର ଚାପ ରହିଥିଲା ନା ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଏବେ ବଡ଼ ପ୍ରଶ୍ନ। ପୂର୍ବରୁ ଏଠାରେ ଜଣେ ଜିଲା ମଙ୍ଗଳ ଅଧିକାରୀ ମଧ୍ୟ କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା କରିଥିବା ଅଭିଯୋଗ ରହିଛି। ରବିବାର ଏଭଳି ଘଟଣା ପରେ ରାୟଗଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୧୧/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି।

# ଆହୁରି ୩ ଦିନ ଗ୍ରୀଷ୍ମ ପ୍ରବାହ

## ମାଲକାନଗିରିରେ ସର୍ବାଧିକ ୪୦ ଡିଗ୍ରୀ ତାପମାତ୍ରା

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ରବିବାର ଅଧିକାଂଶ ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଥିଲା। ଝାଞ୍ଜି ପବନ ସାଙ୍ଗକୁ ଅଧିକ ଖରା ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଆସନ୍ତା ୩ ଦିନ ମଧ୍ୟ ଏଭଳି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗକୁ ଗ୍ରୀଷ୍ମ ପ୍ରବାହ ଆହୁରି ଅସହ୍ୟ ହୋଇପଡ଼ିବ। ମାଲକାନଗିରିରେ ଗତ କିଛିଦିନ ହେବ ପାରଦ ୪୦ ଡିଗ୍ରୀ ଛୁଉଁଥିବା ବେଳେ ରାଜ୍ୟର ବାକି ସ୍ଥାନରେ ପାରଦ ୨ରୁ ୩ ଡିଗ୍ରୀ ବଢ଼ିଥିବା ଦେଖାଯାଇଛି।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ହାରାହାରି ୩୯ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ପାଖାପାଖି ରହିବ। ଏହା ପ୍ରଭାବରେ ପୂର୍ବାହ୍ନରେ ଗରମ ଅନୁଭୂତ ହେବ ଏବଂ ଅପରାହ୍ନରେ କାଳବୈଶାଖୀ ଜନିତ ବର୍ଷା, ପବନ ହୋଇପାରେ। ଆସନ୍ତା ୨୬ ଓ ୨୭ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, ଖୋର୍ଦ୍ଧା, ନୟାଗଡ଼ ଆଦି ସ୍ଥାନରେ କାଳବୈଶାଖୀ ହେବା ସମ୍ଭାବନା ରହିଛି। ୨୮ତାରିଖରୁ ପାଗରେ ପରିବର୍ତ୍ତନ ଆସିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମାଲକାନଗିରି ୪୦ ଡିଗ୍ରୀ ପରେ ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ଭୁବନେଶ୍ୱରରେ ରବିବାର ୩୮.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି କଟକ ୩୭.୬, ଅନୁଗୋଳ ୩୭.୧, ବଲାଙ୍ଗୀର ୩୭, ହୀରାକୁଦ ଓ ତାଳଚେର ୩୬.୫, ସମ୍ବଲପୁର ଓ ଝାରସୁଗୁଡ଼ା ୩୬.୧, ସୋନପୁର, କୋରାପୁଟ ଓ ଭବାନୀପାଟଣା ୩୫.୮ ଏବଂ ବାରିପଦା ଓ ସୁନ୍ଦରଗଡ଼ରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବାକି ଅନ୍ୟ ସହରଗୁଡ଼ିକରେ ୩୨ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ଜଣାପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ହଜାଇଦେଲେ...

ଲକ୍ଷ ଲକ୍ଷ ଚାକିରିଆ ନିଯୁକ୍ତି ହରାଇ ବେକାର ହୋଇଗଲେ ଏବଂ ଛୋଟ ବ୍ୟବସାୟୀ ବାଧହୋଇ ବେପାର ପେଡ଼ି ବନ୍ଦ କଲେ। ଦେଶରେ ବେକାରି ସମସ୍ୟା ୪୫ ବର୍ଷ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ନିଯୁକ୍ତି ଆଶାୟୀ ଯୁବତୀଯୁବକମାନେ କର୍ମସଂସ୍ଥାନ ପାଇଁ ଘୂରି ବୁଲୁଛନ୍ତି। କାମଧନ୍ଦା ଅଭାବ ଯୋଗୁ ଲକ୍ଷ ଲକ୍ଷ ପରିବାର ଅନ୍ୟ ରାଜ୍ୟ ଓ ଦେଶକୁ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସମାଗ୍ରୀର ଉଚିତ ମୂଲ୍ୟ ମିଳୁନାହିଁ। ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ସରକାର ପ୍ରୟାସ ଚଳାଇଥିବା କହୁଛନ୍ତି। କିନ୍ତୁ ହକ୍ ମାଗିଲେ ଗୁଳି ମିଳୁଛି। ଆନ୍ଦୋଳନ କଲେ ମୁଣ୍ଡ ଗଡ଼ୁଛି। ଫସଲହାନିରେ ମର୍ମାହତ ଚାଷୀ ଋଣବୋଝରେ ଉବୁଟୁବୁ ହୋଇ ଶେଷରେ ଆତ୍ମହତ୍ୟା କରୁଛି।

ଭାରତରେ ମହିଳାଙ୍କ ବିରୋଧରେ ଘଟୁଥିବା ଚତୁର୍ଥ ହିଂସା ହେଉଛି ବଳାତ୍କାର। ଦେଶରେ ପ୍ରତିଦିନ କେଉଁଠି ନା କେଉଠି ମହିଳାମାନେ ଶାରୀରିକ ନିର୍ଯାତନା ଓ ଉତ୍ପୀଡ଼ନର ଶିକାର ହେଉଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ସବୁବେଳେ ସରକାରୀ ଅଙ୍କୁଶ ଦେଖିବାକୁ ମିଳିଛି। ବାସ୍ତବ ଚିତ୍ର ସାମ୍ନାକୁ ଆଣି କେନ୍ଦ୍ରର ନୀତିଗୁଡ଼ିକୁ ସମାଲୋଚନା କରୁଥିବା ଲେଖକ, ଖବରଦାତା ଓ ବୁଦ୍ଧିଜୀବୀଙ୍କୁ ଅନେକ ସମୟରେ ଜୀବନ ହାରିବାକୁ ପଡ଼ିଛି। ଗୋବିନ୍ଦ ପାନ୍‌ସରେ(୨୦୧୫ ଫେବୃୟାରୀ), ଏମ୍.ଏମ୍. କଲବୁର୍ଗୀ (୨୦୧୫ ଅଗଷ୍ଟ) ଓ ଗୌରୀ ଲଙ୍କେଶ (୨୦୧୭ ସେପ୍ଟେମ୍ବର)ଙ୍କ ହତ୍ୟାକାଣ୍ଡ ଏହାର ଗୋଟିଏ ଗୋଟିଏ ଜ୍ୱଳନ୍ତ ଦୃଷ୍ଟାନ୍ତ। ବିଶେଷକରି ୨୦୧୪ରୁ ଏହି ଧାରା ଲମ୍ବିବାରେ ଲାଗିଛି। ଗୋସୁରକ୍ଷା ନାମରେ ତଥାକଥିତ ଗୋରକ୍ଷକ ଓ ହିନ୍ଦୁବାଦୀମାନେ ଦଳିତ ଏବଂ ସଂଖ୍ୟାଲଘୁଙ୍କୁ ବିଗତ ୫ ବର୍ଷରେ କେତେଥର ଆକ୍ରମଣ କରି କେତେଜଣଙ୍କୁ ହତ୍ୟା କରିଛନ୍ତି, ଏହାର ହିସାବ ସରକାରଙ୍କ ନଥିପତ୍ରରେ ନ ଥିବ। ସବୁବେଳେ ଚର୍ଚ୍ଚାର ବିଷୟ ପାଲଟୁଥିବା ଏହି ପ୍ରସଙ୍ଗ ସମୟ ସ୍ରୋତରେ ଏବେ ଇତିହାସ ପାଲଟିଯାଇଛି। ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ବହୁକୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣୁଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ମଧ୍ୟ ନିର୍ବାଚନ ସମୟରେ ଏହି ପ୍ରସଙ୍ଗରେ ଏକପ୍ରକାର ଚୁପ୍ ବସିଯାଇଛି। ବିଦେଶ ବୁଲିବାରେ ସର୍ବାଧିକ ଅର୍ଥ (୨୦୧୪ରୁ ୨୦୧୯ ମଧ୍ୟରେ ୯୨ ଦେଶ, ୪୮ ଥର ଗସ୍ତରେ ୨୦୨୧ କୋଟି ଟଙ୍କା) ଶ୍ରାଦ୍ଧ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ନୀତି ବିଶେଷକରି ଚାଇନା ଓ ପାକିସ୍ତାନ ପ୍ରସଙ୍ଗରେ କଂଗ୍ରେସ ଟାର୍ଗେଟ କରିଆସିଛି। ଆଣବିକ ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀ (ଏନ୍‌ଏସ୍‌ଜି)ରେ ସଦସ୍ୟତା, ୨୦୧୭ ଜୁନ୍‌ର ଡୋକ୍‌ଲାମ୍ ବିବାଦ ଓ ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍ ମୁଖ୍ୟ ମାସୁଦ୍ ଆଜାରଙ୍କୁ ଜାତିସଂଘରେ କଳାତାଲିକାଭୁକ୍ତ କରାଇବା ଉଦ୍ୟମ ସବୁଥିରେ (ଚାଇନା ଯୋଗୁ) ଭାରତକୁ ବାରମ୍ବାର ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଛି ବୋଲି କେନ୍ଦ୍ରକୁ ଟାର୍ଗେଟ କରୁଥିବା କଂଗ୍ରେସ ଚଳିତ ନିର୍ବାଚନରେ ଏହି ପ୍ରସଙ୍ଗ ଉଠାଉନାହିଁ। ପ୍ରାୟ ସବୁ ସାଧାରଣ ନିର୍ବାଚନର ଦଳୀୟ ଇସ୍ତାହାରରେ ରାମମନ୍ଦିର ନିର୍ମାଣର ପ୍ରତିଶ୍ରୁତି ଦେଉଥିବା ଭାଜପା ଏହାକୁ କେବଳ ଭୋଟ ଧ୍ରୁବୀକରଣର ଅସ୍ତ୍ର ଭାବେ ବ୍ୟବହାର କରୁଥିବା ବିରୋଧୀ ଅଭିଯୋଗ କରନ୍ତି। ଠିକଣା ବେଳେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାହି ଦେଇ ହାତବାନ୍ଧି ବସିଯାଇଛନ୍ତି। ଭାଜପାର ସଂକଳ୍ପପତ୍ର ପ୍ରକାଶ ପାଇଲେ ଏହାର ପରିବର୍ତ୍ତିତ ଆଭିମୁଖ୍ୟ ଜଣାପଡ଼ିବ।

ଅନ୍ୟପକ୍ଷରେ ଭାଜପା ନିର୍ବାଚନ ବେଳେ ଯେଉଁ ସବୁ ରଣନୀତି ଆପଣେଇ କ୍ଷମତାସୀନ ହୋଇଥାଏ, କଂଗ୍ରେସ ମଧ୍ୟ ସେହି ସହଜ ବାଟରେ ଚାଲୁଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭୋଟ ପାଇଁ ମଠମନ୍ଦିର ବୁଲି ଗଙ୍ଗାନଦୀକୁ ଆପଣେଇଛନ୍ତି। 'ନରମ ହିନ୍ଦୁତ୍ୱବାଦ'ର ଆଶ୍ରୟ ନେଇ ସଂଖ୍ୟାଗରିଷ୍ଠ ମତଦାତାଙ୍କ ଭୋଟ ହାତେଇବା ଆଶା ଏହାର ଏକମାତ୍ର କାରଣ ହୋଇପାରେ। ଏଭଳି ସମୟରେ ସମସ୍ତ ମୂଳ ପ୍ରସଙ୍ଗକୁ ପଛରେ ପକାଇ ଆତଙ୍କବାଦୀଙ୍କ ପୁଲୱାମା ଆକ୍ରମଣ ଓ ଭାରତୀୟ ବାୟୁସେନାର ବାଲାକୋଟ ପ୍ରତିଆକ୍ରମଣ କଥା ଉଠାଇ ଭାଜପା ଫାଇଦା ନେବାକୁ ଅଣ୍ଟାଭିଡ଼ିଛି ବୋଲି ବିଶ୍ଳେଷକମାନେ ମତବ୍ୟକ୍ତ କରୁଛନ୍ତି। ମୋଦି ମଧ୍ୟ ଆଉ 'ବିକାଶ' କଥା ପ୍ରାୟତଃ କହୁନାହାନ୍ତି। ତେଣୁ ଭୋଟର ଏଥର କେଉଁ ପ୍ରସଙ୍ଗକୁ ନେଇ ମତଦାନ କରିବେ ସେନେଇ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି ସୃଷ୍ଟି ହେବା ଅସ୍ୱାଭାବିକ ନୁହେଁ ବୋଲି ଚର୍ଚ୍ଚା ହେଉଛି।

## ବିଜେଡିର...

ପାଣିଗ୍ରାହୀ ଏବଂ ରୋହିତ ପୂଜାରୀଙ୍କୁ ପୁଣିଥରେ ଟିକେଟ ପ୍ରଦାନ କରାଯାଇଛି। ଝରିଗାଁ ବିଧାୟକ ତଥା ମନ୍ତ୍ରୀ ରମେଶ ମାଝି ନବରଙ୍ଗପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ରମେଶଙ୍କ ସ୍ଥାନରେ ତାଙ୍କ ଭାଇ ପ୍ରକାଶ ମାଝିଙ୍କୁ ପ୍ରାର୍ଥୀ କରାଯାଇଛି। ମାଲକାନଗିରି ବିଧାୟକ ଥିବା ମାନସ ମାଡକାମୀ, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି ଏବଂ ପଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ଟିକେଟ ମିଳିନାହିଁ। ସେହିପରି ଗତଥର ବଲାଙ୍ଗୀର ବିଧାନସଭାରୁ ପ୍ରାର୍ଥୀ ହୋଇଥିବା ଏ.ୟୁ. ସିଂଦେଓଙ୍କ ବଦଳରେ ତାଙ୍କ ପୁତ୍ର ଅର୍କେଶଙ୍କୁ ଟିକେଟ ପ୍ରଦାନ କରାଯାଇଛି। ବ୍ରଜରାଜନଗରରେ ଅନୁପ ସାଏଙ୍କୁ ପରିବର୍ତ୍ତନ କରାଯାଇ କିଶୋର ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଅନୁପଙ୍କୁ ଆଗାମୀ ଦିନରେ ରାଜ୍ୟ ସଭାରେ ଥଇଥାନ କରାଯିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି ପ୍ରଭାବରେ ସାହସିକତାର ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ରାହୁଙ୍କ ପ୍ରଭାବଜନିତ ପାଖ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କରିପାରନ୍ତି। ବନ୍ଧୁମାନଙ୍କ ସହଯୋଗ କାର୍ଯ୍ୟକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ଯାତ୍ରା ସମୟରେ ନିକଟ ସମ୍ପର୍କୀୟମାନଙ୍କୁ ଅପେକ୍ଷା କରି କରି ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ**
କର୍ମଭାବରେ ବୁଧ ଓ ଶୁକ୍ର ଏକାଧାରରେ ଅର୍ଥ, ସମ୍ମାନ ଓ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନରେ ସହାୟକ ହେବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଅତୀତରୁ ଲାଗି ରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବାର ଆଶଙ୍କା ରହିଛି। ମାଙ୍ଗଳିକ କାମରେ ବ୍ୟସ୍ତ ରହି ଗୁରୁତ୍ୱପୂର୍ଣ୍ଣ କାମଟିକୁ ପାଶୋରି ଦେଇପାରନ୍ତି।

**ମିଥୁନ**
ରାଶିରେ ବଳବାନ୍ ରାହୁ ଧନାଧିପତି ଠାରୁ ଅଷ୍ଟମସ୍ଥ ହେତୁ ଆପଣଙ୍କ ପ୍ରାପ୍ତି ଆଶା ନିରର୍ଥକ ହେବନାହିଁ। ପଦସ୍ଥବ୍ୟକ୍ତିଙ୍କ ହସ୍ତକ୍ଷେପ ଦ୍ୱାରା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇ ପାରନ୍ତି। ବନ୍ଧୁମାନଙ୍କର ପ୍ରତ୍ୟେକ କାର୍ଯ୍ୟ ଓ ଚାଲିଚଳନ ଆପଣଙ୍କ ପସନ୍ଦଯୋଗ୍ୟ ନ ହୋଇପାରେ।

**କର୍କଟ**
ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ସମ୍ମାନଜନକ ସ୍ଥିତି ସଙ୍ଗକୁ ଅର୍ଥ ଓ ଉପହାରାଦି ପ୍ରଦାନ କରିପାରେ। ଏକାଦଶସ୍ଥ ମଙ୍ଗଳ ଯୋଗ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ। ଶନିଙ୍କ ପ୍ରଭାବରେ ସାଧାରଣ କଥାରେ ମଧ୍ୟ ସନ୍ଦେହ କରି ନିଜ ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ମହିଳା ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା**
ରବି ଅଷ୍ଟମସ୍ଥାନସ୍ଥ ହେତୁ ସରକାରୀ ସ୍ତରରେ ସମସ୍ୟା ଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବ୍ୟୟାଧିପ ଚତୁର୍ଥଭାବରେ ରହି ଆପଣଙ୍କ ନୂତନ ଯାନବାହନ, ଗୃହ, ଯାନ୍ତ୍ରିକ ଜିନିଷ କିମ୍ବା ମୂଲ୍ୟବାନ ଗୃହୋପକରଣ କ୍ରୟ କରାଇବାର ମାନସିକତା ପ୍ରଦାନ କରିବେ। ବୁଧଙ୍କ ଦୁର୍ବଳତା ଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହେବାର ସୂଚନା ରହିଛି।

**ତୁଳା**
ଚତୁଃକେନ୍ଦ୍ର ଗ୍ରହଶୂନ୍ୟ ହେତୁ ସବୁ କିଛି ଥାଇ ମଧ୍ୟ କିଛି ନ ଥିବା ଭଳି ଅନୁଭବ କରିବେ। ଅବଶ୍ୟ ମୁଖଭାବରେ ଶୁଭଗ୍ରହ ପ୍ରଭାବରେ ବନ୍ଧୁଙ୍କ ଶ୍ରୁତିମଧୁର କଥା ସହ ଅର୍ଥଲାଭ ଘଟିପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ କିଛିନାକିଛି ଅଶାନ୍ତି ଓ ଅସନ୍ତୋଷ ମାନସିକ ସୁସ୍ଥତାକୁ ନଷ୍ଟ କରିବ।

**ବିଛା**
ଉଚ୍ଚ ଚିନ୍ତା ଓ ମହତ୍ ଉଦ୍ଦେଶ୍ୟ ନେଇ କାମ କଲେ ମଧ୍ୟ ଚତୁର୍ଥଭାବ ପ୍ରତି ଶନିଙ୍କ ଦୃଷ୍ଟି ଓଲଟାଫଳ ପ୍ରଦାନ କରିବ। ଫଳରେ ଭଲ କଲେ ମଧ୍ୟ ଅନ୍ୟମାନେ ତାହାକୁ ସକାରାତ୍ମକ ଭାବରେ ଗ୍ରହଣ କରିବେ ନାହିଁ। ବାଣିଜ୍ୟ,ବ୍ୟବସାୟ, ଆନୁଷ୍ଠାନିକ କାମ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଶନି ଓ କେତୁ ରାଶିରେ ରହି ଶାରୀରିକ ଓ ମାନସିକ ସୁସ୍ଥତାକୁ ନଷ୍ଟ କରିପାରନ୍ତି। ଅବଶ୍ୟ ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ହ୍ରାସ ଘଟିପାରେ। ଅର୍ଥ ସମ୍ପର୍କ, ବ୍ୟବସାୟ ଓ ଯାତ୍ରା ପ୍ରଭୃତିରେ କୌଣସି ଅସୁବିଧା ରହିବନାହିଁ।

**ମକର**
ଏକାଦଶସ୍ଥ ଚନ୍ଦ୍ର ଓ ବୃହସ୍ପତି କୌଣସି ଆତ୍ମୀୟ ସ୍ୱଜନଙ୍କ ସହ ସୁସମ୍ପର୍କ ସ୍ଥାପିତ କରାଇବ। ରଚନାତ୍ମକ କାର୍ଯ୍ୟ, ଆଲୋଚନା, ସଭାସମିତି, ନୂତନ କର୍ମାରମ୍ଭ ପ୍ରଭୃତି ପାଇଁ ଦିନଟି ବହୁତ ଭଲ। ଯାନବାହନ, ଲୋକସମ୍ପର୍କ ଓ ପାରିବାରିକ ସମସ୍ୟା ନେଇ ରହିଥିବା ଦୁଃଶ୍ଚିନ୍ତା ସାମୟିକ ମନକୁ ବିଭ୍ରାନ୍ତ କରାଇବ। ହଠାତ୍ କୌଣସି ଖବର ମନଦୁଃଖର କାରଣ ହୋଇପାରେ।

**କୁମ୍ଭ**
ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବ। ପ୍ରଶାସନିକ ସଫଳତା, ମାନସିକ ପ୍ରଫୁଲ୍ଲତା ଓ ଅର୍ଥନୈତିକ ଅଭିବୃଦ୍ଧିରୁ ଖୁସି ରହିବେ। ରାଜନୀତି କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ସ୍ୱାର୍ଥ ସାଧନ ମାନସରେ ବନ୍ଧୁଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ କରିବ।

**ମୀନ**
ଅନ୍ୟମାନଙ୍କୁ ଯେତେ ସାହାଯ୍ୟ କଲେ ମଧ୍ୟ ସେମାନେ ତାହାର ମୂଲ୍ୟ ବୁଝି ନ ପାରନ୍ତି। ପରିବାରରେ ମଧ୍ୟ ପ୍ରଶଂସା କରିବା ତେଣେ ଥାଉ ଆକ୍ଷେପୋକ୍ତି ଦ୍ୱାରା ମାନସିକ ଆଘାତ ପାଇ ଦୁଃଖ ପ୍ରକାଶ କରିବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ସାମୟିକ ଭାବରେ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଚୈତ୍ର କୃଷ୍ଣ ୫ମୀ ସୋମବାର, ମାର୍ଚ୍ଚ ୨୫ ତାରିଖ, ରାଶି ନକ୍ଷତ୍ର- ଅନୁରାଧା/ବିଛା, ମିଥୁନ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଅନୁରାଧା ନକ୍ଷତ୍ରେ ବ୍ରତୋପନୟନ, ସକାଳ ଘ୭।୨୦ମି. ମଧ୍ୟେ ଘ୧।୨୪ମି. ଗତେ, ଘ୨।୫୪ମି. ମଧ୍ୟେ ଘ୪।୨୫ମି. ଗତେ, ଘ୫।୫୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୫୧ମି. ଗତେ ଘ୧୦।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୭।୨୧ମି. ଗତେ ଘ୮।୫୧ମି. ମଧ୍ୟେ ରାହୁକାଳ।

■ ନୟାଗଡ଼ରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ

# ୨୧ଲୋକ ସଭା ଆସନ ଜିତିବାର ଦମ୍ଭୋକ୍ତି

**ନୟାଗଡ଼ ଅଫିସ,୨୪।୩**

ଆଉ ମାତ୍ର ଦିନ କେଇଟା ପରେ ସାଧାରଣ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ସାହିତ୍ୟ ଓ ସଂସ୍କୃତିର ସାଧନା ପୀଠ ନୟାଗଡ଼ରୁ ବିଜେଡି ରବିବାର ନିଜର ପ୍ରଚାର ଆରମ୍ଭ କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଷ୍ଟାଡ଼ିୟମଠାରେ ଆୟୋଜିତ କର୍ମୀ ସମାବେଶରେ ଯୋଗଦେଇ ଦଳର ପ୍ରଚାର କରିଛନ୍ତି। ଜିଲା ବିଜେଡ଼ି ସଭାପତି ତଥା ରଣପୁର ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ଅପରପକ୍ଷେ ନୟାଗଡରେ ବିଧାନସଭା ଆସନ ପ୍ରାର୍ଥୀ କିମ୍ବା ପୁରୀ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ସଭାକୁ ଲୋକଦେଖାଣିଆ ବୋଲି ବିରୋଧୀ କହିଛନ୍ତି।

ପ୍ରଥମେ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ବିଷୟରେ ମା'ମାନଙ୍କୁ ଅବଗତ କରାଇ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମିଶନ ଶକ୍ତିର ମା' ପ୍ରମିଳା ବିଶୋୟୀଙ୍କୁ ଆସିକା ଲୋକ ସଭା ଆସନରୁ ପ୍ରାର୍ଥୀ କରିଥିବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଜେଡ଼ି ପ୍ରଥମ ଦଳ ଯିଏ ମହିଳାଙ୍କ ପାଇଁ ଲୋକ ସଭାରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। ମହିଳାଙ୍କ ଶକ୍ତି ବୃଦ୍ଧି ହେଲେ ଘର, ଗାଁ, ରାଜ୍ୟ ଓ ଦେଶର ଉନ୍ନତି ହେବ ବୋଲି କହିଥିଲେ। ଚଳିତ ନିର୍ବାଚନରେ ଓଡ଼ିଶାର ୨୧ରୁ ୨୧ ଲୋକ ସଭା ଆସନରେ ଶଙ୍ଖ କ୍ଲିନ୍ ସୁଇପ୍ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଜେଡିର ହାଇକମାଣ୍ଡ ହେଉଛନ୍ତି ଓଡ଼ିଶାବାସୀ। ଆମର ରିମୋଟ୍ କଣ୍ଟ୍ରୋଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ହାତରେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାଳିଆ ଯୋଜନାରେ ଯେପରି କୌଣସି ଚାଷୀ ବାଦ୍ ନ ପଡ଼ିବେ ସେ ବିଷୟରେ ସେ ଧ୍ୟାନ ଦେଉଥିବା କହିଥିଲେ। ୨୦୧୪ରେ ଭାଜପା ନିର୍ବାଚନୀ ଇସ୍ତାହାରରେ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତାରେ ଏକ ନମ୍ବରରେ ରଖିଥିଲା। ହେଲେ ନିର୍ବାଚନ ପରେ ଏହାକୁ ଭୁଲିଗଲା। କୋଇଲା ଓ ରେଳବାଇ କ୍ଷେତ୍ରରେ କେନ୍ଦ୍ର ଅବହେଳା କରିଥିବା କଥା ଉଠାଇଥିଲେ। କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ଚଳିତଥର କୌଣସି ଦଳକୁ ବହୁମତ ମିଳିବ ନାହିଁ, ଏ କ୍ଷେତ୍ରରେ ବିଜେଡ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ସଂଯୋଜନା କରି ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁନାଲଟିଠାରେ ୧୮୩ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ୟାରେଜ ନିର୍ମାଣ କରାଯାଉଛି। ଏହାଦ୍ୱାରା ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକର ୮୦୦୦ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି କହିଥିଲେ। ପୁରୀ ଏମ୍‌ପି ପିନାକୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସବୁବେଳେ ନୟାଗଡ଼ ଜିଲା ଉପରେ ନଜର ରଖିଥିବା ପ୍ରକାଶ କରିଥିଲେ। ଭାଜପା ନିର୍ବାଚନୀ ଇସ୍ତାହାର ପାଳନ କରୁନ ଥିବାବେଳେ ବିଜେଡ଼ି ଏହାକୁ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ।


ନୟାଗଡ଼ ଷ୍ଟାଡ଼ିୟମଠାରେ ଆୟୋଜିତ କର୍ମୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣ ଦେଉଛନ୍ତି।

■ ସ୍ୱତନ୍ତ୍ର ପାହ୍ୟା ଦେବାରେ କେନ୍ଦ୍ର ଅବହେଳା କରିଛି
■ ବିଜେଡିର ହାଇକମାଣ୍ଡ ହେଉଛନ୍ତି ଓଡ଼ିଶାବାସୀ
■ ଆମ ରିମୋଟ୍ କଣ୍ଟ୍ରୋଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ହାତରେ

ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ୮ ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। ସମାବେଶରେ ବହୁ ସଂଖ୍ୟାରେ ମହିଳାପୁରୁଷ କର୍ମୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ବିରୋଧ କରି ଜିଲା କଂଗ୍ରେସ ସଭାପତି ରଣଜିତ ଦାସ କହିଛନ୍ତି ଯେ, ଏହା କେବଳ ଲୋକଦେଖାଣିଆ। ନୟାଗଡ଼ ଜିଲାର ବିଧାୟକମାନଙ୍କ ଟିକେଟ କଟାଯାଉଥିବାରୁ ସେମାନଙ୍କ ମଧ୍ୟରେ ଥିବା କନ୍ଦଳ ପ୍ରଶମିତ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ରଣଜିତ୍ କହିଛନ୍ତି।

■ ଦିଗପହଣ୍ଡି ବିଧାନସଭା କ୍ଷେତ୍ର

# ଭାଜପାରୁ ପିଙ୍କିଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ଧାରଣା

**ବ୍ରହ୍ମପୁର ଅଫିସ,୨୪।୩**

ଗଞ୍ଜାମ ଜିଲାର ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଓଡ଼ିଆ ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏହାକୁ ବିରୋଧ କରି ଦଳର କେତେଜଣ ବିଦ୍ରୋହୀ ସାଜିଛନ୍ତି। ଶନିବାର ମହନ୍ତ ଚିନ୍ମୟାନନ୍ଦ ଓ ତାଙ୍କ ସମର୍ଥକମାନେ ବ୍ରହ୍ମପୁର ଷ୍ଟେଶନରୋଡ ନିକଟ ଭାଜପାର ନିର୍ବାଚନୀ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ଦୀର୍ଘ ସମୟ ଧାରଣା ଦେଇଥିଲେ। ଦିଗପହଣ୍ଡି ପ୍ରାର୍ଥୀ ପରିବର୍ତ୍ତନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଅନ୍ୟ ଜଣେ ଆଶାୟୀ ଇଂ. ଉତ୍ତମ ପାଣିଗ୍ରାହୀ ମଧ୍ୟ ଘୋଷିତ ପ୍ରାର୍ଥୀ ତାଲିକାରୁ ପିଙ୍କିଙ୍କ ନାମ ବାଦଦେଇ ତାଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଉତ୍ତମ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିଥିଲେ। ସେଠାରୁ ନିରାଶ ହେବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଗପହଣ୍ଡି ଆସନରୁ ପ୍ରତିଦ୍ୱନ୍ଦିତା କରିବେ ବୋଲି ଚେତାବନୀ ଶୁଣାଇଛନ୍ତି ।

ସେହିପରି ଭାଜପାରୁ ଦିଗପହଣ୍ଡି ବିଧାନସଭା କ୍ଷେତ୍ରରେ ଲଢ଼ିବାକୁ ଆଉ ଜଣେ ଆଶାୟୀ ଥିବା ଶ୍ରୀକାନ୍ତ ପାଢ଼ୀଙ୍କ ସମର୍ଥକମାନେ ରବିବାର ବ୍ରହ୍ମପୁର ଆସି ନିର୍ବାଚନ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଶ୍ରୀକାନ୍ତଙ୍କୁ ପ୍ରାର୍ଥୀ କରିବା ପାଇଁ ସେମାନେ ନାରା ଦେଇଥିଲେ। ଏହି ସମୟରେ ପିଙ୍କି ଓ ଦଳର କେତେଜଣ ନେତା ସେଠାରେ ପହଞ୍ଚିଥିଲେ। ଦଳ ପକ୍ଷରୁ ପିଙ୍କିଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ତାହା ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି କେତେଜଣ ନେତା ଚରମବାଣୀ ଶୁଣାଇବାରୁ ଆନ୍ଦୋଳନକାରୀ ଫେରିଥିଲେ। ଆନ୍ଦୋଳନାକରୀଙ୍କ ମଧ୍ୟରୁ କେତେଜଣ ପିଙ୍କିଙ୍କ ସହ ସେଲ୍‌ଫି ନେଉଥିବା ଦେଖାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସରୋଜ ସାବତ କହିଛନ୍ତି, ସୋମବାର ପିଙ୍କି ବ୍ରହ୍ମପୁର ଉପଜିଲାପାଳଙ୍କ ଦପ୍ତରକୁ ଆସି ନାମାଙ୍କନପତ୍ର ଦାଖଲ କରିବା କାର୍ଯ୍ୟକ୍ରମ ରହିଛି । ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରୁଥିବା ମହନ୍ତ ଓ ତାଙ୍କ ସମର୍ଥକମାନେ ପିଙ୍କିଙ୍କ ସହିତ ଦିଗପହଣ୍ଡି ଯାଇ ନିର୍ବାଚନୀ କାର୍ଯ୍ୟରେ ସାମିଲ ହୋଇଥିବା ସାବତ କହିଛନ୍ତି।

**CORESONANT SYSTEMS IT TECHNOLOGIES**
Wanted Graduates with Computer Skills for SUPERVISOR Role at Haldia, WB.
SALARY: 2.2 Lakhs/Annum.
Interview: 26th & 27th March 2019.
Hotel Grand Central, Old Station Bazar Road, Bhubaneswar.
Contact: +91 9748124266, +91 9652478657.

# ଭାଜପାରେ ପ୍ରକାଶ ମିଶ୍ର

**ଯୋଗଦେଲେ ଦୁଇ ପୂର୍ବତନ ବିଧାୟକ**

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**

ପୂର୍ବତନ ପୋଲିସ ଓ ସିଆରପିଏଫ୍ ଡିଜି ପ୍ରକାଶ ମିଶ୍ର ରବିବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଦାମୋଦର ରାଉତଙ୍କ ଉପସ୍ଥିତିରେ ପ୍ରକାଶ ଭାଜପାରେ ସାମିଲ ହୋଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଦୀର୍ଘଦିନ ହେବ ପ୍ରକାଶ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଲାଗି ରହିଥିଲା। ଏବେ ପ୍ରକାଶଙ୍କୁ ଭାଜପା କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରିପାରେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ପ୍ରକାଶଙ୍କ ସମେତ ଦୁଇ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଓ ବୃନ୍ଦାବନ ମାଝୀ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ଏହି ଦୁଇ ନେତାଙ୍କୁ ମଧ୍ୟ ଧର୍ମେନ୍ଦ୍ର ଉତ୍ତରୀୟ ଓ ଦଳୀୟ ଟୋପି ଦେଇ ଭାଜପାକୁ ସ୍ୱାଗତ କରିଛନ୍ତି।

ଦଳରେ ଯୋଗଦେବା ଅବସରରେ ପ୍ରକାଶ କହିଛନ୍ତି, ଦୀର୍ଘ ୪୧ବର୍ଷ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରିଛି। ସେଥିରୁ ଅଧା ସମୟ ଓଡିଶାରେ କଟିଯାଇଛି । ଗତ ୫ବର୍ଷରେ ଓଡିଶାର ଶାସନ ଅତ୍ୟନ୍ତ ନୀଚ ସ୍ତରକୁ ଚାଲିଯାଇଛି। ଓଡିଆଙ୍କ ଆତ୍ମ ସମ୍ମାନକୁ ଯେଉଁ ଆଘାତ ଦିଆଯାଉଛି, ତାହାର ପ୍ରତିକାର କରିବାର ସମୟ ଆସିଛି । ଅନ୍ୟପଟେ ମୋଦୀଙ୍କ ନେତୃତ୍ୱରେ ଦେଶର ବିକାଶ ହୋଇଛି। ମୋଦୀଙ୍କ ସହ କାର୍ଯ୍ୟ କରିବା ଅବସରରେ ଏହା ଅନୁଭବ କରିଛି। ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ପାଇଁ ଅତ୍ୟନ୍ତ ଚିନ୍ତିତ ଏବଂ ସେ ଦିଗରେ କାର୍ଯ୍ୟ କରୁଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛି ବୋଲି ପ୍ରକାଶ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରକାଶ ମିଶ୍ର ଭାଜପାରେ ଯୋଗଦାନ ପରେ ଓଡିଶାର କିଛି ଲୁଟେରା ଏବଂ ଦୁର୍ନିତିଗ୍ରସ୍ତ ରାଜନେତାଙ୍କର ନିଦ ହଜିଯାଇଥିବ। ସେ ଯେତେବେଳେ ପୋଲିସ ଡିଜି ଥିଲେ ସେତେବେଳେ ରାଜ୍ୟରେ ହୋଇଥିବା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରିବା ଆରମ୍ଭ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଦୁର୍ନିତିରେ ଛନ୍ଦି ହୋଇଯିବା ଭୟରେ ପ୍ରକାଶଙ୍କୁ ଦାୟିତ୍ୱରୁ ହଟାଇ ଦେଇଥିଲେ। ଏପରିକି ୨୦୧୪ ନିର୍ବାଚନ ବେଳେ ବିଜେଡି ପୋଲିସ ଗାଡିରେ ଟଙ୍କା ବାଣ୍ଟିବା ପାଇଁ ତାଙ୍କୁ ବାଧ୍ୟ କରିଥିଲେ। ଯାହାକୁ ପ୍ରକାଶ ମାନି ନ ଥିଲେ। ଏଭଳି ଜଣେ ସ୍ୱଚ୍ଛ ପୋଲିସ ଅଧିକାରି ଭାଜପାରେ ଯୋଗଦେବା ଫଳରେ ଦଳ ଆହୁରି ଶକ୍ତିଶାଳି ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଦାମୋଦର ରାଉତ କହିଛନ୍ତି, ରାଜ୍ୟର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁକୁ ବିକି ବିଜେଡି ଶାସନ କରୁଛି । ମୁଖ୍ୟମନ୍ତ୍ରୀଙ୍କ ଚାରିପଟେ ବୁଲୁଥିବା କିଛି ନେତା ରାଜ୍ୟ ରାଜକୋଷକୁ ଲୁଟି ଚାଲିଛନ୍ତି । ରାଜ୍ୟରେ ଦୁର୍ନୀତି ଓ ଭଷ୍ଟାଚାର ବଢିବାରେ ଲାଗିଛି। କାଳିଆ ଯୋଜନା କଳା ଯୋଜନାରେ ପରିଣତ ହୋଇଛି। ଚାଷୀ ନୁହେଁ ବରଂ ବିଜେଡି ଦଳର ନେତାମାନେ ଏହି ଯୋଜନାର ଲାଭ ଉଠାଇଛନ୍ତି । ଅନ୍ୟପଟେ କେନ୍ଦ୍ର ସରକାରଙ୍କ ଅନୁଦାନକୁ ରାଜ୍ୟ ସରକାର ଖର୍ଚ୍ଚ କରି ନ ପାରି ସବୁ ସମୟରେ କେନ୍ଦ୍ର ଉପରକୁ ଦୋଷ ଲଦି ଚାଲିଛନ୍ତି । ଏହାର ଜବାବ ଓଡିଶାବାସୀ ଦେବେ ବୋଲି ଦାମ କହିଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ଡିଜି ପ୍ରକାଶ ମିଶ୍ରଙ୍କୁ ଦଳୀୟ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଉଛି।

# ଆଜି ବିଜେପୁରରୁ ନାମାଙ୍କନ ଭରିବେ ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ୍/ସୋହେଲା,୨୪।୩**

ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ। ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ଦାଖଲ ନେଇ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିବା ବେଳେ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ହୋଇ ସାରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପଦ୍ମପୁର ନିକଟ ସତୀଭଟା ଏୟାରପୋର୍ଟରେ ଦିନ ୧ଟା ୩୫ ମିନିଟ୍‌ରେ ଓହ୍ଲାଇବେ ଏବଂ ଏକ ସାଧାରଣ ସଭାରେ ସମ୍ବୋଧିତ କରିବା ସହିତ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରିବେ।




■ ବୀରମିତ୍ରପୁର ବିଧାନସଭା ଆସନ

# ଦିଲୀପଙ୍କୁ ନେଇ ଅଡୁଆରେ ବିଜେଡି

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ବିଜେଡି ପକ୍ଷରୁ ପ୍ରଥମ ଦୁଇ ପର୍ଯ୍ୟାୟ ପାଇଁ ୯ ଲୋକ ସଭା ଏବଂ ୬୧ ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ହେଲେ ସୁନ୍ଦରଗଡ଼ ଲୋକ ସଭା ଅନ୍ତର୍ଗତ ବୀରମିତ୍ରପୁର ପାଇଁ ରବିବାର ସୁଦ୍ଧା କୌଣସି ସହମତି ହୋଇପାରୁନାହିଁ। ସୁନ୍ଦରଗଡ଼ ଲୋକ ସଭାରେ ପୂର୍ବଥର ପ୍ରାର୍ଥୀ ହୋଇଥିବା ଦିଲୀପ ତିର୍କୀଙ୍କୁ ଏଥର ପ୍ରାର୍ଥୀ କରାଯାଇନାହିଁ। ତାଙ୍କ ବଦଳରେ କଂଗ୍ରେସରୁ ଆସିଥିବା ସୁନୀତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ଦିଲୀପଙ୍କୁ ବୀରମିତ୍ରପୁରରୁ ପ୍ରାର୍ଥୀ କରିବା ପାଇଁ ବିଜେଡି ନେତୃତ୍ୱ ଚେଷ୍ଟା କରୁଛି। ହେଲେ ସେଠାରେ ଆଶାୟୀ ଥିବା ଏକାଧିକ ପ୍ରାର୍ଥୀ ଏହାକୁ ବିରୋଧ କରୁଛନ୍ତି, ଯାହାକୁ ପ୍ରଶମିତ କରିବା ପାଇଁ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା ଜଣାପଡିଛି।

ପୁରୀ ଜିଲାର ସତ୍ୟବାଦୀ ନିର୍ବାଚନମଣ୍ଡଳୀ ପରି ବିଜେଡି ଏଠାରେ କେବେ ବି ଜିତିନାହିଁ। ୨୦୧୪ ନିର୍ବାଚନରେ ବିଜେଡି ଏଠାରେ ଚତୁର୍ଥ ଏବଂ ୨୦୦୯ରେ ତୃତୀୟ ସ୍ଥାନରେ ରହିଥିଲା। ତେଣୁ ଏହି ଆସନ ଜିତିବା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଦିଲୀପଙ୍କ ପ୍ରାର୍ଥୀତ୍ୱ ବ୍ୟତୀତ ବିଜେଡିରୁ ରାଜେନ୍ଦ୍ର କୁଜୁର, ଇମ୍ମା ଇକ୍କା, ପୂର୍ବତନ ବିଧାୟକ ନୀହାର ସୁରିନ୍ ଏବଂ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମୁକୁଲ ଏକ୍କାଙ୍କ ନାଁ ଚର୍ଚ୍ଚା ହେଉଛି। ଏମାନଙ୍କ ମଧ୍ୟରୁ ରାଜେନ୍ଦ୍ର କୁଜୁରଙ୍କ ନାମ ନେଇ ସର୍ବାଧିକ ଚର୍ଚ୍ଚା ହେଉଥିଲା। ହେଲେ କଂଗ୍ରେସ ଛାଡ଼ି ବିଜେଡିରେ ନବ ଦାସ ଯୋଗଦେବା ପରେ ସୁନ୍ଦରଗଡ଼ ବିଜେଡି ରାଜନୀତିରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି। ନବ ହିଁ ବିଜେଡି ନେତୃତ୍ୱକୁ ପ୍ରଭାବିତ କରି ଦିଲୀପଙ୍କ ବଦଳରେ ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା ଏବଂ ଯୋଗେଶଙ୍କୁ ବିଧାନସଭା ପାଇଁ ପ୍ରାର୍ଥୀ କରାଇ ପାରିଥିଲେ। ଏହାପରେ ଦିଲୀପଙ୍କୁ ଥଇଥାନ କରିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ବିଜେଡି ଯଦି ଦିନକ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ନେଇ ସହମତି ଆଣି ନ ପାରେ, ତେବେ ଦଳ ଆଉଥରେ ପରାଜିତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଦିଲୀପ ମୂଳତଃ ତଳସରା ଅଞ୍ଚଳର ହୋଇଥିବାରୁ ବୀରମିତ୍ରପୁରରେ ତାଙ୍କର ଗ୍ରହଣୀୟତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଂଗ୍ରେସ ଓ ଭାଜପା କିନ୍ତୁ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବାରେ ବିଜେଡିଠାରୁ ଢେର୍ ଆଗରେ। କଂଗ୍ରେସ ପକ୍ଷରୁ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ୍ ତିର୍କୀଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଭାଜପା ପକ୍ଷରୁ ଶଙ୍କର ଓରାମଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଆସନରେ ଜେଏମ୍‌ଏମ୍‌ର ମଧ୍ୟ ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ରହିଛି। ତେଣୁ ପ୍ରାର୍ଥୀ ଚୟନ ବିଜେଡି ପାଇଁ ଏତେଟା ସହଜ ନୁହେଁ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି।

# ଏପ୍ରିଲ ୨ରେ ଓଡ଼ିଶା ଆସିବେ ମାୟାବତୀ

## ରାଜ୍ୟରେ ଏସ୍‌ପି, ବିଏସ୍‌ପି, ଏଏପିର ଆସନ ବୁଝାମଣା

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି) ମୁଖ୍ୟ ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମାୟାବତୀ ଆସନ୍ତା ଏପ୍ରିଲ ୨ରେ ଓଡ଼ିଶା ଗସ୍ତରେ ଆସିବେ। ସେ ରାଜଧାନୀ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ ହେବାକୁ ଥିବା ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ବିଏସ୍‌ପିର କୌଣସି ବିଧାୟକ କିମ୍ବା ଏମ୍‌ପି ନାହାନ୍ତି। ହେଲେ ଭବିଷ୍ୟତରେ ଓଡ଼ିଶାରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ବିଏସ୍‌ପି ଚେଷ୍ଟା କରୁଛି। ୟୁପି ଭଳି ଓଡ଼ିଶାରେ ମଧ୍ୟ ବିଏସ୍‌ପି ସମାଜବାଦୀ ପାର୍ଟି(ଏସ୍‌ପି) ସହ ମେଣ୍ଟ କରିଛି। ସେହିପରି ଆମ୍ ଆଦ୍‌ମୀ ପାର୍ଟି(ଏଏପି) ମଧ୍ୟ ରାଜ୍ୟରେ ଏସ୍‌ପି, ବିଏସ୍‌ପି ସହ ଆସନ ବୁଝାମଣା କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ବିଏସ୍‌ପି ପକ୍ଷରୁ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଲୋକ ସଭା ଏବଂ ଏହା ଅନ୍ତର୍ଗତ ପ୍ରାୟ ସମସ୍ତ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ବୋଲି ସ୍ଥିର କରିଛି। ସେହିପରି ମେଣ୍ଟ ସହଯୋଗୀ ଥିବା ଏସ୍‌ପି କେବଳ ଜୁନାଗଡ଼, ଏଏପି ଖରିଆର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବ। ଏଏପି ପକ୍ଷରୁ ରବିବାର ୯ଟି ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ଆସନଗୁଡ଼ିକ ହେଉଛି– ସୁନ୍ଦରଗଡ଼ ଲୋକ ସଭା, ଏହା ଅନ୍ତର୍ଗତ ସୁନ୍ଦରଗଡ଼, ତଳସରା, ରାଜଗାଙ୍ଗପୁର, ବୀରମିତ୍ରପୁର, ରାଉରକେଲା, ରଘୁନାଥପାଲି ଏବଂ ବଣାଇ ବିଧାନସଭା। ଏହାକୁ ବାଦ୍ ଦେଇ ବଲାଙ୍ଗୀର ବିଧାନସଭା ପାଇଁ ମଧ୍ୟ ଦଳ ପ୍ରାର୍ଥୀ ଘୋଷଣା କରିଛି। କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଏସ୍‌ପିର ମଙ୍ଗ ଧରିଛନ୍ତି। ସେ ନିଜେ ଜୟପୁର ବିଧାନସଭା ଏବଂ ଭୁବନେଶ୍ୱର ଲୋକ ସଭାରୁ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିସାରିଛନ୍ତି।

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ

# ଚାଷୀଙ୍କୁ ବାଉଳା

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ବାଲାକୋଟ କାର୍ଯ୍ୟାନୁଷ୍ଠାନ ଉତ୍ତର ଭାରତରେ ସମ୍ଭବତଃ ଆଖିଦୃଶିଆ ପ୍ରଭାବ ପକାଇ ନାହିଁ। ଏଭଳି ଧାରଣା ସୃଷ୍ଟି କରିବା ପାଇଁ କୌଣସି ଅତ୍ୟଧିକ ରାଜନୈତିକ ବୁଦ୍ଧି ଦରକାର ନାହିଁ। ଉତ୍ତରପ୍ରଦେଶ ଭଳି କୃଷିଭିତ୍ତିକ ରାଜ୍ୟରେ ଚାଷୀ ଅସନ୍ତୋଷର ଭୂମିକା ଆସନ୍ତା ନିର୍ବାଚନରେ ଅଧିକ ରହିବ ବୋଲି ସ୍ପଷ୍ଟ ଜଣାପଡୁଛି। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଅନେକ ଚତୁର ଉପାୟ ଗ୍ରହଣ କରାଯାଉଥାଇପାରେ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଢ଼ିବାକୁ ଥିବା ବାରାଣସୀ ଲୋକ ସଭା ନିର୍ବାଚନମଣ୍ଡଳୀରୁ ୧୧୧ ଜଣ ଚାଷୀ ତାଙ୍କୁ ବିରୋଧ କରି ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ଏହା ପଞ୍ଚାୟତୱାରି ଭୋଟ ଛାରଖାର କରିବାର ଚିନ୍ତା ହୋଇଥାଇପାରେ। ତେବେ ଯେଉଁ ୧୧୧ ଜଣ ଚାଷୀ ମୋଦିଙ୍କ ବିରୋଧରେ ଲଢ଼ିବେ ବୋଲି ଘୋଷଣା କରିଛନ୍ତି, ସେମାନେ ସବୁ ତାମିଲନାଡୁର। ତାମିଲନାଡୁ କୃଷକ ନେତା ପି. ଆୟାକାନ୍ନୁ କହିଛନ୍ତି ଯେ, ଭାଜପା ତା'ର ନିର୍ବାଚନ ଇସ୍ତାହାରରେ କୃଷକଙ୍କ ଦାବି ପୂରଣ ସହ ସେମାନଙ୍କ ମଙ୍ଗଳ ନେଇ ସ୍ପଷ୍ଟ ଦିଗ୍‌ଦର୍ଶନ ରଖିଲେ, ସେମାନେ ନିର୍ବାଚନ ଲଢ଼ିବା ନିଷ୍ପତ୍ତିରୁ ଓହରିଯିବେ।

୧୧୧ ଜଣ ତଥାକଥିତ ଚାଷୀ କେବଳ ଲୋକଦେଖାଣିଆ ହୋହଲ୍ଲା ସୃଷ୍ଟି କରିବା ବ୍ୟତୀତ ବାସ୍ତବ ଭୋଟରେ କୌଣସି ପ୍ରଭାବ ପକାଇପାରିବେ ନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ତାମିଲନାଡୁର ପଲ୍ଲୀରୁ ଆସୁଥିବା ଚାଷୀ କେଉଁ ଉପାୟରେ ହିନ୍ଦୀ ଭାଷାଭାଷୀ ଲୋକଙ୍କଠାରୁ ସମର୍ଥନ ଲୋଡ଼ିବେ ତାହା ବୁଝିବା କଷ୍ଟକର। ଅନ୍ୟପଟେ ମନ୍ଦ ଉଦ୍ଦେଶ୍ୟକୁ ସହଜରେ ବୁଝି ହେଉଛି। ନାମକୁମାତ୍ର ପ୍ରତିଶ୍ରୁତି ଦେଇ ଭାଜପା ଇସ୍ତାହାର ପ୍ରକାଶ ପାଇଲେ, ଏହି ତାମିଲ ଚାଷୀମାନେ ନିର୍ବାଚନ ଲଢ଼ିବା ନିଷ୍ପତ୍ତିରୁ ଓହରି ଯାଇପାରନ୍ତି। ଯଦି ସେଭଳି ଘଟଣା ଘଟେ, ତେବେ ଉତ୍ତର ପ୍ରଦେଶର ବାରାଣସୀ ଲୋକ ସଭା ଆସନରେ ଥିବା ଚାଷୀଙ୍କ ଉପରେ ସାମାନ୍ୟ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ଯଦି ଏତେ ସଂଖ୍ୟକ ଚାଷୀ ମୋଦିଙ୍କ ବିରୋଧରେ ଲଢ଼ି ଅମାନତ ହରାନ୍ତି, ତେବେ ପ୍ରମାଣ ହୋଇଯିବ ଯେ ଚାଷୀ ପ୍ରତିବାଦର କୌଣସି ପ୍ରଭାବ ନାହିଁ।

ଭାରତରେ କୃଷକମାନେ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇପାରୁ ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଦେଶର ଅନେକ ସ୍ଥାନରେ ଚାଷୀ ଆତ୍ମହତ୍ୟା ଦେଖିବାକୁ ମିଳୁଛି। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ଚାଷୀ ବିରୋଧୀ ଚିନ୍ତାଧାରାକୁ ନେଇ ଅତୀତରେ ଅନେକ ବିକ୍ଷୋଭ ଓ ଶୋଭାଯାତ୍ରା ହୋଇଯାଇଛି। ଆଜି ଯେଉଁ କୃଷକ ସଙ୍ଗଠନ ମୋଦିଙ୍କ ବିରୋଧରେ ଲଢ଼େଇ କରିବାକୁ ଘୋଷଣା କରିଛି, ୨୦୧୭ରେ ଦିଲ୍ଲୀରେ ୧୦୦ରୁ ଅଧିକ ଦିନ ଧରି ଆନ୍ଦୋଳନ କରିଥିଲା। ସେହିଭଳି ୩୦ ନଭେମ୍ବର ୨୦୧୮ରେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁରୁ ପ୍ରାୟ ୩୫,୦୦୦ ଚାଷୀ ପାର୍ଲାମେଣ୍ଟ ଆଗରେ ପ୍ରତିବାଦ ସଭା କରିବାକୁ ଆସିଥିଲେ, ଯାହାକୁ ପୋଲିସ ଅଟକାଇଥିଲା। ଅନୁରୂପ ଭାବେ ଓଡ଼ିଶା କଥା ଦେଖିଲେ ୫ ନଭେମ୍ବର ୨୦୧୮ରେ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ରାଜଧାନୀ ଭୁବନେଶ୍ୱର ଆଡ଼କୁ ଆସିବା ବେଳେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଅଟକ ରଖାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କୃଷିକୁ ଯେଉଁ ଅବହେଳିତ କରି ରଖିଆସିଥିଲେ ତାହାର ନକାରାତ୍ମକ ପରିଣତି ପୂର୍ବରୁ ତିନୋଟି ଭାଜପା ଶାସିତ ହିନ୍ଦୀ ଭାଷୀ ରାଜ୍ୟ ଉପରେ ନଭେମ୍ବର-ଡିସେମ୍ବର ୨୦୧୮ରେ ହୋଇଥିବା ନିର୍ବାଚନରେ ପଡ଼ିଥିଲା। ସେହି ସମୟରେ ହୋଇଥିବା ବିଧାନସଭା ନିର୍ବାଚନରେ ଭାଜପା ବିପୁଳ ସଂଖ୍ୟାରେ ହାରିଯାଇଥିଲା। ଏହାକୁ ଲକ୍ଷ୍ୟ କରି ବିଜୁ ଜନତା ଦଳ ସରକାର ୪ର୍ଥ ପାଳିର ଶେଷ ନିଃଶ୍ୱାସ ନେବା ପୂର୍ବରୁ ଚାଷୀଙ୍କ ଉଦ୍ଦେଶ୍ୟରେ 'କାଳିଆ' ଯୋଜନା ଘୋଷଣା କରିଥିଲେ। ଅନୁରୂପ ଭାବେ କେନ୍ଦ୍ରରେ ଭାଜପା ସରକାର ତରବର ହୋଇ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଘୋଷଣା କଲେ। ବାସ୍ତବରେ ଏହିସବୁ ଯୋଜନା ଦ୍ୱାରା ଚାଷୀ କିଭଳି ଉପକୃତ ହେଉଛନ୍ତି ତାହା ତତ୍‌କ୍ଷଣାତ୍ କହିହେବ ନାହିଁ। ସେହିଭଳି ୧୧୧ ଜଣ କୃଷକ ମୋଦିଙ୍କ ବିରୋଧରେ ପ୍ରାର୍ଥୀ ହେବା ନେଇ ଉଠୁଥିବା ବିଷୟ କେବଳ ଚାଷୀଙ୍କୁ ବାଉଳା କଲା ଭଳି ପ୍ରତୀୟମାନ ହେଉଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | | | | | E | D | | | | |
| | 8 | | | | 6 | 4 | | E | | | 3 | | | A |
| | | 2 | 9 | | | | | | A | | 4 | | 7 | |
| 7 | | | | 8 | | | | D | | 6 | B | 2 | | |
| | 4 | | | | 7 | | B | 0 | | | | E | 6 | 5 |
| | B | 3 | | | | | | | C | | | 8 | | E |
| | | | | | | 7 | 4 | | 8 | | | | | B |
| | 7 | | | 5 | A | | | | | 4 | | 0 | | |
| | | 0 | | | D | | | | 5 | | | | | |
| 6 | | | | | | B | | | | A | D | 7 | | |
| | | | C | 2 | | 5 | | 4 | | | | 1 | | 0 |
| 2 | A | | 0 | 4 | | 6 | | | 3 | | | D | E | |
| | | 9 | | | 8 | | 2 | | 1 | E | | | C | |
| | | | | D | | E | | B | | 8 | | 6 | | |
| | | B | | | 5 | 0 | | 3 | | 7 | 6 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | 8 | 7 | 5 | C | 4 | 3 | B | 2 | D | 0 | 1 | 6 | 9 |
| 2 | 5 | 3 | 6 | A | E | 1 | C | 9 | 7 | 8 | 4 | 0 | D | B |
| 7 | 0 | 4 | D | 1 | 9 | 8 | 2 | 5 | B | 6 | 3 | E | A | C |
| C | D | 6 | B | 4 | 2 | A | 0 | E | 9 | 1 | 5 | 3 | 7 | 8 |
| 9 | 1 | B | 0 | 8 | 3 | 6 | 7 | D | E | C | A | 5 | 4 | 2 |
| 6 | 9 | 0 | 3 | C | A | 7 | D | 4 | 1 | 5 | 2 | 8 | B | E |
| D | 2 | 7 | 5 | E | 4 | C | A | 3 | 6 | B | 8 | 9 | 1 | 0 |
| 8 | B | E | 2 | 7 | 6 | 9 | 1 | 0 | 3 | 4 | C | D | 5 | A |
| 4 | 3 | 5 | 1 | D | B | E | 6 | 8 | A | 0 | 9 | 2 | C | 7 |
| 1 | C | A | 8 | 9 | 0 | 5 | B | 2 | D | 7 | E | 6 | 3 | 4 |
| 5 | 7 | D | 4 | 0 | 1 | 2 | E | C | 8 | A | 6 | B | 9 | 3 |
| 3 | 4 | 9 | A | 2 | 8 | B | 5 | 6 | C | E | 1 | 7 | 0 | D |
| B | E | 1 | C | 3 | 5 | D | 8 | A | 0 | 9 | 7 | 4 | 2 | 6 |
| 0 | 8 | C | 9 | 6 | D | 3 | 4 | 7 | 5 | 2 | B | A | E | 1 |
| A | 6 | 2 | E | B | 7 | 0 | 9 | 1 | 4 | 3 | D | C | 8 | 5 |

ଗତକାଲିର ଉତ୍ତର

# ଅବାଞ୍ଛିତ ନାବାଳିକା ମାତୃତ୍ୱ



ନାରାୟଣ ପଣ୍ଡା

ସନ୍ତାନକୁ ଜନ୍ମ ଦେଉଥିବା ମା' ଏକ ମଧୁରତମ ଶବ୍ଦ, ଯାହାର ବିକଳ୍ପ ହୁଏତ ଶବ୍ଦକୋଷରେ ନାହିଁ। ମା' ବକ୍ଷର ଅମୃତ ପାନକରି ଶୈଶବର ବେଶ୍ କିଛିବର୍ଷ ଅବୋଧ ଶିଶୁଟି ଜୀବନ ଧାରଣକରେ। ସେ ବିଶ୍ୱ ନିର୍ମାଣର ଜନ୍ମବେଦି। ନାରୀ ଅଦିତି-ଅଖଣ୍ଡନୀୟା। ସନ୍ତାନକୁ ଜନ୍ମଦେଇ ସେ ମନୁଷ୍ୟ ଜାତିର ଧାରାବାହିକତା ରକ୍ଷାକରେ। ଜଣେ ଜନନୀ ପକ୍ଷରେ ସର୍ବାଧିକ ଗୌରବମୟ ସମୟ ତା'ର ଗର୍ଭଧାରଣ ଓ ସନ୍ତାନ ଜନ୍ମଦାନରେ ନିହିତ ଥାଏ। ଆମ ସମାଜରେ ଗର୍ଭିଣୀ ନାରୀମାନଙ୍କୁ ବିଭିନ୍ନ ପ୍ରକାର ସୁମିଷ୍ଟ ଖାଦ୍ୟପଦାର୍ଥ ଖାଇବାକୁ ଦିଆଯାଇଥାଏ। ଗର୍ଭାଧାନଠାରୁ ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନିଷ୍କ୍ରମଣ, ଅନ୍ନପ୍ରାଶନ ଓ ମୁଣ୍ଡନ ଆଦି ସନ୍ତାନ ଭୂମିଷ୍ଠ ହେବାର ଏକବର୍ଷ ପର୍ଯ୍ୟନ୍ତ ପରିବାରରେ ବିଭିନ୍ନ ସାମାଜିକ-ସାଂସ୍କୃତିକ-ଧାର୍ମିକ କାର୍ଯ୍ୟକ୍ରମ ଲାଗି ରହିଥାଏ। ଆମ ଦେଶର କୁଟୀରବାସୀ ଦରିଦ୍ର ପରିବାରଠାରୁ ପ୍ରାଚୁର୍ଯ୍ୟଭରା ବହୁତଳ-ହର୍ମ୍ୟବାସୀ ଧନିକମାନଙ୍କ ପରିବାରର ସନ୍ତାନ ସମ୍ଭାବନା କାଳରେ, ବିଶେଷକରି, ପ୍ରଥମ ସନ୍ତାନ ଆଗମନୀରେ ଅମାପ ଆଗ୍ରହ, ଆକାଂକ୍ଷା ଓ ଅପେକ୍ଷା ରହିଥାଏ। ଅପୂର୍ବ ବିହ୍ୱଳତାରେ ଭରିଥାଏ ଗୃହାଙ୍ଗନ। ଆଉ କେତେକ ସ୍ଥାନରେ ହତଭାଗ୍ୟ ନବଜାତକର ଜନ୍ମ ପରିବାରରେ ନିରାନନ୍ଦ ଓ କଳଙ୍କର କାଳିମା ଛାଇଦିଏ। ସନ୍ତାନର ଏହି ଜନ୍ମ ଥାଏ ଅବାଞ୍ଛିତ। ଏ ପ୍ରକାର ଜନ୍ମରେ ମାତାପିତା, ପରିବାର ଓ ସମାଜ ଖୁସିହେବା ପରିବର୍ତ୍ତେ ଦୁଃଖ, ଅପମାନ ଓ ନୈରାଶ୍ୟର କାଳିମା ଗ୍ରାସ କରେ ସେମାନଙ୍କ ଜୀବନର ସମସ୍ତ ପ୍ରଫୁଲ୍ଲତାକୁ। କଳଙ୍କର ମୋହର ଲାଗିଯାଏ ସେମାନଙ୍କଠାରେ।

ଏ ମାତୃତ୍ୱ ଅବାଞ୍ଛିତ ମାତୃତ୍ୱ। ଅନାହୂତ ଗର୍ଭାଧାନରେ ସୃଷ୍ଟିର ସ୍ୱାଭାବିକ ଆନନ୍ଦ ଉଲ୍ଲାସ ନ ଥାଏ। ଏଭଳି ମାତୃତ୍ୱ ଉଭୟ ବୟସ୍କା ଅବିବାହିତା ଓ ନାବାଳିକା କିଶୋରୀମାନେ ଅନେକ ସମୟରେ ନିଜ ଇଚ୍ଛାରେ କିମ୍ବା ନିଜ ଇଚ୍ଛା ବିରୋଧରେ ଅର୍ଜନ କରିଥାନ୍ତି। ଜାତିସଂଘର ନାବାଳିକା ମାତୃତ୍ୱ ଶୀର୍ଷକ ଏକ ସନ୍ଦର୍ଭରେ କୁହାଯାଇଛି, ୧୫ରୁ ୧୯ ବର୍ଷ ପର୍ଯ୍ୟନ୍ତ ବାଳିକାମାନେ ବିଶ୍ୱରେ ୪୯% ଗର୍ଭଧାରଣ କରନ୍ତି। ଭାରତରେ ଏହା ୭୬% ଥାଇ ବିଶ୍ୱରେ ସର୍ବୋଚ୍ଚ ରହିଛି। ଏଠାରେ ଆମେ କେବଳ ନାବାଳିକା ଓ କିଶୋରୀମାନଙ୍କର ଯୌବନୋଦ୍‌ଗମକାଳୀନ ଇଚ୍ଛା କିମ୍ବା ଅନିଚ୍ଛାଜନିତ ପୁରୁଷଙ୍କ ଯୌନସାନ୍ନିଧ ଦ୍ୱାରା ସନ୍ତାନବତୀ ହେବା ପ୍ରସଙ୍ଗରେ ଆଲୋଚନା ସୀମିତ ରଖୁଛୁ। ଆମର ଏ ସାନ ସାନ ମା'ମାନେ ଉଚ୍ଚ ପ୍ରାଥମିକ କିମ୍ବା ମାଧ୍ୟମିକ ସ୍ତରରେ ଶିକ୍ଷା ଗ୍ରହଣ କାଳରେ ହିଁ ମାତୃତ୍ୱର ଅନୁଭୂତି ଲାଭ କରିଥାନ୍ତି। କେହି କେହି ସୁଧାରଗୃହ କିମ୍ବା ଆଶ୍ରୟଗୃହରେ ରହିଥାନ୍ତି।

ଏହି କୁନି ମା'ମାନେ ଘରର ଅବାଧ ଝିଅମାନଙ୍କ ପରି ଅସମ୍ମାନିତା ଓ ଦଣ୍ଡିତା ହୋଇଥାନ୍ତି। ପୂର୍ବରୁ ଯେ ଏପରି କଳଙ୍କିତ ବ୍ୟାପାର ସଂଘଟିତ ହେଉ ନ ଥିଲା ତାହା ନୁହେଁ। ବର୍ତ୍ତମାନ କିନ୍ତୁ ନାରୀଶିକ୍ଷା ହାରରେ ପ୍ରଗତି ଘଟିଛି ଏବଂ ପୂର୍ବାପେକ୍ଷା ଅଧିକସଂଖ୍ୟକ ବାଳିକା ବିଦ୍ୟାଳୟର ନିୟମିତ ଉପସ୍ଥାନରେ ରହୁଛନ୍ତି। ନାରୀଶିକ୍ଷାକୁ ଅଗ୍ରାଧିକାର ଦିଆଯାଉଥିବାରୁ ବାଳିକା ଓ କିଶୋରୀମାନଙ୍କ ପାଇଁ ଆବାସିକ ବିଦ୍ୟାଳୟମାନ ଗଢିଉଠୁଛି। ବିଶେଷକରି ଅନୁସୂଚିତ ଜାତି ଓ ଜନଜାତିବହୁଳ ଅଞ୍ଚଳରେ ଏ ପ୍ରକାର ବିଦ୍ୟାଳୟ ସଂଖ୍ୟା ଅଧିକ। ଉକ୍ତ ଛାତ୍ରାବାସଗୁଡ଼ିକରେ ରହୁଥିବା ୬ରୁ ୧୮ ବର୍ଷ ମଧ୍ୟରେ ବାଳିକାମାନେ କେତେକ କ୍ଷେତ୍ରରେ ଗର୍ଭଧାରଣ କରୁଥିବା ଓ ଏହାର କ୍ରମବର୍ଦ୍ଧମାନତା ସମ୍ପ୍ରତି ସମାଜର ସବୁବର୍ଗର ଲୋକମାନଙ୍କୁ ବିଚଳିତ କରୁଛି।

ଛାତ୍ରୀନିବାସରେ ଶିକ୍ଷକ, ତତ୍ତ୍ୱାବଧାରକ ଓ ନର୍ସମାନଙ୍କ ରହିବା ବ୍ୟବସ୍ଥା ରହିଛି। ପ୍ରତିଦିନ ମୁଣ୍ଡ ଗଣତି କରାଯାଇ ସେମାନଙ୍କ ଉପସ୍ଥିତି ସୁନିଶ୍ଚିତ କରାଯାଉଛି। ନର୍ସମାନେ ଅଛନ୍ତି ସ୍ୱାସ୍ଥ୍ୟପରୀକ୍ଷା ପାଇଁ। ବାଳିକାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟାଳୟରେ ପ୍ରାୟତଃ ମହିଳା ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ଦିଆଯାଉଛି। ଯେଉଁଠାରେ ନର୍ସ ନାହାନ୍ତି, ସେଠାରେ ସ୍ଥାନୀୟ ଡାକ୍ତରଙ୍କ ଦ୍ୱାରା ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ କରାଯାଉଛି। ଏହା ସତ୍ତ୍ୱେ ଦୀର୍ଘ ନଅମାସ ଗର୍ଭରେ ସନ୍ତାନଧାରଣ କରି ସମ୍ପୃକ୍ତ ବାଳିକାମାନେ ଅନାହୂତ ମାତୃତ୍ୱ ଲାଭ କରୁଛନ୍ତି। ନାବାଳିକା ଜଣକ ପ୍ରସବ କରିସାରିଲା ପରେ ଲୋକଲୋଚନକୁ ଆସୁଛି ଏହି ଲଜ୍ଜାଜନକ ଘଟଣା। ତା'ପରେ କାର୍ଯ୍ୟାନୁଷ୍ଠାନ ଗତାନୁଗତିକ ରୀତିରେ ଚାଲେ। ସରକାର ତତ୍‌କ୍ଷଣାତ୍ କିଛି କର୍ମଚାରୀଙ୍କୁ ନିଲମ୍ବନ କରନ୍ତି କିମ୍ବା କେତେକ ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କାର ଆଦେଶ ଦେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। କେତେକ କ୍ଷେତ୍ରରେ ଲୋକଙ୍କ ଚାପରେ ପୀଡ଼ିତାଙ୍କୁ ଅନୁକମ୍ପା ରାଶି ମଧ୍ୟ ଦିଆଯାଇଥାଏ। କିନ୍ତୁ ସମସ୍ୟାର ଅନ୍ତ ଘଟେ ନାହିଁ। ପୁନଶ୍ଚ ଏଭଳି ଲଜ୍ଜାଜନକ ଘଟଣା ଲୋକଲୋଚନାକୁ ଆସିଥାଏ। ବୁଦ୍ଧିଜୀବୀ, ସମାଜର ଚିନ୍ତାଶୀଳ ବ୍ୟକ୍ତି, ସର୍ବୋପରି ସରକାର ଉଦ୍‌ବେଗ ପ୍ରକାଶ କରନ୍ତି। ପୋଲିସ ବିଭାଗ ତତ୍ପର ହୋଇଉଠେ। କିନ୍ତୁ ଏଥିରେ ସମସ୍ୟାର ଅନ୍ତ ଘଟେ ନାହିଁ। ବରଂ ଏ ଅବାଞ୍ଛିତ ଗର୍ଭଧାରଣ ମୂଳର କାରଣଗୁଡିକ ଖୋଜି ତହିଁର ନିରାକରଣ କରିବାହିଁ ସବୁଠୁଁ ଉତ୍ତମ।

ଅନେକ ସମୟରେ ଛାତ୍ରୀମାନେ ବିଦ୍ୟାଳୟର ଗ୍ରୀଷ୍ମାବକାଶର ଦୀର୍ଘ କିମ୍ବା ଦଶହରା ଓ ଧାନକଟା ଅବକାଶର ସ୍ୱଳ୍ପଅବଧି ଛୁଟିଗୁଡ଼ିକରେ ଘରକୁ ଯାଇ ଛାତ୍ରୀନିବାସର ଶୃଙ୍ଖଳାକୁ ଭୁଲିଯାଇଥାନ୍ତି। ସେମାନେ ଅଧିକାଂଶ ଗ୍ରାମାଞ୍ଚଳ ପଛଭୂମିରୁ ଆସିଥିବା ଯୋଗୁ ପରିଚିତ ଓ ଅପରିଚିତ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସି ନିଜର ପତନକୁ ନିମନ୍ତ୍ରଣ କରିଥାନ୍ତି। ସେମାନଙ୍କ କାମାଚାରୀ ନିକଟ ବା ଦୂରସମ୍ପର୍କୀୟମାନେ ନାବାଳିକାମାନଙ୍କ ହୃଦୟରେ ଭଲ ପାଇବାର ତରଙ୍ଗ ସୃଷ୍ଟିକରି ସେମାନଙ୍କୁ ପ୍ରତାରିତ କରନ୍ତି। ଗ୍ରାମାଞ୍ଚଳର ମାତାପିତାମାନେ ସରଳ। ନିଜ ପିଲାମାନଙ୍କର ଚରିତ୍ର ଓ ଆଚରଣ ଉପରେ ସେମାନଙ୍କ ନିଃସଂଶୟ ବିଶ୍ୱାସ ଥିବା କାରଣରୁ ସେମାନଙ୍କ ଚକ୍ଷୁ ଆଢୁଆଳରେ ତାଙ୍କ ଝିଅମାନେ ଏପରି କିଛି କରିବସନ୍ତି, ଯାହା ସେମାନଙ୍କ ଅଗୋଚରରେ ରହେ। କେଉଁଠି କେଉଁଠି ଜାଣିଲେ ମଧ୍ୟ ନୀରବ ରହିଯାନ୍ତି ସେମାନେ। ଛୁଟିପରେ ସମ୍ପୃକ୍ତ ବାଳିକାମାନେ ଛାତ୍ରୀନିବାସକୁ ଫେରିଆସନ୍ତି। ଭୁଲିଯାଇଥାନ୍ତି ତାଙ୍କର ପାଦ ଖସିଯାଇଛି। ଫଳରେ ନିଜ ମା'ର ପଣତକାନି ଛାଡି ନ ଥିବା ଝିଅଟିଏ ତା' ଅଜ୍ଞାତରେ ଆଉ ଗୋଟିଏ କୁନିଛୁଆର ମା'ହେବାକୁ ଅଗ୍ରସର ହୁଏ। ଛାତ୍ରୀନିବାସର ଦାୟିତ୍ୱରେ ଥିବା କର୍ମଚାରିଣୀମାନେ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ଗମ୍ଭୀରତାର ସହ ନ ନେବା ଦ୍ୱାରା ବିଶ୍ୱାସ ଓ ଭଲ ପାଇବା ଅବା ବାଧ୍ୟବାଧକତାରେ ଶାରୀରିକ ସମ୍ଭୋଗର ଅନ୍ଧମୁହାଣି ମଧ୍ୟରେ ଛନ୍ଦି ହୋଇଯାଇଥିବା କୁଆଁରୀ ବାଳିକାଟିର ନବଜାତକର କୁଆଁ କୁଆଁ ରାବ ଛାତ୍ରୀନିବାସ ପରିସରକୁ ଅବଶେଷରେ ଗୁଞ୍ଜରିତ କରେ।

ଛୁଟିଦିନ ବ୍ୟତୀତ ମଧ୍ୟ ଛାତ୍ରୀଟିଏ ଅନୁମତି କ୍ରମେ କିମ୍ବା ମାତାପିତାଙ୍କ ଆବଶ୍ୟକତାରେ ଗୃହକୁ ଯାଇ ଏଭଳି ବିଡ଼ମ୍ବନାର ସମ୍ମୁଖୀନ ହୋଇଥାଏ। ଛାତ୍ରୀର ଗର୍ଭୋଦୟକୁ ସ୍କୁଲ କର୍ତ୍ତୃପକ୍ଷ ଲୁଚେଇବାକୁ ବାଧ୍ୟ ହୁଅନ୍ତି। ଏହି ଛାତ୍ରୀନିବାସର ତତ୍ତ୍ୱାବଧାରିକା ସମସ୍ତ ବୟଃପ୍ରାପ୍ତ ବାଳିକାଙ୍କର ମାସିକ ରକ୍ତସ୍ରାବ ନିୟମିତ ଲିପିବଦ୍ଧ କରିବା ଦରକାର। ଆଫ୍ରିକୀୟ ଦେଶମାନଙ୍କରେ ନାବାଳିକା ଛାତ୍ରୀମାନଙ୍କ ଅବାଞ୍ଛିତ ଗର୍ଭଧାରଣରେ ଅତିଷ୍ଠ କେତେକ ସରକାର ଅତି କଠୋର ନିଷ୍ପତ୍ତି ନେଇଛନ୍ତି। ତାଞ୍ଜାନିଆରେ ଛୁଟିରୁ ଫେରିବା ପରେ ଗର୍ଭପରୀକ୍ଷା ବାଧ୍ୟତାମୂଳକ ରହିଛି। କେନିୟା ସରକାର ମଧ୍ୟ ଛୁଟି ଫେରନ୍ତା ବାଳିକାଙ୍କ ଯୌନାଙ୍ଗ ପରୀକ୍ଷା ବାଧ୍ୟତାମୂଳକ କରିଛନ୍ତି। ଏ କ୍ଷେତ୍ରରେ ବାଳିକାଟି କାହା ସହିତ ଶାରୀରିକ ସମ୍ପର୍କରେ ଲିପ୍ତ ଥିଲା, ପ୍ରକାଶ କରିବାକୁ ବାଧ୍ୟ ହୁଏ ଏବଂ ପୁରୁଷ ସହଯୋଗୀ ଦଣ୍ଡିତ ହୁଏ। ଛାତ୍ରୀନିବାସରେ ମଧ୍ୟ କେତେକ ଶିକ୍ଷକ ଓ କର୍ମଚାରୀ ପ୍ରଲୋଭିତକରି ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରୀଟିକୁ ଅଜ୍ଞାତରେ ମା' ବନେଇ ଦିଅନ୍ତି। ଏମାନଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବା ଦରକାର। ବିସ୍ମୃତିର ଅତଳ ଗର୍ଭରେ ବଞ୍ଚିବାର ରାହା ଖୋଜୁଛି କୁମାରୀ ମା'ଟିଏ। ବିଦ୍ୟାଳୟ ବାହାରେ ରହୁଥିବା ଶିଶୁ ଓ ନାବାଳିକାଙ୍କର ମଧ୍ୟ ନିସ୍ତାର ନାହିଁ। ସଚେତନତାର ଅଭାବ ଏହାର ମୁଖ୍ୟ କାରଣ। ସରକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମାଜ ଓ ପରିବାର ସର୍ବୋପରି ବିଦ୍ୟାଳୟ ଉକ୍ତ ବିଷୟ ପ୍ରତି ଗମ୍ଭୀର ଭାବେ ଯତ୍ନଶୀଳହେବା ଅତ୍ୟନ୍ତ ଜରୁରୀ।

ନୂଆବନ୍ଧସାହି, ନବରଙ୍ଗପୁର, ମୋ-୯୪୩୭୧୧୮୯୬୨

# ମା'ଙ୍କ ବିଚିତ୍ର ବେଶ



ମାନସ କୁମାର ପାଢ଼ୀ

ରାଜଧାନୀ ଭୁବନେଶ୍ୱର। ସର୍ବବିଦ୍ୟା ମନ୍ଦିରର ମୁଖ୍ୟ ପୂଜାରୀ ସର୍ବଗିଳା ସକାଳୁ ନିତ୍ୟକର୍ମ ସାରି ମନ୍ଦିରର କବାଟ ଖୋଲି ଦେଖିଲେ ଶିକ୍ଷାମାତାଙ୍କ ଅପୂର୍ବ ବେଶ। ପଦ୍ମ ଉପରେ ନ ବସି ଗେଣ୍ଡୁମାଳ ଗଳାରେ ଲମ୍ବାଇ ଗୋଟିଏ ଗଧ ପାଖରେ ଛିଡ଼ା ହୋଇଛନ୍ତି ମା'। ଗଧ ବେକରେ ବି ଗେଣ୍ଡୁମାଳ ଝୁଲୁଛି ସମାନତାର ଉଦ୍‌ଘୋଷଣ କରି। ହାତରେ ଅଛି ଡଙ୍କି, ଅନ୍ୟ ଗୋଟିଏ ହାତରେ ଓନିକୁ କାନ୍ଧରେ ପକାଇବାର ଉପକ୍ରମ କରୁଛନ୍ତି ମାତା। ତୃତୀୟ ହାତରେ ମୋବାଇଲ୍ ଫୋନ୍ ଓ ଚତୁର୍ଥରେ ଆଶୀର୍ବାଦ ମୁଦ୍ରା। ଶିକ୍ଷାମାତାଙ୍କ ଏପରି ରୂପ ଦେଖି ପୂଜାରୀ ସର୍ବଗିଳା ଚକିତ ହୋଇ ଲମ୍ବ ଲମ୍ବ ଗୋଡ଼ତଳେ ପଡ଼ିଲେ। ମା' ତୋ'ର ଏ କି ବିଚିତ୍ର ବେଶ !

ମା' ଅଭୟବାଣୀ ଶୁଣାଇ କହିଲେ- ହେ ପୂଜକ, ଭୟ କରନି। ମୁଁ ସର୍ବଶିକ୍ଷା ମାତା। ଦୁର୍ଗାମାତାଙ୍କର ୬୪ ଯୋଗିନୀ ପରି ମା' ସରସ୍ୱତୀଙ୍କ କୃପାରୁ ଆମେ ୩୬ ଶିକ୍ଷାମାତା ଦେଶର ଶିକ୍ଷା ଦାୟିତ୍ୱ ନେଇଛୁ। ମୋ ଦାୟିତ୍ୱରେ ଓଡ଼ିଶା। ଯେହେତୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲାଣି ତେଣୁ ସେହି ଭାଷାରେ ଉନ୍ନତ ଶିକ୍ଷା ଦିଆଯିବା ଉପରେ ଗୁରୁତ୍ୱ ଦେବା ପାଇଁ ମୁଁ ସ୍ୱତନ୍ତ୍ର ନିଯୁକ୍ତି ପାଇଛି। ମୋର ଏହି ରୂପ ସମ୍ଭାର ତୁମେ ସମସ୍ତଙ୍କୁ ଜଣାଅ। ଏହି ରୂପରେ ଆସନ୍ତା ପୂଜାରେ ମା' ଦୁର୍ଗାଙ୍କ ପାଖେ ମୋତେ ବସାଅ। ସରସ୍ୱତୀ ପୂଜାରେ ଓଡ଼ିଶାରେ ବିଦ୍ୟାଦାତ୍ରୀ ଭାବେ ମୋର ମୂର୍ତ୍ତି ଯେପରି ଗଢ଼ାଯାଏ ସେ ଦାୟିତ୍ୱ ତୁମର। ମୁଁ ବିଦ୍ୟାଦାତ୍ରୀଙ୍କର ଏକ ରୂପ ବୋଲି ପ୍ରଚାର କର। ମୁଁ ବୀଣା ବଜାଏନି, ପିଲାମାନଙ୍କୁ ତତ୍‌ସମ ବାଦ୍ୟ ଆଉ ଖେଳନା ଦେଇଦେଇଛି, ସେମାନେ ହସିଖେଳି, ନାଚିଗାଇ ପଢ଼ନ୍ତୁ; ଆଉ ବଢ଼ନ୍ତୁ। ମୋ ହାତରେ ବହି ନାହିଁ କାରଣ ଏଠି ବହିର ଆବଶ୍ୟକତା ଆଉ ପଡ଼ିବ ନାହିଁ। ଇଣ୍ଟରନେଟ୍, ଭିଡିଓ, ଅଡିଓରେ ଶିକ୍ଷା ଚାଲିବ। ବହି ଦାନ ଦିଆଯିବ ଗରିବଗୁରୁବା ଭକ୍ତଙ୍କୁ।

ସ୍ୱଚ୍ଛଳ ବର୍ଗର ଲୋକମାନେ ଇଂରାଜୀ ମାଧ୍ୟମ ଆଡୁ ମୁହଁ ବୁଲାଇବା ସମ୍ଭବ ନୁହେଁ, ତେଣୁ ଦୁର୍ବଳମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବାକୁ ମୋର ଆଦେଶ। ଖାଦ୍ୟ ଦାନ, ବସ୍ତ୍ର ଦାନ, ଯାନ ଦାନ ପ୍ରଭୃତି ମଧ୍ୟ କରିବ। ସର୍ବଶିକ୍ଷା ଫଳପ୍ରଦ ହେବ। ଡଙ୍କି ଖାଦ୍ୟ ଦାନର ପ୍ରତୀକ। ଓନି ପୋଷାକ ଦାନର ପ୍ରତୀକ। ପିଲାମାନେ ହସିଖେଳି, ଖାଇପିଇ ସମୟ ହେଲେ ପଢ଼ନ୍ତୁ, ନ ହେଲେ ଖାଲି ବଢ଼ନ୍ତୁ। ପିଲାଏ ବଢ଼ିଲେ ଦେଶ ବଢ଼ିବ। ଶିକ୍ଷକମାନେ ପାଠପଢ଼ା ବ୍ୟତୀତ ଅନ୍ୟ ସବୁ ସରକାରୀ କାମରେ ଯୋଗଦେଲେ ସେମାନଙ୍କ ଅନୁପସ୍ଥିତି ଯୋଗୁ ଶିକ୍ଷା ପ୍ରତି ପିଲାଙ୍କର ଡର ରହିବ ନାହିଁ। ଏହାଦ୍ୱାରା ଅଧିକ ଛାତ୍ରୀଛାତ୍ର ସର୍ବଶିକ୍ଷା ପ୍ରତି ଆକୃଷ୍ଟ ହେବେ। ସ୍କୁଲ୍ କାନ୍ଥବାଡ଼ରେ ଲେଖା ଦେଖି ମୁଁ ଅତ୍ୟନ୍ତ ପ୍ରୀତ। ସବୁ ନୀତିଶିକ୍ଷା ଏବେ ଶିକ୍ଷକମାନଙ୍କୁ ଦିଆଯାଉ, ସେମାନଙ୍କୁ ମାସକୁ ମିନିମମ୍ ଥରେ ଟ୍ରେନିଂ ଦିଆଯାଉ। ସବୁ କାନ୍ଥରେ ତମାଖୁମୁକ୍ତ ଅଞ୍ଚଳ ଲେଖାଯାଉ।

ପୂଜାରୀ ହାତ ଯୋଡ଼ି 'ଜୟ ସର୍ବଶିକ୍ଷା ମାତା କୀ' ବୋଲି ବୋବାଳି ଛାଡ଼ିଲେ। ମା' କହିଚାଲିଥିଲେ ପ୍ରାଥମିକ ସ୍ତରରେ ଜମା ପରୀକ୍ଷା କରା ନ ଯାଉ। ବିନା ପରୀକ୍ଷାରେ ପାସ୍ କରି ଯାଇଥିବା ଛାତ୍ରୀଛାତ୍ର ମାଧ୍ୟମିକ ସ୍ତରରେ ପରୀକ୍ଷାର ସମ୍ମୁଖୀନ ହେଲା ବେଳେ ବିକଳ ହୋଇ ମା' ମା' ଚିତ୍କାର କରିବେ। ମୋର ପୂଜା କରିବେ। ଫଳରେ ମୋର ପତିଆରା ବଢ଼ିବ। ସେତିକି ବେଳେ ପୂର୍ବରୁ ପାଠଛାଡ଼ିଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ମିଶାଇବ। ସେଥିପାଇଁ ମୁଁ ଗଧ ପାଖରେ ରଖିଛି। ପୂର୍ବରୁ ହଂସ କେବଳ କ୍ଷୀର ପିଇ ପାଣି ଛାଡ଼ି ଦେଉଥିଲା, ଏବେ ଗଧ ସବୁ ଗିଳିବ। ଶିକ୍ଷା, ଅଶିକ୍ଷା। ମାଧ୍ୟମିକ ପରୀକ୍ଷାରେ ଗ୍ରେଡ୍ ଧରାଇଦେବ। ଅବ୍‌ଜେକ୍ଟିଭ୍ ପାଟର୍ନ କରି ଇଂଲିଶ ଭାଷା ମାଧ୍ୟମ ବିଦ୍ୟାଳୟ ପରି ମୋ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ଅଧିକା ପାସ୍ କରାଇବ। କାରଣ ଇଂଲିଶ ଶିକ୍ଷାଦେବୀଙ୍କ ପାଖରେ ମୋର ପତିଆରା କମିଯାଉଛି। କଳେବଳେକୌଶଳେ ପାସ୍ ହାର ଅଧିକରୁ ଅଧିକ କରିବ। ଫଳାଫଳରେ ସବୁବର୍ଷ ବିଭ୍ରାଟ କରାଇ, ପରେ ପିଲାଙ୍କୁ ପାସ୍ କରାଇବ, ଫଳରେ ମା' ଆମ ଡାକ ଡେରିରେ ହେଉପଛେ ଶୁଣିଲେ ବୋଲି କିଛି ଭକ୍ତ କୃତକୃତ୍ୟ ହେବେ। ମୋ ସହ ତୁମର ପତିଆରା ବଢ଼ିବ। ଭଲପିଲା ମଧ୍ୟ ସଂଶୋଧିତ ନମ୍ବରକୁ ପରିଶ୍ରମର ଫଳ ଭାବିବେନି, ମୋ ଦାନ ବୋଲି ଭାବିବେ। ତୁମେ ମୋର ଏହି ନୀତି, ଆଦର୍ଶ ଓ ଆଦେଶ ଅଚିରେ ପାଳନ କର। ଏତିକି କହି ସର୍ବଶିକ୍ଷା ଦେବୀ ଅଦୃଶ୍ୟ ହୋଇଗଲେ।

ଏହା ଚାରିଆଡ଼େ ସରକାରୀ, ବେସରକାରୀ ଗଣମାଧ୍ୟମରେ ପ୍ରଚାର କରାଗଲା। ସର୍ବତ୍ର ଏହି ନିୟମ ଲାଗୁ କରାଗଲା। ମଧ୍ୟାହ୍ନ ଭୋଜନକୁ କଡ଼ାକଡ଼ି ପାଳନ କରାଗଲା। କେତେ କେତେ ସଂସ୍ଥା ଗରିବମାନଙ୍କୁ ଖୁଆଇବାର ଗୁରୁଦାୟିତ୍ୱ ନେବାକୁ ଆଗେଇ ଆସିଲେ। ଅଭିଜ୍ଞମାନଙ୍କ ପୃଷ୍ଠପୋଷକତାରେ ପିଲାମାନେ ୧୦୦% ପାସ୍ ହେଲେ। ମା'ଙ୍କ ଡ୍ରେସ୍‌କୋଡ ଠିକ୍ ଭାବେ ପ୍ରବର୍ତ୍ତନ କରି ନ ପାରି ୫ଟି ହାଇସ୍କୁଲ୍‌ର ହେଡ଼ମାଷ୍ଟର ସସ୍‌ପେଣ୍ଡ୍ ହେଲେ, ୧୭ ଜଣଙ୍କର ବଦଳି ହେଲା। ମଧ୍ୟାହ୍ନଭୋଜନ ବ୍ୟତିକ୍ରମର ସମସ୍ତ ଦୋଷ ନେଇ ୧୫ ହେଡ୍‌ମାଷ୍ଟର ସସ୍‌ପେଣ୍ଡ ହେଲେ, ୨୧ ଜଣଙ୍କର ବଦଳି ହେଲା। ମା'ଙ୍କ ଆଦେଶ ପାଳନ କରି, କେତେକ ଅଞ୍ଚଳରେ ସ୍କୁଲ୍‌ରେ ନାହିଁ ନ ଥିବା ଛାତ୍ରୀଛାତ୍ର ଭିଡ଼ ଦେଖାଗଲା, ବିଶେଷକରି ଅଣ୍ଡା ଖାଇବା ଦିନ। ଅଧିକ ପାଠଛଡ଼ା ପିଲା ଆଡ଼ମିଶନ କରାଇ କେତେକ ପ୍ରଧାନଶିକ୍ଷକ ଦ୍ୱିତୀୟ ଶ୍ରେଣୀ ପାହ୍ୟାକୁ ପ୍ରମୋଶନ ପାଇ ଏକାବେଳେ ଜିଲା ଶିକ୍ଷାଧୀଶ ହୋଇଗଲେ। ପ୍ରଥମ ଶ୍ରେଣୀ ଦେଖି ନ ଥିବା ପିଲା ଅଷ୍ଟମ ପାସ୍ ସାର୍ଟିଫିକେଟ୍ ପାଇଲେ। ନାରୀଶିକ୍ଷା ମଧ୍ୟ ଆଗେଇଲା। ଅଷ୍ଟମ ପାସ୍ କରିଥିବା ବୋହୂ ଭାଗବତର ଛୋଟ ଅକ୍ଷର ଦେଖି କାନ୍ଦିଲା। ଏଣୁ ଏହି ଖବରଟିକୁ ଯିଏ ପଢ଼ିବେ ଅତିକମ୍‌ରେ ୫୦ ଜଣଙ୍କୁ ମା'ଙ୍କ ଅଭିଯାନର ସୁଫଳ ବିଷୟରେ ନ ବୁଝାଇଲେ ସେମାନଙ୍କ ପିଲା ମୂର୍ଖ ହେବେ। ଜୟ ସର୍ବଶିକ୍ଷା ମାତା ଓ ସର୍ବଗିଳା ପୂଜକ।

ମୋ- ୯୪୩୮୭୮୫୭୯୨

## ଏଇ ଭାରତରେ

ପରିବର୍ତ୍ତିତ ସମୟ ସହିତ ଲୋକଙ୍କ ରୁଚି ତଥା ପେସା ବଦଳିବାରେ ଲାଗିଛି। ଏବେ କେତେକ ଭିକ୍ଷାବୃତ୍ତିକୁ ନିଜର ପେସା ଭାବେ ଗ୍ରହଣ କରିବାକୁ ପସନ୍ଦ କରୁଛନ୍ତି। ଏଥିରେ ଅର୍ଥ ବିନିଯୋଗ କରିବାର ଆବଶ୍ୟକତା ନାହିଁ। କେବଳ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିପାରିଲେ ଏଥିରେ ବିପୁଳ ଆୟର ସୁଯୋଗ ରହିଛି। ଏପରି ଜଣେ ବ୍ୟକ୍ତି ହେଉଛନ୍ତି ଝାଡଖଣ୍ଡର ଛୋଟୁ ବୈରଖ। ସେ ଚକ୍ରଧରପୁର ରେଳଷ୍ଟେଶନରେ ପିଲାଦିନରୁ ଭିକ୍ଷାବୃତ୍ତି କରି ବର୍ତ୍ତମାନ ୪୦ବର୍ଷ ବୟସରେ ଉପନୀତ ହେଲେଣି। ପିଲାଦିନୁ ତାଙ୍କ ଶରୀର ଅଣ୍ଟାଠାରୁ ତଳକୁ କାମ କରୁନାହିଁ। ଏଭଳି ଅବସ୍ଥାରେ ସେ ଭିକ୍ଷାବୃତ୍ତିକୁ ନିଜର ପେସା ଭାବେ ଗ୍ରହଣ କରିଥିଲେ। ଏବେ ଭିକ୍ଷାକରି ଦୈନିକ ୧ହଜାରରୁ ୧୨ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଭିକ୍ଷାବୃତ୍ତି ତାଙ୍କର ମୁଖ୍ୟ ପେସା ହୋଇଥିବା ବେଳେ ସେ ବିଭିନ୍ନ ସ୍ୱାସ୍ଥ୍ୟ ଉତ୍ପାଦ ମଧ୍ୟ ବିକ୍ରି କରୁଛନ୍ତି। ଏହା ସହିତ ସମ୍ପୃକ୍ତ କମ୍ପାନୀର ସଦସ୍ୟ ସଂଖ୍ୟା ବଢ଼ାଇବା କାର୍ଯ୍ୟ କରୁଛନ୍ତି। ସେ ଭିକ୍ଷାବୃତ୍ତିରୁ ମିଳୁଥିବା ଅର୍ଥ ବିନିଯୋଗ କରି ସିମ୍‌ଡେଗା ଜିଲାରେ ଥିବା ନିଜ ଗାଁ ଓ୍ୱଣ୍ଡିଠାରେ ଏକ ବାସନକୁସନ ଦୋକାନ କରିଛନ୍ତି। ଏହି ଦୋକାନ ଚଳାନ୍ତି ତାଙ୍କ ସ୍ତ୍ରୀ। ମନୋବଳ ଦୃଢ଼ ଥିଲେ ଯେ ଅସାଧ୍ୟ ସାଧନ କରିହୁଏ, ଏ କଥା ଜୀବନରେ ପ୍ରମାଣିତ କରିଛନ୍ତି ଛୋଟୁ।

### ଚିରନ୍ତନୀ

ଅସୀମ କାଳର ସ୍ରୋତେ
ମୋ ଜୀବନ-କାଳ ଯେତେ ସାନ
ହେଉ ପଛେ କ୍ଷୀଣତମ
କ୍ଷୁଦ୍ରତମ ବୁଦ୍‌ବୁଦ ସମାନ।
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମାର୍ଚ୍ଚ ୧୯୯୪

- ସୋମାଲିଆର ଦୁଇ ଯୁଦ୍ଧରତ ଗୋଷ୍ଠୀର ନେତାମାନଙ୍କ ମଧ୍ୟରେ ନାଇରୋବିଠାରେ ଏକ ଯୁଦ୍ଧବିରତି ରାଜିନାମା ସ୍ୱାକ୍ଷରିତ।
- ତୁର୍କୀରେ ଆସ୍ଥାଭାଜନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଜାତିସଂଘ ପକ୍ଷରୁ ଦିଆଯାଇଥିବା ପ୍ୟାକେଜ ପ୍ରସ୍ତାବକୁ ତୁର୍କୀର ସାଇପ୍ରିଅଟ ଗୋଷ୍ଠୀର ପ୍ରତ୍ୟାଖ୍ୟାନ।

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୧୭- ଗୋଆ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ କର୍କଟ ରୋଗରେ ୬୩ ବର୍ଷ ବୟସରେ ପରଲୋକ।

୧୮- ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ମୃତ୍ୟୁ ପରେ ରାଜ୍ୟ ବିଧାନସଭାର ବାଚସ୍ପତି ଥିବା ପ୍ରମୋଦ ସାୱନ୍ତଙ୍କୁ ଭାଜପା ବିଧାୟକ ଦଳର ନେତା ନିର୍ବାଚନ କରିଛି ଏବଂ ସେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି।

୧୯- ପୂର୍ବତନ ସୁପ୍ରିମ୍‌କୋର୍ଟ ବିଚାରପତି ପିନାକୀ ଚନ୍ଦ୍ର ଘୋଷଙ୍କୁ ଭାରତର ପ୍ରଥମ ଲୋକପାଳ ଭାବେ ନିଯୁକ୍ତି ଦିଆଯାଇଛି।

୨୦- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରୁ ୧୩ ହଜାର କୋଟି ଟଙ୍କା ଠକେଇର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କୁ ଲଣ୍ଡନରେ ଗିରଫ କରାଯାଇଛି।

* ତେଲେଙ୍ଗନା କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡି.କେ. ଅରୁଣା ଭାଜପାରେ ଯୋଗ ଦେଇଛନ୍ତି।

୨୩- ଗୋଆ ମୁଖ୍ୟମନ୍ତ୍ରୀ ଭାବେ ନବନିଯୁକ୍ତ ପ୍ରମୋଦ ସାୱନ୍ତ ଆସ୍ଥା ଭୋଟରେ ଜିତିଲେ।

## ଆମ ସମସ୍ୟା

### ଜରାନିବାସର ନିୟମ

ମହାଶୟ,

ଜରା ଅବସ୍ଥାରେ ମଣିଷ ଅନ୍ୟର ସେବା ଉପରେ ନିର୍ଭର କରେ। ଜୀବନ ଯନ୍ତ୍ରଣାମୟ ହୋଇଉଠେ। ବହୁ ପରିବାରର ବୃଦ୍ଧାବୃଦ୍ଧମାନେ ପୁଅବୋହୂଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଜରାନିବାସରେ ରହୁଛନ୍ତି। ଏ ବିଷୟରେ କେବଳ ଖବରକାଗଜରେ ପଢ଼ିଛି। ଆଖିରେ ଜରାଶ୍ରମ ଦେଖିନି କି ସେଠାକାର ନିୟମକାନୁନ ଜାଣିନି। ସେଠାରେ ବିନା ପଇସାରେ ରହିବାକୁ ପଡ଼େ ନା ପଇସା ଦେଇ ରହିବାକୁ ପଡେ, ସେଠାରେ ବୁଢ଼ୀବୁଢ଼ାଙ୍କର ସେବା କରାଯାଏ କି କ୍ରୁର ବ୍ୟବହାର କରାଯାଏ ? ମୋର ଜରାଶ୍ରମରେ ରହିବାକୁ ଇଚ୍ଛା। କାରଣ ମୁଁ ଅବିବାହିତ ଏବଂ ମୋର ଜରା ଅବସ୍ଥା। ଯଦି କେହି ନିୟମକାନୁନ ଜାଣିଥାନ୍ତି ଚିଠି ମାଧ୍ୟମରେ ଜଣାଇଲେ ଖୁସି ହୁଅନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱରରେ ବିଶେଷତଃ ଯୁବକମାନେ ଅତି ଦ୍ରୁତଗତିରେ ରାସ୍ତାର ଓଲଟା ଦିଗରେ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ଏଥିଯୋଗୁ ଅନେକ ଦୁର୍ଘଟଣା ଘଟୁଛି। ଲୋକମାନଙ୍କର ରାସ୍ତା ନିୟମ ପ୍ରତି ବେଖାତିର ମନୋଭାବ, ରାସ୍ତାକଡ଼ରେ ଯାନବାହନ ପାର୍କିଂ କରାଯିବା, ଛକ ସ୍ଥାନମାନଙ୍କରେ ପାଦଚଲା ଓଭର ବ୍ରିଜ୍ କିମ୍ବା ଭୂତଳ ରାସ୍ତାର ଅଭାବ ଏବଂ ଟ୍ରାଫିକ ପୋଲିସ ପ୍ରଶାସନର ନିଷ୍କ୍ରିୟତା ଏହି ସମସ୍ୟାର ମୂଳ କାରଣ। ମୁଖ୍ୟ ରାସ୍ତାଗୁଡ଼ିକର ଉଭୟ ପାର୍ଶ୍ୱରେ ସାମାନ୍ୟ ଉଚ୍ଚତା ବିଶିଷ୍ଟ ପାଦଚଲା ରାସ୍ତା ନ ଥିବା ମଧ୍ୟ ଏକ ବଡ଼ ସମସ୍ୟା। ଏ ବିଷୟରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେସଙ୍ଗେ ଏହାର ଆଶୁ ସମାଧାନ ଆଶା କରୁଛି।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୁରୀରେ ସମ୍ବିତ୍‌ଙ୍କ ପାଇଁ ଚ୍ୟାଲେଞ୍ଜ

ହେମନ୍ତ ନାୟକ
ପୁରୀ ଅଫିସ,୨୪।୩


ସମ୍ବିତ୍ ପାତ୍ର

ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରୁଥିବା ପୁରୀ ସହରର ନିର୍ବାଚନୀ ପରିବେଶ ଧୀରେ ଧୀରେ ଉଷ୍ମ ହେବାରେ ଲାଗିଲାଣି। ଏଥର ପୁରୀ ଲୋକ ସଭା ଆସନକୁ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ଲାଗି ପଡିଛନ୍ତି। ନିର୍ବାଚନୀ ମଇଦାନକୁ କାହାକୁ ଛାଡିଲେ ସଫଳତା ମିଳିବ ସେ ନେଇ ତୁଙ୍ଗ ନେତୃତ୍ୱ ଭାବିଚିନ୍ତି ଗୋଟି ଚାଳନା କରୁଛନ୍ତି। ପ୍ରମୁଖ ତିନୋଟି ଦଳ ମଧ୍ୟରୁ କେବଳ ଭାଜପା ପ୍ରାର୍ଥୀ ଚୂଡାନ୍ତ ହୋଇସାରିଥିବା ବେଳେ ବିଜେଡି ଓ କଂଗ୍ରେସ କିଏ ପ୍ରାର୍ଥୀ ହେବେ ତାହା ଉପରେ ଏବେ ସମସ୍ତଙ୍କ ନଜର। ଏଥର ପୁରୀ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର। ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ରାଜନୈତିକ ଚର୍ଚ୍ଚା ଆଲୋଚନାରେ ଦଳ ବିରୋଧରେ କୌଣସି ଜଟିଳ ପ୍ରଶ୍ନର ଜବାବ୍ ଦେବାରେ ମାହିର ହେଉଛନ୍ତି ସମ୍ବିତ୍। କିନ୍ତୁ ପୁରୀ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ଆଲୋଚନା ହେଉଛି।

ପୁରୀକୁ ଫୋକସରେ ରଖିଛି ଭାଜପା। ପୂର୍ବୋଦୟରୁ ଭାରତର ବିକାଶ ନାରା ଦେଉଥିବା ଏହି ଜାତୀୟ ଦଳ ଗତ କିଛି ମାସ ମଧ୍ୟରେ ପୁରୀରେ ବଡ଼ ବଡ଼ ସଭା, ସମାବେଶ କରିଛି। ଜାତୀୟସ୍ତରୀୟ ନେତୃବୃନ୍ଦଙ୍କୁ ଶ୍ରୀକ୍ଷେତ୍ର ମାଟିରେ ଏକାଠି କରି ପରିବର୍ତ୍ତନର ଆହ୍ୱାନ ଦେଇଛି। ଯେଉଁଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରୁ ଲଢି ପୂର୍ବ ଭାରତରେ ଭାଜପା ସ୍ଥିତିକୁ ଆହୁରି ସୁଦୃଢ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଭୁବନେଶ୍ୱରରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରେ ଏହି ଚର୍ଚ୍ଚା ରାଜଧାନୀ ଦିଲ୍ଲୀରେ ବି ପହଞ୍ଚିଥିଲା। ଏପରି କି ରାଜ୍ୟ ଶାଖା ତରଫରୁ କୁହାଯାଇଥିଲା, ଏ ନେଇ ଏକ ସଂକଳ୍ପ ପାରିତ କରାଯାଇ କେନ୍ଦ୍ରୀୟ ଟିମ୍ ନିକଟକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଭାଜପା ସଭାପତି ମଧ୍ୟ ଏ ନେଇ ସକାରାତ୍ମକ ଆଭିମୁଖ୍ୟ ରଖିଥିଲେ। ପ୍ରତ୍ୟହ ରାତିରେ ଦଳ ପକ୍ଷରୁ ସ୍ଥିତି ସମ୍ପର୍କରେ ରିପୋର୍ଟ ନିଆଯାଉଥିବା କହିଥିଲେ। ହେଲେ ପୁରୀରୁ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ନେଇ ହେଉଥିବା ଚର୍ଚ୍ଚା ଏବେ ଥଣ୍ଡା ପଡିଯାଇଛି। ପୁରୀରୁ ନିର୍ବାଚନ ଲଢିବାକୁ ସମ୍ବିତଙ୍କୁ ଦଳ ଟିକେଟ ଦେବା ପରେ ଏହି ଚର୍ଚ୍ଚାରେ ପଡିଛି ପୂର୍ଣ୍ଣଚ୍ଛେଦ। କିନ୍ତୁ ସମ୍ବିତଙ୍କ ପାଇଁ ଏହା ସହଜ ହେବ ନାହିଁ ବୋଲି ଶୁଣିବାକୁ ମିଳୁଛି।

ସମ୍ବିତ ୨୦୧୨ରେ ଦିଲ୍ଲୀ ପୌର ନିର୍ବାଚନରେ କାସ୍‌ମେର ଗେଟ୍‌ରୁ ଭାଜପା ପ୍ରାର୍ଥୀ ଭାବେ ଲଢିଥିଲେ। ଏହାପୂର୍ବରୁ ୨୦୧୦ରେ ତାଙ୍କୁ ଦିଲ୍ଲୀ ଭାଜପା ୟୁନିଟ୍‌ର ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିଲା। ଏହାପରେ ରାଷ୍ଟ୍ରୀୟ ମୁଖପାତ୍ର ଭାବେ ତାଙ୍କୁ ଦାୟିତ୍ୱ ମିଳିଥିଲା। କଟକ ଏସ୍‌ସିବି ମେଡିକାଲ କଲେଜରୁ ସର୍ଜନରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ସମ୍ବିତ୍ ସମ୍ବଲପୁର ଭିଏସ୍‌ଏସ୍ ମେଡିକାଲ କଲେଜରେ ଏମ୍‌ବିବିଏସ୍ କରିଛନ୍ତି। ବର୍ତ୍ତମାନ ଓଏନ୍‌ଜିସିର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ଦେଖିବାକୁ ଗଲେ ସମ୍ବିତ୍‌ଙ୍କର ପୁରୀ ଉପରେ ଏତେଟା ଦଖଲ ନାହିଁ। ସେ ପୁରୀ ଜିଲାବାସୀ ମଧ୍ୟ ନୁହନ୍ତି। ତେଣୁ ତାଙ୍କ ପାଇଁ ଏଥର ନିର୍ବାଚନ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଭାଜପା ଏଠାରେ ତୃତୀୟ ସ୍ଥାନରେ ରହିଥିଲା। ଅର୍ଥାତ୍ ୨୦୧୪ରେ ବିଜେଡିର ପିନାକୀ ମିଶ୍ର ୫,୨୩,୧୬୧ ଭୋଟ ପାଇଥିବାବେଳେ କଂଗ୍ରେସର ସୁଚରିତା ମହାନ୍ତି ୨,୫୯,୮୦୦ ଏବଂ ଭାଜପାର ଅଶୋକ ସାହୁଙ୍କୁ ମିଳିଥିଲା ୨,୧୫,୭୬୩ ଭୋଟ। ପୁରୀରେ ଦଳର ସ୍ଥିତି ଏମିତି ରହିଥିବା ବେଳେ ଭାଜପା ସମ୍ବିତଙ୍କୁ ଗେମ୍ ଚେଞ୍ଜର ଭାବେ ଏଠାରେ ଅବତୀର୍ଣ୍ଣ କରାଇଛି। ସେ ଜଣେ ଭଲ ବକ୍ତା ଏବଂ ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ଭଳି ଦକ୍ଷତା ତାଙ୍କର ରହିଥିବା ଦଳ ଭାବୁଛି। କିନ୍ତୁ ପୁରୀ ଲୋକ ସଭା ଅଞ୍ଚଳବାସୀ କେତେଦୂର ତାଙ୍କୁ ଗ୍ରହଣ କରୁଛନ୍ତି ତାହା ଫଳାଫଳ ପ୍ରକାଶ ପାଇବା ପରେ ସ୍ପଷ୍ଟ ହେବ।

୨୦୧୪ ନିର୍ବାଚନରେ ପୁରୀ ଲୋକ ସଭା ଅଧୀନ ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟି ବିଜେଡି କବ୍‌ଜାରେ ରହିଛି। ପୁରୀ ଜିଲାର ୪ଟି(ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି) ଓ ନୟାଗଡ଼ ଜିଲାର ୨(ରଣପୁର, ନୟାଗଡ଼)ଟି ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହୋଇଥିବା ବେଳେ କେବଳ ଖୋର୍ଦ୍ଧା ଜିଲାର ଚିଲିକା ଆସନ ଭାଜପା ଦଖଲରେ ରହିଛି। ବିଜେଡି ଗଠନ ପରଠାରୁ ପୁରୀ ଲୋକ ସଭା ଆସନ ବିଜେଡିର ଏକ ଅଭେଦ୍ୟ ଦୁର୍ଗ ଭାବେ ରହିଆସିଛି। ଏଭଳି ସ୍ଥିତିରେ ସମ୍ବିତଙ୍କ ଆବିର୍ଭାବ ଭାଜପା ଆଶାକୁ କେତେଦୂର ସାକାର କରିବ ତାହା ଉପରେ ସମସ୍ତଙ୍କ ନଜର।

ଏ ସମ୍ପର୍କରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଲୋକ ସଭା ନିର୍ବାଚନରେ ସବୁବେଳେ ଜାତୀୟସ୍ତରୀୟ ପ୍ରସଙ୍ଗକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। ତେଣୁ ଏଥର ମୋଦି ଏବଂ ମୋଦି ବିରୋଧୀ ଲଢେଇ ହେଉଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ତା'ଛଡା ଅତୀତରେ ପୁରୀ ବାହାର ବ୍ୟକ୍ତି ଏଠାରୁ ଲୋକ ସଭା ପ୍ରାର୍ଥୀ ହୋଇ ଜିତିଛନ୍ତି। ଡା. ସମ୍ବିତ ପାତ୍ର ଜଣେ ଜାତୀୟ ସ୍ତରୀୟ ନେତା ହୋଇଥିବା କାରଣରୁ ତାଙ୍କୁ ଆଞ୍ଚଳିକତାବାଦ ଛୁଇଁପାରିବ ନାହିଁ।

## ନବୀନ ନିବାସରେ ଭିଡ଼






ନବୀନ ନିବାସରେ ରବିବାର ଟିକେଟ ଆଶାୟୀ, ପ୍ରାର୍ଥୀ ଓ ନେତାଙ୍କ ଭିଡ଼।


ବରଗଡ଼ ଜିଲାର କଂଗ୍ରେସ ନେତା ସାଧୁ ନେପାକ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।


କେନ୍ଦ୍ରାପଡ଼ାର ସଂଖ୍ୟାଲଘୁ ସମ୍ପ୍ରଦାୟର ଡ. ସଲିମ ଓ ଅନ୍ୟମାନେ ରବିବାର ନବୀନ ନିବାସରେ ବିଜେଡିରେ ଯୋଗଦେଇଛନ୍ତି।


ରବିବାର ବିଜେଡିରେ ଯୋଗଦେଇଥିବା କୋରାପୁଟ ଜିଲା ଲକ୍ଷ୍ମୀପୁରର କଂଗ୍ରେସ ନେତା ରାଜେନ୍ଦ୍ର ହିକ୍କା ଓ ସୁନ୍ଦରଗଡ଼ର କଂଗ୍ରେସ ନେତା ଜଟିଆ ମୁଣ୍ଡା।

# କଂଗ୍ରେସରେ ଭିମ୍‌ସାରର ପୂର୍ବତନ ନିର୍ଦ୍ଦେଶକ

ଭୁବନେଶ୍ୱର,୨୪।୩ (ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ର ପୂର୍ବତନ ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଦୀର୍ଘଦିନ ହେବ ଅଶ୍ୱିନୀ ରାଜନୀତିରେ ଯୋଗଦେଇ ପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଥିଲା। ସେ ପୂର୍ବରୁ ରାଜନୀତିକୁ ଆସିପାରନ୍ତି ବୋଲି ପରୋକ୍ଷରେ ଇଙ୍ଗିତ ଦେଇଥିଲେ। ହେଲେ ସେ କେଉଁ ଦଳକୁ ଯିବେ ସେନେଇ ସ୍ପଷ୍ଟ କରି ନ ଥିଲେ। କଂଗ୍ରେସରେ ଯୋଗଦେବା ପରେ ସେ କହିଛନ୍ତି ଯେ, କଂଗ୍ରେସ ହେଉଛି ଏକମାତ୍ର ଦଳ ଯିଏ ଭାରତରେ ଗଣତନ୍ତ୍ରକୁ ସୁରକ୍ଷାଦେବା ସହ ତଳେ ପଡ଼ିଥିବା ମଣିଷର ଉନ୍ନତି କଥା ଚିନ୍ତା କରିଥାଏ। ଜୀବନର ୩୩ବର୍ଷ ସେନାରେ କାର୍ଯ୍ୟକରି ଭାରତ ବର୍ଷର ଜନଗଣଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ପୁଣି ସେହି କାର୍ଯ୍ୟକରିବା ପାଇଁ କଂଗ୍ରେସରେ ଯୋଗଦେଇଛନ୍ତି ବୋଲି ଅଶ୍ୱିନୀ କହିଛନ୍ତି।

କଂଗ୍ରେସ ରାଜ୍ୟ ପ୍ରଭାରୀ ତଥା ଛତିଶଗଡ଼ର ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍.ସିଂଦେଓ ଅଶ୍ୱିନୀଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଉଦ୍‌ବୋଧନ ଦେଇ ପ୍ରଭାରୀ ସିଂହଦେଓ କହିଛନ୍ତି, ଚଳିତ ନିର୍ବାଚନରେ କଂଗ୍ରେସ ବିଜେଡି ଓ ଭାଜପା ସହ ତ୍ରିମୁଖୀ ଲଢ଼େଇରେ ରହିବ। ଛତିଶଗଡ଼ର ଯେଉଁ ପ୍ରସଙ୍ଗକୁ ନେଇ କଂଗ୍ରେସ ଲଢ଼ିଥିଲା ଓଡ଼ିଶାରେ ମଧ୍ୟ ଦଳ ସମାନ କଥାକୁ ଗୁରୁତ୍ୱ ଦେବ। କୃଷି ଓ କୃଷକ, ମହିଳା ଓ ଯୁବକମାନଙ୍କ ନିଯୁକ୍ତି ତଥା ଉନ୍ନତି ପାଇଁ କଂଗ୍ରେସ ସଂକଳ୍ପବଦ୍ଧ। ଏହି ପ୍ରସଙ୍ଗରେ କଂଗ୍ରେସ ଓଡ଼ିଶାରେ ଶାସନ କ୍ଷମତାକୁ ଆସିବ ବୋଲି ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିରଞ୍ଜନ କହିଛନ୍ତି, ଏଥର କଂଗ୍ରେସ ବରିଷ୍ଠ, ମହିଳା, ଯୁବକ ଓ ସମାଜର ହିତ ପାଇଁ କାର୍ଯ୍ୟକରୁଥିବା ବୁଦ୍ଧିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦଳୀୟ ଟିକେଟ ପ୍ରଦାନ କରିଛି। ତେଣୁ ରାଜ୍ୟରେ ଚଳିତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରି ସରକାର ଗଠନ କରିବାକୁ ସକ୍ଷମ ହେବ ବୋଲି ସେ କହିଛନ୍ତି।



କଂଗ୍ରେସରେ ଯୋଗ ଦେଇଥିବା ଭିମସାରର ପୂର୍ବତନ ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଉଛି।

## ୨୦୧୪ ନିର୍ବାଚନ ଖର୍ଚ୍ଚର ହିସାବ ଦେଲେନି
# ୬ ପ୍ରାର୍ଥୀ ନିର୍ବାଚନ ଲଢିବାକୁ ଅଯୋଗ୍ୟ ଘୋଷିତ

ଯାଜପୁର ଅଫିସ,୨୪।୩

୨୦୧୪ ସାଧାରଣ ନିର୍ବାଚନରେ ଅର୍ଥ ତଦାରଖ ପର୍ଯ୍ୟବେକ୍ଷକଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ କରି ପାରି ନ ଥିବା କାରଣରୁ ଯାଜପୁର ଜିଲାର ୬ଜଣ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଜନପ୍ରତିନିଧି ଆଇନ ୧୯୫୧ ଧାରା ୧୦(କ) ଅନୁଯାୟୀ ଭାରତର ନିର୍ବାଚନ କମିଶନ ଏଭଳି ପଦକ୍ଷେପ ନେଇଛନ୍ତି। କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ପରମାନନ୍ଦ ଜ୍ୟୋତିଷ, ଗୋପାଳକୃଷ୍ଣ ମହାନ୍ତି ଓ ବିଶ୍ୱନାଥ ସାହୁଙ୍କୁ ନିର୍ବାଚନ କମିଶନ ଗତ ୧୩।୯।୨୦୧୭ରେ ଅଯୋଗ୍ୟ ଘୋଷଣା କରିବା ସହ ଏହାର ସମୟ ଅବଧି ୧୩।୭।୨୦୨୦ ପର୍ଯ୍ୟନ୍ତ ଧାର୍ଯ୍ୟ କରିଛନ୍ତି। ସେହିପରି ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଚନ୍ଦ୍ରମଣି ନାୟକ ଓ ନିର୍ମଳ କୁମାର ରାଉତ ଏବଂ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ରାଜେନ୍ଦ୍ର ଧଳଙ୍କୁ କମିଶନ ଗତ ୨୫।୭।୨୦୧୮ରେ ଅଯୋଗ୍ୟ ଘୋଷଣା କରିବା ସହ ଏହି ସମୟ ସୀମା ୨୫।୭।୨୦୨୧ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଚଳିତ ନିର୍ବାଚନରେ ଉପରୋକ୍ତ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି କମିଶନ ଅବଗତ କରାଇଛନ୍ତି। ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀମାନେ ଏହି ଦିଗ ପ୍ରତି ଧ୍ୟାନ ଦେବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି।

# ପ୍ରକାଶ ଭାଜପା ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

କଟକ ଅଫିସ, ୨୪।୩

**କଟକ ଲୋକ ସଭା ଆସନ**


ପ୍ରକାଶ ମିଶ୍ର

ରାଜ୍ୟର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ରବିବାର ଭାଜପାରେ ଯୋଗ ଦେଇଛନ୍ତି। ଅବସରପ୍ରାପ୍ତ ଏହି ବରିଷ୍ଠ ଆଇପିଏସ୍ ଅଧିକାରୀ ଜଣକ କଟକ ସଂସଦୀୟ କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଯଦିଓ ଭାଜପା ପକ୍ଷରୁ ଅଦ୍ୟାବଧି କଟକ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ ତଥାପି ପ୍ରକାଶଙ୍କ ନାମ ଆପାତତଃ ଚୂଡ଼ାନ୍ତ ହୋଇଥିବା ଭାଜପା କର୍ମୀ ଓ ନେତାଙ୍କ ମହଲରେ ଆଲୋଚନା ହେଉଛି। ପୂର୍ବରୁ କଟକ ସଂସଦୀୟ କ୍ଷେତ୍ରରୁ ଭାଜପା ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଡଭୋକେଟ ପୀତାମ୍ବର ଆଚାର୍ଯ୍ୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ଚାଲିଥିଲା। ଏପରି କି ଆଡଭୋକେଟ ଆଚାର୍ଯ୍ୟ ମଧ୍ୟ ଲୋକ ସଭା କ୍ଷେତ୍ର ଅଧୀନ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ଘନ ଘନ ଗସ୍ତ କରି ସଂଗଠନ ସଜାଡ଼ିବା କାର୍ଯ୍ୟରେ ଲାଗି ପଡ଼ିଥିଲେ। କିନ୍ତୁ ଗତ ଦୁଇଦିନ ହେବ ପ୍ରକାଶ ମିଶ୍ରଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ରବିବାର ସେ ପଦ୍ମ ଧରିଛନ୍ତି।

୨୦୧୪ ସାଧାରଣ ନିର୍ବାଚନ ସମୟରେ ପ୍ରକାଶ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦାୟିତ୍ୱରେ ରହି ନିର୍ବାଚନ ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ କରୁଥିଲେ। ନିର୍ବାଚନ ପରେ ପ୍ରକାଶ କେନ୍ଦ୍ର ଡେପୁଟେଶନରେ ଯାଇ ସିଆର୍‌ପିଏଫ୍ ଡିଜି ଭାବେ ଦାୟିତ୍ୱ ନେଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ପ୍ରକାଶଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। କୁହାଯାଏ ଯେ ପ୍ରକାଶଙ୍କ ନାମ ସିବିଆଇ ନିର୍ଦ୍ଦେଶକ ତାଲିକାରେ ରହିବା ପରେ ତାଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା। ପ୍ରକାଶ ଭିଜିଲାନ୍ସ ମାମଲା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାକୁ ଖାରଜ କରିବା ପରେ ଭିଜିଲାନ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ମଧ୍ୟ ୨୦୧୫ ଅଗଷ୍ଟ ୧୮ରେ ଭିଜିଲାନ୍ସର ଆବେଦନକୁ ଖାରଜ କରିବା ସହିତ ମିଶ୍ରଙ୍କୁ କ୍ଲିନଚିଟ୍ ଦେଇଥିଲେ। ପରବର୍ତ୍ତୀ ସମୟରେ ପ୍ରକାଶ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲେ ମଧ୍ୟ ତାହା ରବିବାର ବାସ୍ତବରେ ପରିଣତ ହୋଇଛି। ଏହାପରେ ନିର୍ବାଚନ ଲଢ଼େଇକୁ ନେଇ ଆରମ୍ଭ ହୋଇଛି ଆଲୋଚନା। ଯଦିଓ ବିଜେଡି, କଂଗ୍ରେସ ଓ ଭାଜପା କଟକ ପାଇଁ ପ୍ରାର୍ଥୀ ଘୋଷଣା କରିନାହାନ୍ତି କିନ୍ତୁ ସମ୍ଭାବ୍ୟ ତାଲିକା ଅନୁଯାୟୀ କଂଗ୍ରେସରୁ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ଓ ବିଜେଡିରୁ ବର୍ତ୍ତମାନର ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନେକଙ୍କ ନାମ ଶୁଣାଯାଉଛି। ଭାଜପାରେ ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ ପ୍ରତିକ୍ରିୟା ଦେଇ ପଞ୍ଚାନନ କୁହନ୍ତି, ତାଙ୍କ ବିଚାର ଅନୁଯାୟୀ ଭାଜପାରେ ପ୍ରାର୍ଥୀ ହେବା ପାଇଁ କୌଣସି ଯୋଗ୍ୟ କର୍ମୀ ନାହାନ୍ତି। ଯେଉଁଥିପାଇଁ ଉକ୍ତ ଦଳ ଏବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ଉପରେ ନିର୍ଭରଶୀଳ। ଭୁବନେଶ୍ୱର ଓ କଟକକୁ ଦେଖିଲେ ଏହାର ପ୍ରମାଣ ମିଳୁଛି। ଭାଜପାର ଏଭଳି ନିଷ୍ପତ୍ତି ଉକ୍ତ ଦଳର କର୍ମୀମାନଙ୍କ ପ୍ରତି ଅବିଚାରପଣିଆକୁ ପଦାରେ ପକାଇଛି। ଯେଉଁ କର୍ମୀମାନେ ଦୀର୍ଘଦିନ ଧରି ଦଳର ସୁଖଦୁଃଖରେ ଥିଲେ ଓ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ଆଶା ବାନ୍ଧିଥିଲେ ଏବେ ସେମାନଙ୍କ ଆଶାରେ ଭାଜପା ପାଣି ଭରି ଦେଇଛି। ତେଣୁ ଏହି ସରକାରୀ କର୍ମଚାରୀମାନଙ୍କ ଯୋଗଦାନ ରାଜନୀତିରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ପଞ୍ଚାନନ କହିଛନ୍ତି। ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ ବିଜେଡି ନେତା ତଥା ଅବସରପ୍ରାପ୍ତ ପ୍ରଶାସକ ରବି ନାରାୟଣ ନନ୍ଦ କୁହନ୍ତି, ସମସ୍ତଙ୍କ ରାଜନୀତି କରିବାର ଅଧିକାର ଅଛି। କିଏ କେଉଁ ଦଳରେ ଯୋଗଦେବ ତାହା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରେ। କିନ୍ତୁ ତାଙ୍କ ଜାଣିବାରେ ପ୍ରକାଶଙ୍କ ଯୋଗଦାନ ବିଜେଡି ଉପରେ ସାମାନ୍ୟ ପ୍ରଭାବ ପକାଇବ ନାହିଁ। ଓଡ଼ିଶା ଲୋକେ ନବୀନଙ୍କୁ ଭଲପାଆନ୍ତି ଆଉ ବିଜେଡି ସହିତ ଅଛନ୍ତି। ଭାଜପା ରାଜ୍ୟ ଉପସଭାପତି ନୟନ ମହାନ୍ତିଙ୍କ ମତରେ ପ୍ରକାଶଙ୍କ ଯୋଗଦାନ ଭାଜପାକୁ ଅଧିକ ଶକ୍ତିଶାଳୀ କରିବ। ଖାସ୍‌କରି ଯଦି ସେ କଟକ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୁଅନ୍ତି ତେବେ ତାହା ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ।

# ଭାଜପାରେ ମିଶିବା ପରେ ବାସନ୍ତୀଙ୍କ ପୋଷ୍ଟର ପୋଡ଼ିଲେ ବିଜେଡି କର୍ମୀ



ମୋହନା,୨୪।୩ (ଡି.ଏନ୍.ଏ.)

ଗଜପତି ଜିଲା ମୋହନା ନିର୍ବାଚନମଣ୍ଡଳୀ ବିଧାୟିକା ବାସନ୍ତୀ ମଲ୍ଲିକ ବିଜେଡି ଛାଡ଼ି ଭାଜପାରେ ମିଶିବା ପରେ ଏବେ ବିଜେଡି କର୍ମୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ଭାଜପାରେ ତାଙ୍କ ଯୋଗଦାନକୁ ମୋହନା ବିଜେଡି କର୍ମୀମାନେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ବ୍ଲକ ବିଜେଡି ସଭାପତି ରଞ୍ଜୀବ ଶବରଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଶନିବାର ବାସନ୍ତୀଙ୍କ ଫଟୋଚିତ୍ର ଧରି ବଜାର ପରିକ୍ରମା କରି ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଶେଷରେ ତାଙ୍କର ପୋଷ୍ଟର ପୋଡିଥିଲେ।

ଦଳୀୟ କର୍ମୀମାନଙ୍କ ଅଭିଯୋଗ ଯେ, ମୋହନାରେ କର୍ମୀମାନେ ହିଁ ତାଙ୍କୁ ସରପଞ୍ଚରୁ ବ୍ଲକ ଚେୟାରମ୍ୟାନ କରାଇଥିଲେ। ପରେ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ସେ ବିଜେଡିର ବିଧାୟିକା ହୋଇଥିଲେ। ମାତ୍ର ଦଳୀୟ ସଙ୍ଗଠନ ପ୍ରତି ଦୃଷ୍ଟି ଦେଲେନାହିଁ କିମ୍ବା କର୍ମୀଙ୍କୁ ପଚାରିଲେ ନାହିଁ। ଫଳରେ ଦଳ ତାଙ୍କୁ ଚଳିତ ନିର୍ବାଚନରେ ଟିକେଟ ଦେଲା ନାହିଁ। ମାତ୍ର ସେ ନିଜର ସ୍ୱାର୍ଥ ପାଇଁ ଏବେ ଭାଜପାରେ ମିଶିଛନ୍ତି। ତେଣୁ ଭାଜପାରେ ତାଙ୍କର ଯୋଗଦାନ ପରେ ମୋହନା ନିର୍ବାଚନମଣ୍ଡଳୀରେ କିଛି ଫରକ ପଡିବ ନାହିଁ ବୋଲି ବିଜେଡି ସଭାପତି କହିଛନ୍ତି। ଆଗାମୀ ନିର୍ବାଚନରେ ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ବରିଷ୍ଠ ନେତା ରଜେନ୍ଦ୍ର ନାୟକ କହିଛନ୍ତି। ଏଥିରେ ବିଜେଡ଼ି କର୍ମୀ ଶିବ ସାହୁ, ଦୀନବନ୍ଧୁ ସାହୁ, ବିଳାସ ନାୟକ, ଦେବା ନାୟକ, ଫିରୋଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେଡିରେ ଯୋଗଦେଲେ ପୂର୍ବତନ କଂଗ୍ରେସ ବିଧାୟକ ସାଧୁ

## ରୁଦ୍ର ସାମନ୍ତରାୟ ମଧ୍ୟ ସାମିଲ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

କଂଗ୍ରେସ ନେତା ତଥା ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ୨୦୦୯ରେ ବିଜେଡି ହେଭିୱେଟ୍ ଆନନ୍ଦ ଆଚାର୍ଯ୍ୟଙ୍କୁ ପରାସ୍ତ କରି ସାଧୁ ଚର୍ଚ୍ଚାକୁ ଆସିଥିଲେ। ୨୦୧୪ରେ ସାଧୁ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁତ୍ର ଦେବେଶ ଆଚାର୍ଯ୍ୟଙ୍କଠାରୁ ପରାସ୍ତ ହୋଇଥିଲେ। କିନ୍ତୁ ଆସନ୍ତା ନିର୍ବାଚନ ପାଇଁ କଂଗ୍ରେସ ତାଙ୍କୁ ଟିକେଟ ଦେଇ ନ ଥିଲା। ସେହିପରି ବିଷମ କଟକ ନିର୍ବାଚନମଣ୍ଡଳୀରୁ ପୂର୍ବରୁ ଭାଜପା ପ୍ରାର୍ଥୀ ହୋଇଥିବା ସାରଙ୍ଗଧର କାଡ୍ରେକା, ଲକ୍ଷ୍ମୀପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ କଂଗ୍ରେସର ରାଜେନ୍ଦ୍ର ହିକ୍କା ଓ ଟାଙ୍ଗରପାଲ୍ଲୀ ବ୍ଲକର କଂଗ୍ରେସ ନେତା ନିଜର ଶତାଧିକ କର୍ମୀମାନଙ୍କ ସହ ରବିବାର ବିଜେଡିରେ ସାମିଲ ହୋଇଛନ୍ତି।

ସେହିପରି ଅନ୍ୟ ଏକ ମିଶ୍ରଣ ପର୍ବରେ 'ଜୟ ଓଡ଼ିଶା'ର ସଭାପତି ତଥା ଇଂ. ରୁଦ୍ର ସାମନ୍ତରାୟ ଓ ତାଙ୍କ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ମାନେ ହେଉଛନ୍ତି– ସତ୍ୟଜିତ ଦାସ, ସୌରଭ କୁମାର, ରାଜା ନିର୍ମାଲ୍ୟ, ବିବେକ ପାଣ୍ଡେ, ତୃପ୍ତି ମହାନ୍ତି, ବୈଶାଳୀ ନନ୍ଦ, ଅରୁପା ରାୟ ଯୋଶୀ, ଡ. ଇନ୍ଦୁରେଖା ଦାସ, ଖାନ୍‌ସି ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ, ତନ୍ମୟ ଦାସ, ମିସ୍ ରେନୁ, ଶଶଧର ମିଶ୍ର, ମିସ୍ କିରନ, ମିସ ପଦ୍ମାଙ୍କ ସମେତ ସଂଖ୍ୟାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ସୋମବାର, ୨୫ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### ୫୦ କେଜି ଗଞ୍ଜେଇ ଜବତ



ମୋହନା,୨୪।୩(ଡି.ଏନ୍.ଏ.): ମୋହନା ଥାନା ପିଣ୍ଡିକି ପଞ୍ଚାୟତ ନିଜୁମା ଗ୍ରାମ ଛକଠାରେ ମୋହନା ପୋଲିସ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌କୁ ଅଟକାଇ ଯାଞ୍ଚ କରିବାବେଳେ ସେଥିରୁ ୫୦କେଜି ଗଞ୍ଜେଇ ଜବତ ହୋଇଛି। ଗାଡି ଚାଳକ ଓ ଗାଡିରେ ଥିବା ଅନ୍ୟଜଣେ ଜଙ୍ଗଲକୁ ଦୌଡି ପଳାଇଥିଲେ। ପ୍ରକାଶ ଯେ, ଏକ ନିଛାଟିଆ ସ୍ଥାନରୁ ଏକ କାର୍ (ନଂ.ଓଡି ୦୨ ଏୟୁ-୯୪୬୨) ରାଜ୍ୟ ରାଜପଥ ଉପରକୁ ଆସୁଥିବା ବେଳେ ପୋଲିସ ସନ୍ଦେହ କରି ଗାଡିଟିକୁ ଅଟକାଇଥିଲା। ଗାଡିଚାଳକ ଓ ଗାଡିରେ ଥିବା ଅନ୍ୟଜଣେ ସେଠାରୁ ଦୌଡି ଜଙ୍ଗଲ ମଧ୍ୟକୁ ପଳାଇଥିଲେ। ପୋଲିସ ଗାଡି ଯାଞ୍ଚବେଳେ ସେଥିରୁ ୩ ବସ୍ତାରୁ ୫୦କେଜି ଗଞ୍ଜେଇ ଜବତ କରିଥିଲା। ଏସଆଇ ସିନ୍ଧୁ ସାର୍କାଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ପାଟ୍ରୋଲିଂ ଦାୟିତ୍ୱରେ ଥିଲେ। ଗଞ୍ଜେଇ ବସ୍ତାଗୁଡିକୁ ମାଜିଷ୍ଟ୍ରେଟ୍ ଦ୍ୱାୟିତ୍ୱରେ ଥିବା କଲ୍ୟାଣି ସଂଘମିତ୍ରା ଦେବୀଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା।

### ଯୁବ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୪।୩: ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାସ୍କୋ ଓ କାର୍ପ ଏବଂ ନେହେରୁ ଯୁବାକେନ୍ଦ୍ର(ଏନୱାଇକେ)ମିଳିତ ଆନୁକୁଲ୍ୟରେ ରବିବାର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା (କେଏଟିଏସ) ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡା. ଚନ୍ଦ୍ରମଣି ସ୍ୱାଇଁ ଅତିଥି ଭାବେ ଯୋଗେଦେଇ ଉଦଘାଟନ କରିଥିଲେ। ସିଏଚ ସନ୍ତୋଷ ସୁବୁଦ୍ଧିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ରାଜେନ୍ଦ୍ର କୁମାର ବେହେରା ମୁଖ୍ୟଅତିଥି, ଡା. ବିମଳ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ପ୍ରତି ଯୁବକଙ୍କ ରହିଥିବା ଦାୟିତ୍ୱ ଉପରେ ସଚେତନ କରାଇଥିଲେ। ସୁରେଶ ଚନ୍ଦ୍ର ମହାପାତ୍ର, ଅଶୋକ କୁମାର ଦାଶ, ବାସୁଦେବ ନାୟକ, ସୁଦାମ ଚରଣ ସାବତ, ଦେବୀପ୍ରଭା ରଥ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମାସ୍କୋ ଓ କାର୍ପର ସମ୍ପାଦକ ଡା ରାମକୃଷ୍ଣ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ସୁନନ୍ଦା ପାଢୀ ସଂଯୋଜନା କରିଥିଲେ। ସୁଦାମ ପାଣିଗ୍ରାହୀ ଗୋପାଳକୃଷ୍ଣ ସ୍ୱାଇଁ , ପିଙ୍କୁ ସାବତ, ସୁନୀଲ କୁମାର ସାବତ, ପି. ବୁଦ୍ଧଦେବ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ସୋରଡ଼ା ପୋଲିସର ଫ୍ଲାଗ୍ ମାର୍ଚ୍ଚ

ସୋରଡ଼ା,୨୪।୩(ଡି.ଏନ୍.ଏ.): ନିର୍ବାଚନକୁ ଶୃଙ୍ଖଳାର ସହ ଶେଷ କରିବା ପାଇଁ ଆଇଆଇସି ପ୍ରଭାତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ବାହିନି ଦଳ ଥାନା ପରିସରରୁ ବାହାରି ବ୍ଲକ୍ ଲାଇନ୍, ଗଣିଛକ, ଦୈନିକ ମାର୍କେଟ, ରଥପାଦ, ବଡ଼ଦାଣ୍ଡ, ବାଙ୍କ ବଜାର, ଖଦାଳ ସାହି ଭ୍ରମଣ କରିଥିଲେ। ଏଥିରେ ସମସ୍ତ ଏସ୍‌ଆଇଙ୍କ ସମେତ ପୋଲିସ ଫୋର୍ସ ସାମିଲ ଥିଲେ। ଏଥିସହ ଗ୍ରାମାଞ୍ଚ, ସହରାଞ୍ଚଳରେ ୨୪ ଘଣ୍ଟିଆ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

■ ଜାନିବିଲି ପ୍ରକଳ୍ପ ଭେଳିକି: ୪ ଦିନ ହେଲା ଚାଞ୍ଚଡାପଥର ସାହିକୁ ଜଳଯୋଗାଣ ବ୍ୟାହତ

# ଖରା ଆରମ୍ଭରୁ ଜଳସଙ୍କଟ

ବ୍ରହ୍ମପୁର ଅଫିସ,୨୪।୩

ବ୍ରହ୍ମପୁରର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗତ ୩ ତାରିଖରେ ଜାନିବିଲି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଶୁଭାରମ୍ଭ ହୋଇଛି । ତଥାପି ପ୍ରଥମ ପର୍ଯ୍ୟାୟରେ ନିର୍ଦ୍ଧାରିତ ୱାର୍ଡକୁ ପାନୀୟ ଜଳ ଯୋଗାଣ ଠିକଭାବେ ହେଉ ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଖରାଦିନ ଆରମ୍ଭରୁ ବିଭିନ୍ନ ଅଞ୍ଚଳରେ ପୁଣି ଦେଖାଦେଇଛି ପାନୀୟ ଜଳ ସଙ୍କଟ । ଗୋଟିଏ ପଟେ ଜାନିବିଲିରୁ ଜଳଯୋଗାଣ ହେଉଥିବା ନେଇ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ସୀତାରାମ ପଣ୍ଡା କହୁଥିବା ବେଳେ ପ୍ରଥମ ପର୍ଯ୍ୟାୟ ଜଳଯୋଗାଣ ପାଇଁ ନିର୍ଦ୍ଧାରିତ ଅଞ୍ଚଳରେ ଜଳଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଛି । ଅଧିକାଂଶ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ତଥା ଦ୍ୱିତୀୟ ପର୍ଯ୍ୟାୟରେ ଏହି ପ୍ରକଳ୍ପରୁ ଜଳଯୋଗାଣ କରାଯିବାକୁ ସ୍ଥିର କରାଯାଇଥିଲେ ମଧ୍ୟ ଏଯାଏଁ ଜାନିବିଲି ପାଇପଲାଇନ ମଧ୍ୟ ବିଛାଯାଇ ନ ଥିବା ଅଭିଯୋଗ ହୋଇଛି । ବ୍ରହ୍ମପୁର ମହାନଗର ନିଗମ(ବିଏମସି) ୩୨ ନଂ. ୱାର୍ଡର ଚାଞ୍ଚଡାପଥର ସାହିରୁ ଏପରି ଅଭିଯୋଗ ଆସିଛି। ମାର୍ଚ୍ଚ ଶେଷ ସୁଦ୍ଧା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଜଳଯୋଗାଣ କରାଯିବା ନେଇ ପ୍ରକଳ୍ପ ଉଦଘାଟନ ବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଏହି ଅଞ୍ଚଳ ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଏଯାଏ ପାଇପଲାଇନ ମଧ୍ୟ ବିଛାଯାଇ ନ ଥିବା ଅଞ୍ଚଳବାସୀ କହିଛନ୍ତି ।

ସୂଚନାଯୋଗ୍ୟ, ଚାଞ୍ଚଡାପଥର ସାହିରେ ୪୦୦ରୁ ଉର୍ଦ୍ଧ୍ୱ ପରିବାର ବାସବାସ କରୁଛନ୍ତି। ଏହି ଅଞ୍ଚଳକୁ ଦୀର୍ଘ ବର୍ଷଧରି ପାନୀୟ ଜଳ ଯୋଗାଣ ନେଇ ସମସ୍ୟା ଲାଗି ରହିଛି । ପ୍ରତିବର୍ଷ ଖରାଦିନେ ଏହି ଅଞ୍ଚଳକୁ ଜଳଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହେଉଛି। ଗତ ୪ ଦିନ ହେଲା ସାହିରେ ଜଳଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ଏ ନେଇ ବହୁବାର ଅଭିଯୋଗ ସତ୍ତ୍ୱେ ଜନସ୍ୱାସ୍ଥ୍ୟ ବିଭାଗ କର୍ଣ୍ଣପାତ କରୁନାହିଁ । ୪ଦିନ ଅଞ୍ଚଳବାସୀଙ୍କ ଅସନ୍ତୋଷ ପରେ ରବିବାର ଗୋଟିଏ ଟ୍ୟାଙ୍କର ପାଣି ଯୋଗାଇ ଜନସ୍ୱାସ୍ଥ୍ୟ ବିଭାଗ ତା'ର ଦାୟିତ୍ୱ ସାରିଛି । ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ପାଣିପାଇଁ ପ୍ରତିବର୍ଷ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଚଳିତ ବର୍ଷ ଏହି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ନ ହେଲେ ଆନ୍ଦୋଳନ ସହ ସାଧାରଣ ନିର୍ବାଚନ ବର୍ଜନ କରିବା ନେଇ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ।

**ଅଞ୍ଚଳବାସୀ କହନ୍ତି**

“ ଦୀର୍ଘ ବର୍ଷ ହେଲା ଏଠି ରହୁଛି । ଆସିବାଦିନଠାରୁ ଜଳ ସମସ୍ୟା ଲାଗି ରହିଥିବା ଦେଖୁଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ଶୁଣୁ ନାହାଁନ୍ତି । ଖରାଦିନ ଆସିଲେ କେବଳ ପାଣିଟ୍ୟାଙ୍କରକୁ ଭରସା କରୁଥିଲେ ମଧ ତାହାର ଦେଖା ମିଳିବା କଷ୍ଟ ହେଉଛି ।
**-ନମିତା ଜେନା, ଗୃହିଣୀ**

“ ଚଳିତମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାନିବିଲି ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ସହରର ଅଧିକାଂଶ ଅଞ୍ଚଳକୁ ପାଇପଲାଇନ ବିଛାଯିବା ସହ କିଛି ଅଞ୍ଚଳକୁ ଜଳଯୋଗାଣ ମଧ ହେଉଛି । କିନ୍ତୁ ଏହି ଅଞ୍ଚଳକୁ ଅଣଦେଖା କରାଯାଉଛି । ତୁରନ୍ତ ଏହାର ସମାଧାନ କରା ନଗଲେ ଆସନ୍ତା ସାଧାରଣ ନିର୍ବାଚନକୁ ଅଞ୍ଚଳବାସୀ ବର୍ଜନ କରିବୁ ।
**-ଏସ. କାଳିଆ**

“ ଜାନିବିଲି ପ୍ରକଳ୍ପରୁ ଜଳଯୋଗାଣ କାର୍ଯ୍ୟର ଶୁଭାରମ୍ଭ ହେବା ପରେ ଆଶା କରିଥିଲୁ ଏବର୍ଷ ଖରାଦିନେ ପାଣି ମିଳିବ । କିନ୍ତୁ ପ୍ରତିବର୍ଷ ଭଳି ସମାନ ଅବ୍ୟବସ୍ଥା ଦେଖୁଛୁ । ୪ ଦିନ ହେଲା ପାଣି ଆସୁନି । ବାରମ୍ବାର ଅଭିଯୋଗ ପରେ ରବିବାର ଗୋଟିଏ ଜନସ୍ୱାସ୍ଥ୍ୟ ବିଭାଗ ଗୋଟିଏ ଟ୍ୟାଙ୍କର ପାଣି ପଠାଇଛନ୍ତି । ଯାହା ଯଥେଷ୍ଟ ହୋଇନାହିଁ । ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦିଆ ନ ଗଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବୁ ।
**-ବୁଲା ପଣ୍ଡିତ**

“ ଜାନିବିଲି ପାଣି ପାଇଁ ଏଯାଏଁ ଏହି ଅଞ୍ଚଳକୁ ପାଇପ ବିଛା କାର୍ଯ୍ୟ ମଧ ହୋଇନି । ପ୍ରତିବର୍ଷ ଖରାଦିନେ ଅଞ୍ଚଳକୁ ଜଳଯୋଗାଣ ବନ୍ଦ ରହୁଛି । ଏହି ସମୟରେ ଜଳପାଇଁ ତହଳ ବିକଳ ହେଉଥିଲେ ମଧ କେହି ଶୁଣୁନାହାଁନ୍ତି । ଅନ୍ୟ ଅଞ୍ଚଳକୁ ଜଳଯୋଗାଣ ହେଉଥିବା ବେଳେ ଏହି ସାହିକୁ ସାବତ ପୁଅ ଭଳି ବ୍ୟବହାର କରାଯାଉଛି ।
**-ରଘୁନାଥ ପାତ୍ର**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମକୁ ବୁଣିଲେ କରମକୁ ଫଳେ**
**ଲାଉ ଲଗାଇଲେ ଚଲଣା ଫଳେ ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ । ଦଶା ବା ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ । ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ । ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଜିଣିଲେ ମରିବ,**
**ହାରିଲେ ମରିବ ।**

ମାରୀଚର ସଙ୍କଟରେ ପଡ଼ିବା କଥା । ଦୌଡ଼ରେ ଜିଣିଲେ ପ୍ରଭୁ ରାମଚନ୍ଦ୍ରଙ୍କ ତୀରରେ ମରିବ, ନ ହେଲେ ଧରାପଡ଼ିବ । ଉଭୟ କ୍ଷେତ୍ରରେ ମୃତ୍ୟୁ ସୁନିଶ୍ଚିତ । ଯେକୌଣସି ନିଷ୍ପତ୍ତି ବା ଘଟଣା ଯଦି ନିଜ ସପକ୍ଷରେ ନ ଯାଏ ତା' ହେଲେ ବ୍ୟକ୍ତିର ସଙ୍କଟ ଦ୍ୱିଗୁଣିତ ହୋଇଯାଏ । ଏପରିସ୍ଥଳେ ସେ ନିଜକୁ ଅସହାୟ ମଣିବା ଛଡ଼ା ଆଉ କିଛି ବାଟ ରହୁ ନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିଶ୍ୱ ଜଳ ଦିବସ ପାଳିତ




ଅତିଥିଙ୍କ ଗହଣରେ ଚିତ୍ରାଙ୍କନ ପ୍ରତିଯୋଗୀମାନେ।

ବ୍ରହ୍ମପୁର ଅଫିସ,୨୪।୩

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏନ୍‌ସିସି କ୍ୟାଡେଟମାନଙ୍କ ଦ୍ୱାରା ଜଳ ସଂରକ୍ଷଣ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ ଏକ ଶୋଭାଯାତ୍ରା ବାହାରି ବ୍ରହ୍ମପୁର ସହରର ହାଉସିଂ ବୋର୍ଡର ଗଳିକନ୍ଦିରେ ଲୋକଙ୍କୁ ଜଳ ସମସ୍ୟା ସମାଧାନ ବିଷୟରେ ବୁଝାଯାଇଥିଲା। କାର୍ଯ୍ୟକ୍ରମକୁ ୧(ଓ) ସିଟିସି ଏନ୍‌ସିସିର ହାବିଲଦାର ପି.କେ. ମହାନ୍ତି ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏନ୍‌ସିସି ଅଫିସର ଶାନ୍ତନୁ କୁମାର ବେହେରା ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ ଏହାର ଶୁଭାରମ୍ଭ କରିଥିଲେ। ଏଥିସହ କ୍ୟାଡେଟମାନଙ୍କୁ ପୁରସ୍କାର ପ୍ରଦାନ କରି ଜଳ ସମ୍ପଦ ବିଷୟରେ ବିଭିନ୍ନ ବିବରଣୀ ଦେଇ କ୍ୟାଡେଟ ମାନଙ୍କୁ ଉତ୍ସାହିତ କରିଥିଲେ ।

# ସାମୂହିକ ବ୍ରତୋପନୟନ ଉତ୍ସବ



ସମୁହ ବ୍ରତୋପନୟନ ଚାଲିଛି।

ଆସିକା,୨୪।୩(ଡି.ଏନ୍.ଏ)

ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱବ୍ରାହ୍ମଣ ସମାଜର ଖାଲସା ତାଲୁକ ପକ୍ଷରୁ ରବିବାର ଆସିକାସ୍ଥିତ ତ୍ରିବିଧେଶ୍ୱର ମନ୍ଦିର ପରିସରରେ ସମୂହ ବ୍ରତୋପନୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଆର୍ଥିକ ସ୍ୱଚ୍ଛଳତା ନ ଥିବା ପରିବାରର ୩୧ଜଣଙ୍କ ବ୍ରତୋପନୟନ କରାଯାଇଥିଲା। କେନ୍ଦ୍ରୀୟ ସଭାପତି ଡି. ଶିବଶଙ୍କର ଆଚାରୀ ଓ ପୂର୍ବତନ ସଭାପତି ଆର୍. ଚିଦାନନ୍ଦ ଆଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାଲୁକ ସଭାପତି ଆର. ଶିବରାମ ଆଚାରୀ, ସମ୍ପାଦକ ଶଶାଙ୍କ ଶେଖର ଆଚାରୀ, ମଣିଭୂଷଣ ଆଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ରାଜ୍ୟର ବିଭିନ୍ନ ଜିଲାରୁ ସମାଜର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ନିର୍ବାଚନ ଲଢ଼ିବେନି ସରୋଜ ପାଢୀ

ଆସିକା,୨୪।୩(ଡି.ଏନ୍.ଏ)

ଆସିକା ପୂର୍ବତନ ବିଧାୟକ ସରୋଜ ପାଢୀ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ରବିବାର ନିଜ ବାସଭବନରେ ଅନୁଷ୍ଠିତ ସମର୍ଥକଙ୍କ ଏକ ବୈଠକରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ସେ କେଉଁ ଦଳକୁ ସମର୍ଥନ କରିବେ ତାହା ସ୍ପଷ୍ଟ ହୋଇନାହିଁ। ମଧାହ୍ନରେ ଆସିକା ଲୋକ ସଭା ଓ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ମଞ୍ଜୁଳା ସ୍ୱାଇଁ ପାଢୀଙ୍କୁ ମିଶି ସହଯୋଗ କାମନା କରିଥିବାବେଳେ ସନ୍ଧ୍ୟାରେ ଭାଜପା ପ୍ରାର୍ଥୀ ଦେବରାଜ ମହାନ୍ତି ମଧ ପାଢୀଙ୍କୁ ମିଶି ସହଯୋଗ କାମନା କରିଥିଲେ। ତେବେ ଏ ସମ୍ପର୍କରେ ନୀତି ନିର୍ଦ୍ଧାରଣ ଲାଗି ଏକ ପାଞ୍ଚ ଜଣିଆ କମିଟି ଗଠିତ ହୋଇଛି। ଏହି କମିଟି ଭାଜପା ଓ ବିଜେଡି ସହ ଯୋଗସୂତ୍ର ରକ୍ଷା କରିବ। ପାଢୀଙ୍କ ସ୍ୱାଭିମାନ ଓ ତାଙ୍କ ସମର୍ଥକଙ୍କୁ ଉପଯୁକ୍ତ ସମ୍ମାନ ସହ ସୁରକ୍ଷା ଦେବା ଲାଗି ଆଗଭର ହେଉଥିବା ଦଳର ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବା ପାଢୀ ସୂଚନା ଦେଇଛନ୍ତି। ଗତ ସପ୍ତାହ ପୂର୍ବେ ଭାଜପାରେ ସାମିଲ ହୋଇଥିବା ସରୋଜଙ୍କୁ ଭାଜପା ପକ୍ଷରୁ ଘୋଷିତ ପ୍ରଥମ ପ୍ରାର୍ଥୀ ତାଲିକାରେ ଆସିକା ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ଆସିକା ବିଜେଡି ବିଧାୟକ ଦେବରାଜ ମହାନ୍ତି ଦଳୀୟ ଟିକେଟ ହାସଲରୁ ବଞ୍ଚିତ ହୋଇ ଭାଜପାରେ ସାମିଲ ହେବା ପରେ ଦ୍ୱିତୀୟ ପ୍ରାର୍ଥୀ ତାଲିକାରେ ସରୋଜଙ୍କ ସ୍ଥାନରେ ଦଳ ପକ୍ଷରୁ ଦେବରାଜଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ସରୋଜଙ୍କ ସମର୍ଥକମାନେ।

■ ୨ ପରିବାର ମଧ୍ୟରେ ସଂଘର୍ଷ ଘଟଣା

# ୧୩ ଗିରଫ: ଲୁହାଛଡ଼, ଠେଙ୍ଗା ଜବତ

ବ୍ରହ୍ମପୁର ଅଫିସ/କୁକୁଡ଼ାଖଣ୍ଡି,୨୪।୩

ସାମାନ୍ୟ ଘରୋଇ କଳିରୁ ୨ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ସଦର ଥାନା ପୋଲିସ ଉଭୟ ପରିବାରର ୧୩ ଜଣଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି । ଏଥିସହ ଲୁହାଛଡ଼, ଠେଙ୍ଗା ଓ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ଆକ୍ରମଣ ଓ ପ୍ରତିଆକ୍ରମଣ ନେଇ ପୃଥକ ୨ ମାମଲା ରୁଜୁ ହୋଇଛି। ଘରେ ପଶି ଭଙ୍ଗାରୁଜା, ଆତଙ୍କରାଜ ଓ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ରେଣୁ ନାଇକଙ୍କ ଅଭିଯୋଗକ୍ରମେ ନଂ. ୭୬/୧୯ରେ ମାମଲା ରୁଜୁ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପ୍ରଫୁଲ୍ଲ ହାତୀ, ବସନ୍ତ ହାତୀ, ରୀନା ହାତୀ, ମହେନ୍ଦ୍ର ନାଇକ, ଭୀମ ହାତୀ, ଛବି ହାତୀ ଓ ସରସ୍ୱତୀ ହାତୀ। ସେହିପରି ବସନ୍ତ ହାତୀଙ୍କ ଅଭିଯୋଗକ୍ରମେ ନଂ. ୭୭/୧୯ରେ ମାମଲା ରୁଜୁ କରାଯାଇ ଯୋଗେନ୍ଦ୍ର ନାଇକ, ବସନ୍ତ ନାଇକ, ରେଣୁ ନାଇକ, ବାବୁଲା ନାଇକ, ପ୍ରଶାନ୍ତ ନାଇକ ଓ ଝୁନୁ ନାଇକଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। କୁକୁଡ଼ାଖଣ୍ଡି ଜ୍ୟୋତି ନଗରରେ ରହୁଥିବା ରେଣୁ ଓ ତାଙ୍କ ପଡ଼ୋଶୀ ବସନ୍ତଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେଲା କୌଣସି କଥାକୁ ନେଇ କଳହ ଲାଗି ରହିଥିଲା। ଶନିବାର ସନ୍ଧ୍ୟାରେ ଉଭୟ ପରିବାରର ୧୫ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଲୁହାଛଡ଼ ଏବଂ ଠେଙ୍ଗା ଧରି ପରସ୍ପରକୁ ଆକ୍ରମଣ, ପ୍ରତିଆକ୍ରମଣ କରିଥିଲେ। ଗଣ୍ଡଗୋଳ ଉଗ୍ରରୂପ ନେଇଥିବା ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଆହତଙ୍କୁ ହସ୍ପିଟାଲ ପଠାଇବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବୁଝାଶୁଝା କରିଥିଲା। ଉଭୟ ପକ୍ଷ ପରସ୍ପର ବିରୋଧରେ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ୩ ଜଣ ଫେରାର ଥିବା ପୋଲିସ କହିଛି।

# ମୋହନା, ଅଡ଼ବା ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ମୋହନା,୨୪।୩(ଡି.ଏନ୍.ଏ.)

ମୋହନା ସଦର ମହକୁମାରେ ମୋହନା ଥାନା ପକ୍ଷରୁ ରବିବାର ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନବେଳେ ଭୋଟରମାନେ ନିର୍ଭୟରେ ଭୋଟଦାନ କରିବାକୁ ସଚେତନତା କରାଯାଇଥିଲା। ଗଜପତି ଏସ୍‌ପି ସାରା ଶର୍ମାଙ୍କ ନେତୃତ୍ୱରେ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଫ୍ଲାଗ୍‌ମାର୍ଚ୍ଚ ମୋହନା ଥାନାଠାରୁ ଆରମ୍ଭ ହୋଇ ମୋହନା ଷ୍ଟେଟ୍ ବ୍ୟାଙ୍କ, ସାହିଗୁଡ଼ିକ ପରିକ୍ରମା କରି ଲୋକଙ୍କୁ ସଚେତନତା କରାଯାଇଥିଲା। ଏଥିରେ ମୋହନା ଥାନା ଅଧିକାରୀ ସୁଜିତ୍ ନାୟକ, ଆଲୋକ ରଞ୍ଜନ ଜଗଦଲା, ପିଙ୍କି ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅଡବା ଥାନା ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ଅଜୟ ବାରିକଙ୍କ ନେତୃତ୍ୱରେ ସାଧାରଣ ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାରେ ହୋଇ ପାରିବେ ସେ ନେଇ ଅଡବା ଥାନା ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା କର୍ମୀମାନେ ଅଡବା ସମେତ ବିରିକୋଟ, ନଳାଘାଟ, ପାଣିଗଣ୍ଡା ଆଦି ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ୩ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ ଏଥିରେ ସାମିଲ ହୋଇଥିଲେ।

# ବ୍ରହ୍ମପୁରରେ ପହଞ୍ଚିଲା ଭୋଟର୍ ସଂକଳ୍ପ ଯାତ୍ରା




ଅଭିଯାତ୍ରୀମାନେ ଅବନୀ ଗୟାଙ୍କ ପାଇଁ ପ୍ରଚାର କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୪।୩

ଯୋଗ୍ୟ ଓ ସ୍ଥାନୀୟ ପ୍ରାର୍ଥୀଙ୍କୁ ଭୋଟ୍‌ଦେବା ପାଇଁ ଆହ୍ୱାନ ଜଣାଇବା ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରୁ ବାହାରିଥିବା ଭୋଟର୍ ସଂକଳ୍ପ ଯାତ୍ରା ରବିବାର ବ୍ରହ୍ମପୁରଠାରେ ପହଞ୍ଚିଛି । ସ୍ଥାନୀୟ ଏନ୍‌ଜିଓ ହଲ୍‌ଠାରେ ଏହି ଅବସରରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଯେଉଁ ପ୍ରାର୍ଥୀ ଚରିତ୍ରବାନ୍, ଜନତାଙ୍କ ସହ ସାମିଲ୍ ହୋଇ କିଛି ପରିବର୍ତ୍ତନ ପାଇଁ କାମ କରୁଥିବେ, ଭ୍ରଷ୍ଟାଚାରୀ କିମ୍ବା ଅପରାଧୀ ହୋଇ ନ ଥିବେ, ଜାତିବାଦ ଓ ସାଂପ୍ରଦାୟିକ ଶକ୍ତି ବିରୋଧରେ ଲଢୁଥିବେ, ସେଭଳି ପ୍ରାର୍ଥୀଙ୍କୁ ଭୋଟ୍‌ଦେବାକୁ ସଚେତନ କରିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି ଅଭିଯାତ୍ରୀ ଦଳ ପ୍ରକାଶ କରିଥିଲେ। ବ୍ରହ୍ମପୁର ବିଧାନସଭା ପାଇଁ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି ସାମାଜିକ କର୍ମୀ ଅବନୀ ଗୟା। ବ୍ରହ୍ମପୁରର ସ୍ୱାସ୍ଥ୍ୟ ସୁବିଧାର ସୁଧାର ପାଇଁ ୮୪ ସପ୍ତାହ ହେଲା ଘଣ୍ଟଯାତ୍ରା ଆନ୍ଦୋଳନ କରୁଛନ୍ତି। ସମ୍ବିଧାନର ସୁରକ୍ଷା ଓ ମାନବ ଅଧିକାରର ଲଢ଼େଇ ପାଇଁ ସେ ସଂଘର୍ଷ କରୁଥିବାରୁ ବହୁ ସଂଖ୍ୟାରେ ଭୋଟ୍‌ଦେଇ ତାଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହା ପୂର୍ବରୁ ପୂର୍ବାହ୍ନରେ ପିଟିପିଟିଆ ନଗର ବସ୍ତିରେ ସଂକଳ୍ପ ଯାତ୍ରା ତରଫରୁ ଏକ ସଭା ହୋଇଥିଲା। ପରେ ଖଲ୍ଲିକୋଟ କଲେଜ ପଡ଼ିଆ ଠାରେ ଜନ ଜାଗରଣ ଅଭିଯାନ ତରଫରୁ ଖୋଲା ବିତର୍କ କରାଯାଇଥିଲା ।

■ ୫ ଦିନ ପରେ ଠାକୁରାଣୀ ଯାତ୍ରା

# ଆଜିଠୁ ହେବ ଅସ୍ଥାୟୀ ମଣ୍ଡପ ପିଣ୍ଡି କାର୍ଯ୍ୟ

ବ୍ରହ୍ମପୁର ଅଫିସ,୨୪।୩

ଆଉ ମାତ୍ର ୫ ଦିନ ପରେ ଆରମ୍ଭ ହେବ ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢୀ ଠାକୁରାଣୀ ଯାତ୍ରା । ଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ବଡବଜାର ଅଞ୍ଚଳ । ଯାତ୍ରା ପରିଚାଳକ ମୁଖ୍ୟ ତଥା ମା'ଙ୍କ ବାପା କୁହାଯାଉଥିବା ପି. ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ ଘରଠାରୁ ଆରମ୍ଭ କରି ସମଗ୍ର ଦେଶୀବେହେରା ସାହି ଏବେଠୁ ଉତ୍ସବମୁଖରହୋଇଛି। ଦେଶୀବେହେରାଙ୍କ ଘର ସମ୍ମୁଖରେ ପରମ୍ପରା ଅନୁଯାୟୀ ମା'ଙ୍କ ଅସ୍ଥାୟୀ ମଣ୍ଡପ ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି । ଅନ୍ୟପଟରେ ମା'ଙ୍କୁ ସ୍ୱାଗତ କରିବା ଏବଂ ଅସ୍ଥାୟୀ ମଣ୍ଡପରେ ମା'ଙ୍କୁ ଦର୍ଶନ ପାଇଁ ଆସିବାକୁ ଥିବା ଭକ୍ତଙ୍କ ସୁରକ୍ଷା ପାଇଁ ଦେଶୀବେହେରା ସାହି ବଣିଜ ସଂଘ ପକ୍ଷରୁ ଛାମୁଣ୍ଡିଆ ନିର୍ମାଣ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଛି ।



ଛାମୁଣ୍ଡିଆ ନିର୍ମାଣ କାର୍ଯ୍ୟ ପାଇଁ କାଠ କଟା ଚାଲିଛି।

ପରମ୍ପରା ଅନୁଯାୟୀ ପ୍ରତି ଦ୍ୱିବାର୍ଷିକ ଏହି ଯାତ୍ରା ପୂର୍ବରୁ ବ୍ୟବସାୟୀ ସଂଘ ଶ୍ରଦ୍ଧାଳୁ ତଥା ଭକ୍ତଙ୍କୁ ଖରା ପ୍ରକୋପରୁ ରକ୍ଷା ତଥା ଛାଇ ଦେବା ପାଇଁ ଛାମୁଣ୍ଡିଆ ନିର୍ମାଣ କରିଥାଏ । ସଂଘର ସମ୍ପାଦକ ରବୀନ୍ଦ୍ର ସାହୁଙ୍କ ସୂଚନାନୁଯାୟୀ, ଚଳିତ ବର୍ଷ ଯାତ୍ରାରେ ମା'ଙ୍କ ମଣ୍ଡପଠାରୁ ସାହିରେ ୨୫୦ ଫୁଟ ଲମ୍ବର ଓ ୧୩ ଫୁଟ ୬ ଇଞ୍ଚ ଉଚ୍ଚତାର ଛାମୁଣ୍ଡିଆ ନିର୍ମାଣ ହେବ । ଏଥିପାଇଁ ଜଗନ୍ନାଥପୁର, ଗୋପାଳପୁର,

**ଦେଶୀବେହେରା ସାହି ବଣିଜ ସଂଘର ଛାମୁଣ୍ଡିଆ ନିର୍ମାଣ**

ଲୋଚାପଡା ଅଞ୍ଚଳରୁ ୧୪୫ ଖଣ୍ଡ ଚାବୁକ କାଠ ଆସିବା ପରେ ରବିବାର ଛାମୁଣ୍ଡିଆ କାର୍ଯ୍ୟ ଆରମ୍ଭ ହୋଇଛି । କାଠ କାମ ସରିବା ପରେ ଟିକିଟି ପାହାଡରୁ ପ୍ରାୟ ୫୦୦ ଖଣ୍ଡ ଶୋଲପ ଡାଳ ଅଣାଯାଇ ଛାମୁଣ୍ଡିଆକୁ ଆଚ୍ଛାଦିତ କରାଯିବ । ଏହି କାର୍ଯ୍ୟ ପାରମ୍ପରିକ ଭାବେ ୪୦ ବର୍ଷ ଧରି ଗୋଷାଣୀନୂଆଗାଁର ବୁଦ୍ଧିଆ ମହାରଣାଙ୍କ ନେତୃତ୍ୱରେ ହୋଇଆସୁଛି ବୋଲି ସାହୁ କହିଛନ୍ତି । ଅନ୍ୟପକ୍ଷରେ ମା'ଙ୍କ ଅସ୍ଥାୟୀ ମଣ୍ଡପର କାନ୍ଥ ନିର୍ମାଣ ସରିଥିବା ବେଳେ ମଣ୍ଡପ ଛାତର ଛଣ ଓ ପିଣ୍ଡି କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହେବ ବୋଲି ଯାତ୍ରା ପରିଚାଳକ ପି. ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

## ସଂକ୍ଷେପରେ

### ବିଜେଡିରୁ ଭାଗୀରଥିଙ୍କ ଇସ୍ତଫା

**ବ୍ରହ୍ମପୁର ଅଫିସ,୨୪।୩:** ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟ ଉପସଭାପତି ଓ ବ୍ରହ୍ମପୁର ମହାନଗର ବିଜେଡି ଉପସଭାପତି ଭାଗୀରଥି ମହାରଣା ବିଜେଡିରୁ ଇସ୍ତଫା ଦେଇଛନ୍ତି। ରବିବାର ସେ ଇସ୍ତଫାପତ୍ର ଫ୍ୟାକ୍ସ ଯୋଗେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜିଲା ବିଜେଡିର ପକ୍ଷପାତିତା ରାଜନୀତି ଯୋଗୁ ଦଳ ଛାଡ଼ିଥିବା ମହାରଣା ଇସ୍ତଫାପତ୍ରରେ ଦର୍ଶାଇଛନ୍ତି । ଭାଗୀରଥି ହେଉଛନ୍ତି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣାଙ୍କ ସାନ ଭାଇ ।

### ପ୍ରଥମ ପର୍ଯ୍ୟାୟ ନାମାଙ୍କନର ଶେଷ ତାରିଖ ଆଜି
### ଶାନ୍ତି ଶୃଙ୍ଖଳା ପାଇଁ ୧୦ ପ୍ଲାଟୁନ ଫୋର୍ସ

**ବ୍ରହ୍ମପୁର ଅଫିସ,୨୪।୩:** ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ସୋମବାର ନାମାଙ୍କନପତ୍ର ଦାଖଲର ଶେଷଦିନ। ବିଭିନ୍ନ କାରଣରୁ ବହୁ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିପାରିନାହାନ୍ତି। ଶେଷଦିନ ସୋମବାର ୩ ପ୍ରମୁଖ ରାଜନୈତିକ ଦଳର ବହୁ ହେଭିୱେଟ ଓ ସ୍ୱାଧୀନ ପ୍ରାର୍ଥୀମାନେ ବ୍ରହ୍ମପୁର ଉପଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିବେ। ଏଥିପାଇଁ ସହରରେ ପ୍ରବଳ ଜନ ସମାଗମ ହେବ । ତେଣୁ ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରବିବାର ସବୁଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କ ସହ ପୋଲିସ ପ୍ରଶାସନର ଏକ ବୈଠକ ହୋଇଥିଲା। ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ପ୍ରାର୍ଥୀମାନେ କିଭଳି ଶୋଭାଯାତ୍ରା କରିବେ ସେନେଇ ପରାମର୍ଶ ଦିଆଯାଇଥିଲା। ପ୍ରାର୍ଥୀମାନେ କିଏ କେଉଁଠାରୁ ଶୋଭାଯାତ୍ରାରେ ବାହାରିବେ ସେନେଇ ମଧ୍ୟ ସ୍ଥିର କରାଯାଇଛି । ଶାନ୍ତି ଶୃଙ୍ଖଳା ପାଇଁ ସହରରେ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏହାସହିତ ୨ ଜଣ ଏଏସପି ପ୍ରଭାତ ରାଉତରାୟ, ମାୟାଧର ସେଠୀ ଦାୟିତ୍ୱରେ ରହିବେ। ଏଥିସହ ୫ ଡିଏସପି, ୧୦ ଇନ୍ସପେକ୍ଟର ମଧ୍ୟ ଦାୟିତ୍ୱରେ ରହିଥିବା ଏଏସପି ରାଉତରାୟ ସୂଚନା ଦେଇଛନ୍ତି ।

### ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ

**ଆସିକା,୨୪।୩(ଡି.ଏନ୍.ଏ):** ଗାଙ୍ଗପୁର ଥାନା ପୋଲିସ ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ ସହ ରାସ୍ତା ବ୍ଲକିଂ କରାଯାଇ ଯାନବାହାନ ଯାଞ୍ଚ କରାଯାଇଛି। ଶନିବାର ଗାଙ୍ଗପୁର ଥାନା ଇଲାକାର ଲୁଣିପଡ଼ା ଶାସନ, ନାଟେଙ୍ଗା, ବଡ଼ଦୋଡ଼ଙ୍ଗା, ସାନଦୋଡ଼ଙ୍ଗା, ବଡବୋରସିଙ୍ଗି, ସାନବୋରସିଙ୍ଗି, କୁଲାଙ୍ଗି ଆଦି ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା। ଗାଙ୍ଗପୁର ଥାନା ଇଲାକାର ସମୁଦାୟ ୯୮ଟି ବୁଥ୍ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ଏହି ସମସ୍ତ ବୁଥ୍‌କୁ ସଂଲଗ୍ନ ରାସ୍ତାକୁ ସିସିଟିଭି ପରିସରରେ ରଖାଯିବା ସହ ନିର୍ବାଚନକୁ ଶୃଙ୍ଖଳାର ସହ ସମାପନ ଲାଗି ପୋଲିସ ସଂକଳ୍ପବଦ୍ଧ ହୋଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ବିଜେଡି, ଭାଜପା, କଂଗ୍ରେସର ନୂଆମୁହଁ
# ବ୍ରହ୍ମପୁରରେ ହେବ ତ୍ରିମୁଖୀ ଲଢ଼େଇ

**ବ୍ରହ୍ମପୁର ଅଫିସ,୨୪।୩**

ଗଞ୍ଜାମ ଜିଲାର ବ୍ରହ୍ମପୁର ଲୋକସଭା ଅଧୀନ ୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଏପ୍ରିଲ ୧୧ରେ ହେବ ମତଦାନ। ସୋମବାର ନାମାନଙ୍କନ ପତ୍ର ଦାଖଲର ଶେଷ ଦିବସ । ତେଣୁ ବିଭିନ୍ନ ଦଳରୁ ଟିକେଟ ପାଇଥିବା ପ୍ରାର୍ଥୀଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି । ଜିଲାର ମର୍ଯ୍ୟଦାପୂର୍ଣ୍ଣ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଏଥର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ନୂଆମୁହଁଙ୍କୁ ପ୍ରାର୍ଥୀ କରାଯାଇଛି । ଯୁବନେତା ବିକ୍ରମ ପଣ୍ଡା ବିଜେଡି ଟିକେଟ ପାଇଥିଲେ ମଧ୍ୟ ସେ ୫ମ ଥର ପାଇଁ ମଇଦାନକୁ ଓହ୍ଲାଇବେ। ୨୦୦୦ରୁ ୨୦୧୪ ମଧ୍ୟରେ ୪ ନିର୍ବାଚନରେ ସେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ଲଗାତର ଭାବେ ପରାସ୍ତ ହୋଇଥିଲେ। ବର୍ତ୍ତମାନର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ । ଗତ ଏପ୍ରିଲ ୪ରେ ବ୍ରହ୍ମପୁରରେ ଅନୁଷ୍ଠିତ ବିଜେଡିର ମହାମିଶ୍ରଣ ପର୍ବରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିଲେ । ଚଳିତଥର ଚ୍ୟାଉ ପଟ୍ଟନାୟକଙ୍କ ବଦଳରେ ବିକ୍ରମଙ୍କୁ ପ୍ରାର୍ଥୀ କରିଛି ବିଜେଡି ।

ଭାଜପା ପ୍ରାର୍ଥୀ ହୋଇଛନ୍ତି ଗଞ୍ଜାମ ସାଙ୍ଗଠନିକ ଜିଲା ସଭାପତି କାହ୍ନୁ ଚରଣ ପତି । ସେ ୨୦୦୯ ନିର୍ବାଚନରେ ଚିକିଟି ସେଗମେଣ୍ଟରୁ ଭାଜପା ପ୍ରାର୍ଥୀ ହୋଇ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ବହୁ ପଛରେ ଥାଇ ପରାଜିତ ହୋଇଥିଲେ । ସେ ଏବେ ବ୍ରହ୍ମପୁର ବାସିନ୍ଦା ହୋଇ ଏହି ଗୁରୁତ୍ୱପୂର୍ଣ୍ଣ ଆସନରୁ ଲଢ଼ିବା ନିମନ୍ତେ ଭାଜପାରୁ ଟିକେଟ ପାଇଛନ୍ତି । ପତି ଜିଲା ସଭାପତି ହେବା ପରେ ସୁପ୍ତ ଅବସ୍ଥାରେ ଥିବା ଦଳର ସଂଗଠନକୁ ସଜାଡ଼ିଛନ୍ତି । କେବଳ ସେତିକି ନୁହେଁ ରାଜ୍ୟ ବିଜେଡି ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ଏବଂ ବିଭିନ୍ନ ଜନ ସମସ୍ୟା ନେଇ ଗୋଟିଏ ପରେ ଗୋଟିଏ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି । କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ମହାନଗରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିଛନ୍ତି । ତେଣୁ ବ୍ରହ୍ମପୁର ବିଧାନସଭା ଆସନରେ ଲଢ଼ିବା କାହ୍ନୁ ପତି ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି ।

ସେହିପରି କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି ଲିଙ୍ଗରାଜ ଚୌଧୁରୀ । ପ୍ରଦେଶ କଂଗ୍ରେସ କମିଟିର ୯୯ ଜଣ ସମ୍ପାଦକଙ୍କ ମଧ୍ୟରେ ଲିଙ୍ଗରାଜ ଅଛନ୍ତି । ଅତୀତରେ କଂଗ୍ରେସର ବିଭିନ୍ନ କାର୍ଯ୍ୟକ୍ରମ ଓ ଆନ୍ଦୋଳନ ବେଳେ ତାଙ୍କୁ ଦେଖିବାକୁ ମିଳି ନ ଥିଲେ ମଧ୍ୟ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହିତ ତାଙ୍କର ଅତି ଘନିଷ୍ଠତା ଯୋଗୁ ସେ ଟିକେଟ ପାଇଥିବା ସ୍ଥାନୀୟ କର୍ମୀ ଚର୍ଚ୍ଚା କରୁଛନ୍ତି । ପ୍ରାର୍ଥୀ ହେବାକୁ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଓ ଦୀପକ ପଟ୍ଟନାୟକ ଏବଂ ନଗର କଂଗ୍ରେସ ସଭାପତି ପ୍ରମୋଦ ଜେନା ଆଶାୟୀ ଥିଲେ । ଏମାନଙ୍କୁ ପଛରେ ପକାଇ ଲିଙ୍ଗରାଜ ଟିକେଟ ପାଇଲେ ।


ବିକ୍ରମ ପଣ୍ଡା।


କାହ୍ନୁ ଚରଣ ପତି।


ଲିଙ୍ଗରାଜ ଚୌଧୁରୀ ।

**ବ୍ରହ୍ମପୁର ବିଧାନସଭା କ୍ଷେତ୍ର**

ସୂଚନାଯୋଗ୍ୟ,ଏହି ଆସନରୁ ବିଧାୟକ ଚ୍ୟାଉ ପଟ୍ଟନାୟକ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ହୋଇଥିବା ନିର୍ବାଚନରେ ପ୍ରଥମେ ଜନତା ଦଳରୁ ଓ ପରେ ବିଜେଡିରୁ ୫ ଥର ନିର୍ବାଚିତ ହୋଇଛନ୍ତି । ୧୯୯୦ ନିର୍ବାଚନରେ ଜନତା ଦଳରୁ ସ୍ୱର୍ଗତ ବିନାୟକ ମହାପାତ୍ର, ୧୯୮୫ରେ କଂଗ୍ରେସରୁ ଶିବ ଶଙ୍କର ସାହାଣୀ, ୧୯୮୦ରେ କଂଗ୍ରେସରୁ ସ୍ୱର୍ଗତ କୃଷ୍ଣ ଚରଣ ପଟ୍ଟନାୟକ, ୧୯୭୭ରେ ସ୍ୱାଧୀନ ପ୍ରାର୍ଥୀ ରତ୍ନ ମଞ୍ଜରୀ ଦେବୀ, ୧୯୬୭ରୁ ୧୯୭୪ ପର୍ଯ୍ୟନ୍ତ ହୋଇଥିବା ୩ଟି ନିର୍ବାଚନରେ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟ। ସେହିପରି ୧୯୬୧ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ମହୁରୀ ରାଜା ସ୍ୱର୍ଗତ ଶିଶିର କୁମାର ନରେନ୍ଦ୍ର ଦେବ, ୧୯୫୭ରେ କଂଗ୍ରେସରୁ ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସହିତ ଅନୁସୂଚିତ ଜାତି ପାଇଁ ଥିବା ଆସନରୁ ଦଣ୍ଡପାଣି ଦାସ ଏବଂ ୧୯୫୧-୫୨ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ରାମଚନ୍ଦ୍ର ମିଶ୍ର ନିର୍ବାଚିତ ହୋଇଥିଲେ। ରାମଚନ୍ଦ୍ର ଏକ ମାମଲାରେ ପଦ ହରାଇବାରୁ ହୋଇଥିବା ଉପ ନିର୍ବାଚନରେ ସ୍ୱର୍ଗତ ବୃନ୍ଦାବନ ନାୟକ କଂଗ୍ରେସରୁ ବିଧାୟକ ହୋଇଥିଲେ। ଚଳିତ ନିର୍ବାଚନ ଲାଗି ଇତିମଧ୍ୟରେ ଦୁଇଜଣ ସ୍ୱାଧୀନ,ଏସୟୁସିଆଇର ଜଣେ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆଉ କିଏ ନାମାଙ୍କନ ପତ୍ର ଦାଖଲ କରିବ ତାହା ସୋମବାର ସ୍ପଷ୍ଟ ହେବ । ତେବେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବା ସ୍ପଷ୍ଟ ଜଣାପଡୁଛି।

## ସେଲ୍ଫି କର୍ଣ୍ଣର


ତ୍ରିଲୋଚନ


ତୁଷାର

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
bmpselfie@gmail.com
(ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ଲେଖିକା ସାମ୍ମୁଖ୍ୟର ସ୍ୱନକ୍ଷତ୍ର ଉତ୍ସବ


ଅତିଥିମାନେ ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୨୪।୩**

ଗଞ୍ଜାମ ଜିଲା ଲେଖିକା ସାମୁଖ୍ୟର ୧୦ମ ସ୍ୱନକ୍ଷତ୍ର ସାରସ୍ୱତ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହକୁ ରେଭେନ୍ସା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅମୂଲ୍ୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସାମୁଖ୍ୟର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧ୍ୟକ୍ଷ ତଥା ସାହିତ୍ୟ ଏକାଡେମୀର ସଚିବ ଡ. ଜୟନ୍ତୀ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଲେଖକ ସାମୁଖ୍ୟର ସଭାପତି ଡ. ରବି ନାରାୟଣ ମିଶ୍ର, କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢ଼ୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାନେତ୍ରୀ ମାଧୁରୀ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦିକା ଡ. ସୂଚନା ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସାମୁଖ୍ୟର ମୁଖପାତ୍ର 'ସୃଜନୀ' ଓ ଉପସଭାନେତ୍ରୀ ପ୍ରମିଳା ମହାଲାଙ୍କର ପୁସ୍ତକ 'ଶେଷ ରାଗିଣୀର ଛନ୍ଦ' ଉନ୍ମୋଚିତ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ କାର୍ଯ୍ୟକାରୀ ସଭାନେତ୍ରୀ ପ୍ରମୋଦିନୀ ପଣ୍ଡାଙ୍କ ସଭାପତିତ୍ୱରେ କବିତାପାଠ ଉତ୍ସବ ହୋଇଥିଲା। ସାଧାରଣ ସମ୍ପାଦକ ହାଡିବନ୍ଧୁ ମାଳିସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ପାଦିକା ଜ୍ୟୋସ୍ନାମୟୀ ପ୍ରଧାନ, କୋଷାଧ୍ୟକ୍ଷା ଆରତୀ ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମିନାକ୍ଷୀ ପଣ୍ଡା, ଜ୍ୟୋସ୍ନାମୟୀ ଦାଶ, ରଚନା ପାଢ଼ୀ, ଅନୀତା ରାଣୀ ମିଶ୍ର, ବନ୍ଦିତା ମିଶ୍ରଙ୍କ ସମେତ ବହୁ କବୟିତ୍ରୀ କବିତା ପାଠ କରିଥିଲେ। ରୀତାଞ୍ଜଳୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଯୁବକଙ୍କୁ ଆକ୍ରମଣ ଘଟଣା, ୪ ଗିରଫ

**ବ୍ରହ୍ମପୁର ଅଫିସ,୨୪।୩**

ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଟାଉନ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସ୍ଥାନୀୟ ଖାଜା ସାହିର ଶେଖ ସଲମାନ, ସାୟଦ ହାଫିଜ, ପାତ୍ରପେଟାର ମହମ୍ମଦ ମନସୁର ସରିଫ ଓ ଶେଖ ରିଆଦ। କେସ ନଂ ୬୭/୧୯ରେ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି । ଶୁକ୍ରବାର ରାତିରେ ଦୁଇ ସାଙ୍ଗ କେ. ନୂଆଗାଁ ଥାନା ଅନ୍ତର୍ଗତ ମଇସାନପୁର ଗ୍ରାମର ସୁନୀଲ କୁମାର ସାହୁ ଓ ସ୍ଥାନୀୟ ରାମନଗର ଅଞ୍ଚଳର ଏମ. ସନ୍ତୋଷ କୁମାର ବାହାରେ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ୪ ଦୁର୍ବୃତ୍ତ ପହଞ୍ଚି ହଠାତ୍ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ପରେ ଆହତ ସନ୍ତୋଷଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏ ନେଇ ସୁନୀଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଦୁବାଇରେ ବ୍ରହ୍ମପୁର ଡାକ୍ତରଙ୍କ ଉପସ୍ଥାପନା


ଡା. ସୁନୀଲ କୋଟା ବକ୍ତବ୍ୟ ରଖୁଛନ୍ତି ।

**ବ୍ରହ୍ମପୁର ଅଫିସ,୨୪।୩**

ଗ୍ଲୋବାଲ୍ କାର୍ଡିଓ ଏବଂ ଡାଇବେଟିସ୍ ଏକାଡ଼େମି ତରଫରୁ ଦୁବାଇ ଠାରେ ମେଟାବୋଲିକ୍ କନ୍‌କ୍ଲେଭ୍-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଥାଇରଏଡ୍ ସମସ୍ୟା ଥିଲା ଏହି ବର୍ଷର ମୁଖ୍ୟ ବିଷୟ। ଉକ୍ତ କନକ୍ଲେଭରେ ବ୍ରହ୍ମପୁରସ୍ଥିତ ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ୍‌ର ଯୁବ ଏଣ୍ଡ୍ରୋକାଇଲୋଜିଷ୍ଟ ଡା. ସୁନୀଲ କୁମାର କୋଟା ବକ୍ତାଭାବେ ଯୋଗ ଦେଇଥିଲେ। ଗର୍ଭାବସ୍ଥାରେ ହାଇପର୍ ଥାଇରଏଡିଜ୍‌ର ଚିକିତ୍ସା ଉପରେ ସେ ନିଜର ଉପସ୍ଥାପନା ରଖିଥିଲେ। ପ୍ରତି ୨ହଜାର ଗର୍ଭବତୀଙ୍କ ମଧ୍ୟରୁ ଜଣେ ହାଇପର୍ ଥାଇରଏଡ ଆକ୍ରାନ୍ତ ହୋଇଥାନ୍ତି । ରକ୍ତରେ ଥାଇରଏଡ୍ ହର୍‌ମୋନ୍ ସ୍ତର ବଢ଼ିବା ଦ୍ୱାରା ଏବଂ ଓଜନ କ୍ଷୟ, ଅତ୍ୟଧିକ ଝାଳ ବୋହିବା, ହାତ ଥରିବା, ହୃଦ୍‌ସ୍ପନ୍ଦନ ବଢ଼ିବା ତଥା ଆଖି ନାଲି ଦେଖାଯିବା ଆଦି ଏହାର ଲକ୍ଷଣ। ଏଥିରେ ଗର୍ଭପାତ, ଉଚ୍ଚ ରକ୍ତଚାପ, ହାର୍ଟ ଫେଲ୍ୟୁଅର୍, ଗର୍ଭସ୍ଥ ଶିଶୁର ଶାରୀରିକ ତଥା ମାନସିକ ବିକାଶର ଅବକ୍ଷୟ, ସମୟ ପୂର୍ବରୁ ପ୍ରସବ, ନବଜାତକର ମୃତ୍ୟୁ ଆଦି ଜଟିଳ ଅବସ୍ଥା ଦେଖାଦେଇଥାଏ। ଏହାର ଚିକିତ୍ସା ମୁଖ୍ୟତଃ ବଟିକା ଦ୍ୱାରା କରାଯାଇଥାଏ। ହେଲେ କେତୋଟି ସଂକଟାପନ୍ନ ସ୍ଥିତିରେ ଦ୍ୱିତୀୟ ତ୍ରୟମାସିକରେ ଶଲ୍ୟ ଚିକିତ୍ସା ମଧ୍ୟ କରିବା ଆବଶ୍ୟକ ପଡ଼ିଥାଏ । ଡା. କୋଟା ବଟିକା ବ୍ୟବହାର ପ୍ରଣାଳୀ, ପାର୍ଶ୍ୱପ୍ରତିକ୍ରିୟା ତଥା ରୋଗୀଙ୍କ ନିୟମିତ ଯାଞ୍ଚ ପଦ୍ଧତି ଉପରେ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, ବିଶ୍ୱର ବିଭିନ୍ନ ସ୍ଥାନରୁ ୪୦ ବିଶେଷଜ୍ଞ ଡାକ୍ତରଙ୍କୁ ବକ୍ତା ଭାବେ ଆମନ୍ତ୍ରିତ କରାଯାଇଥିଲା। ଦକ୍ଷିଣ ଏସିଆ ତଥା ମଧ୍ୟପୂର୍ବ ଦେଶର ୨୫୦ ଡାକ୍ତର ଏଥିରେ ଯୋଗଦେଇଥିଲେ । ଭାରତରୁ ୪ ଡାକ୍ତର ଏଥିରେ ଭାଗ ନେଇଥିବା ବେଳେ ଡା. କୋଟା ଥିଲେ ଏକମାତ୍ର ଓଡ଼ିଆ ।

# ଘୋଷଣାରେ ସୀମିତ ପୋଲିସ କମିଶନରେଟ ବ୍ୟବସ୍ଥା

**ବ୍ରହ୍ମପୁର ଅଫିସ,୨୪।୩**

ବ୍ରହ୍ମପୁରରେ ବିଗତ ବର୍ଷଗୁଡିକରେ ଗ୍ୟାଙ୍ଗୱାର, ତଜ୍ଜନିତ ହତ୍ୟା, ବଟି ଆଦାୟ, ଅପହରଣ ଭଳି ଅନେକ ଅପରାଧ ଘଟିଥିବା ଯୋଗୁ ସହର ଦୁର୍ନାମ ମୁଣ୍ଡାଇଥିଲା। ତେଣୁ ଅପରାଧ ଦମନ ସହ ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ କମିଶନରେଟ ପୋଲିସ ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ୪ ବର୍ଷ ତଳୁ ନିଷ୍ପତ୍ତି ହୋଇଛି। ଏପରିକି ମୁଖ୍ୟମନ୍ତ୍ରୀ ଦୁଇ ଦୁଇଥର ଏହି ଘୋଷଣା କରି ସାରିଛନ୍ତି। ଏଥିପାଇଁ ବିଧିବଦ୍ଧ ନିଷ୍ପତ୍ତି ହୋଇ ସାରିଥିଲେ ମଧ୍ୟ କେବଳ ମୋହର ଲାଗିବାରେ ବିଳମ୍ବ ଘଟୁଛି। ଗତବର୍ଷ ପୋଲିସ ମହାନିର୍ଦ୍ଦେଶକ ଡ଼. ରାଜେନ୍ଦ୍ର ପ୍ରସାଦ ଶର୍ମା ଭୁବନେଶ୍ୱର-କଟକ ପୋଲିସ କମିଶନରେଟ ପ୍ରତିଷ୍ଠା ଦିବସରେ ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରାଯିବ ବୋଲି କହିଥିଲେ। ତେବେ ବର୍ଷେରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ବ୍ରହ୍ମପୁରରେ ଏହା କେବେ କାର୍ଯ୍ୟକାରୀ ହେବ ସ୍ପଷ୍ଟ ହୋଇପାରୁନାହିଁ।

ବ୍ରହ୍ମପୁର ସହରର ଜନସଂଖ୍ୟା ବଢୁଥିବା ବେଳେ ଧୀରେ ଧୀରେ ଏହାର ସୀମା ମଧ୍ୟ ବଢ଼ି ଚାଲିଛି । ଏଠାରେ ପୋଲିସ କମିଶନରେଟ ବ୍ୟବସ୍ଥା ଲାଗୁ କରିବା ଦାବିକୁ ସରକାର ହୃଦୟଙ୍ଗମ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପୋଲିସ କମିଶନରେଟ ପାଇଁ ନୂତନ ଥାନା ପ୍ରତିଷ୍ଠା ସହିତ ଥାନାଗୁଡ଼ିକର ସୀମା ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ହୋଇଥିଲା। ପୁରୁଣା ବଡ଼ବଜାର ଥାନାରେ ଜିଲାର ନୂତନ ସାଇବର ଥାନା ଭାବେ ପ୍ରତିଷ୍ଠା ହୋଇଥିଲା। ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ରାଜ୍ୟ ସରକାର ଓ ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯାଇଥିଲା। ବ୍ରହ୍ମପୁର ପୋଲିସ ଜିଲାରେ ସାଇବର ଥାନାକୁ ମିଶାଇ ଏବେ ୧୪ ଥାନା ରହିଛି। ଏହି ପୋଲିସ ଜିଲାର ୩ ଥାନା ଯଥା ଜରଡ଼ା, ଦିଗପହଣ୍ଡି ଓ କେ.ନୂଆଗାଁ ଥାନା ଗଞ୍ଜାମ ପୋଲିସ ଜିଲାରେ ସାମିଲ କରାଯିବ। ଗଞ୍ଜାମ ପୋଲିସ ଜିଲାର ଛତ୍ରପୁର, ଚମାଖଣ୍ଡି ଓ ଆର୍ଯ୍ୟପଲ୍ଲୀ ଥାନାକୁ ବ୍ରହ୍ମପୁର ପୋଲିସ ଜିଲାରେ ମିଶାଇ ପୋଲିସ କମିଶନରେଟ ବ୍ୟବସ୍ଥା ଆରମ୍ଭ କରିବାକୁ ପ୍ରସ୍ତାବ ରହିଛି। ବ୍ରହ୍ମପୁର ପୋଲିସ ଜିଲାରେ ଥିବା ବଡ଼ବଜାର ଥାନା, ଟାଉନ ଥାନା, ବୈଦ୍ୟନାଥପୁର ଥାନା, ଗୋସାଇଁ ନୂଆଗାଁ ଥାନା, ସଦର, ଗୋଳନ୍ଥରା, ଗୋପାଳପୁର ଥାନା ସମେତ ମହିଳା ଥାନା, ବିଦ୍ୟୁତ ଥାନା, ଟ୍ରାଫିକ ଥାନା ପୋଲିସ କମିଶନରେଟ ବ୍ୟବସ୍ଥାରେ ସାମିଲ ହେବ। ପୋଲିସ କମିଶନର ବ୍ୟବସ୍ଥାକୁ ୩ଟି ସବଡିଭିଜନରେ ବିଭକ୍ତ କରାଯାଇ ଜଣେ ଲେଖାଏ ଡିସିପି ଏହାର ଦାୟିତ୍ୱରେ ରହିବେ। ପ୍ରତି ଡିସିପି ଅଧୀନରେ ୫ଟି ଥାନା ରହିବ ବୋଲି ପ୍ରସ୍ତାବ ରହିଛି। ବ୍ରହ୍ମପୁରରେ ପୋଲିସ କମିଶନରେଟ ବ୍ୟବସ୍ଥା ଲାଗୁ ହେଲେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସହଜ ହେବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

# ଯକ୍ଷ୍ମା ମୂଳୋତ୍ପାଟନ କରିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୨୪।୩**

ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ସମିତି ଓ ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଆର୍‌ଏନ୍‌ଟିସିପି) ପକ୍ଷରୁ ରବିବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ)ଙ୍କ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସିଡିଏମଓ ଡା. ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଭି. ସରୋଜିନୀ ଦେବୀ, ଡା. ହିମାଂଶୁବାଳା ପଟ୍ଟନାୟକ, ଜିଲା ମ୍ୟାଲେରିଆ ଅଧିକାରୀ ଡା. ପି. କୁରମେୟା, ଏଡିଯୁପିଏଚଓ ଡା. ଲଲାଟେନ୍ଦୁ ଦାଶ, ଜିଲା ସରଭାଇଲେନ୍ସ ମେଡିକାଲ ଅଫିସର (ଡିଏସଏମଓ) ଡା. ଅବନୀ ପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ଅଧିକାରୀ (ଡିପିଏମ) ଶ୍ୟାମସୁନ୍ଦର ତ୍ରିପାଠୀ, ଏମଓଟିସି ଡା.ଗୀତିମୟ ପଟ୍ଟନାୟକ,



ମଞ୍ଚାସୀନ ଅତିଥି।

ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡା. ସରୋଜ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏଥିରେ ଯକ୍ଷ୍ମା(ଟିବି) ମୂଳପ୍ରାଟନ କରିବାକୁ ଆହ୍ୱାନ ଦିଆଯାଇଥିଲା । ନିୟମିତ ଚିକିତ୍ସା ଓ ଔଷଧ ସେବନ କଲେ ଟିବି ନିରାକରଣ ସମ୍ଭବ । ପ୍ରତ୍ୟେକ ଅଞ୍ଚଳରେ ଏହି ବାର୍ତ୍ତା ପହଞ୍ଚାଇବା ଦିଗରେ ସମସ୍ତେ ଚେଷ୍ଟା କରିବାକୁ ସିଡିଏମଓ ଆହ୍ୱାନ ଦେଇଥିଲେ । ବିଶ୍ୱକୁ ଟିବି ମୁକ୍ତ କରିବାକୁ ସଚେତନତା ଜରୁରୀ ବୋଲି ମଞ୍ଚାସୀନ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଟିବିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା କବିସୂର୍ଯ୍ୟନଗରର ଜଣେ ଓ ବ୍ରହ୍ମପୁରର ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଟିବି ଚିକିତ୍ସା ସମର୍ଥକ ଭାବେ ଜିଲାର ୩ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ଏସଆର ସାବତ, ଡା. ରତ୍ନାକର ବେହେରା, ଡା. ଗୋପାଳ ପଟ୍ଟନାୟକ, ଡା, ବି.ଏସ. ଆଚାର୍ଯ୍ୟଙ୍କ ସମେତ ଏଏନଏମ ଛାତ୍ରୀମାନେ ଉପସ୍ଥିତ ଥିଲେ। ଆରଏନଟିସିପିର ବିଦେହୀ ଜେନା, ସୁଧୀରକାନ୍ତ ବେହେରା, ଲୋକନାଥ ପଣ୍ଡା, ସନ୍ତୋଷ ପ୍ରସାଦ ନନ୍ଦ, ବଳରାମ ନାୟକ, କାମଦେବ ସ୍ୱାଇଁ, ପ୍ରଣତୀ ସାହୁ, ପ୍ରଭାତ ଗୌଡ, ପି. ଉର୍ମିଳା ପ୍ରମୁଖ ସହଯୋଗ କରିଥିଲେ ।

# ଟିକେଟ ବଣ୍ଟନକୁ ନେଇ ଆଇଏନ୍‌ଟିୟୁସିର ଅସନ୍ତୋଷ

ଫୁଲବାଣୀ ଅଫିସ, ୨୪।୩

କନ୍ଧମାଳ ଜିଲାରେ ଲୋକସଭା ଓ ୨ଟି ବିଧାନସଭା କ୍ଷେତ୍ର ଲାଗି କଂଗ୍ରେସର ଟିକେଟ ବଣ୍ଟନକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ(ଆଇଏନ୍‌ଟିୟୁସି) ବିରୋଧ କରିଛି। ଫୁଲବାଣୀରେ ଦଳୀୟ କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଇଏନଟିୟୁସିର ସଭାପତି ଘନ ଶବର ଯୋଗଦେଇ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ରାଜ୍ୟ ନେତୃବୃନ୍ଦଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ଜିଲାରେ କଂଗ୍ରେସର ସଂଗଠନ ସୁପ୍ତ ଅବସ୍ଥାରେ ଥିଲା। କଂଗ୍ରେସର ଏହି ଶ୍ରମିକ ଶାଖା ୨୦୧୩ରୁ ସଂଗଠନକୁ ମଜବୁତ୍ କରି କାର୍ଯ୍ୟ କରି ଆସୁଛି। ଯେତବେଳେ ଦଳ ଯେଉଁ ପ୍ରକାର ସାହାର୍ଯ୍ୟ ଚାହିଁଛି ତାହା କରାଯାଇଛି। ଆମେ ବିଗତ ୬ ବର୍ଷ ହେବ ଦଳୀୟ କାର୍ଯ୍ୟରେ ଲିପ୍ତ ଅଛୁ। ଚଳିତ ନିର୍ବାଚନ ଲାଗି ଶ୍ରମିକ ସଂଗଠନରୁ ଜଣେ ପ୍ରାର୍ଥୀ କରିବାକୁ ଆମେ ପ୍ରସ୍ତାବ ଦେଇଥିଲୁ, ତାହା କରାଗଲା ନାହିଁ। ଆମେ ଦଳକୁ ବିରୋଧ କରୁନାହୁଁ। କିନ୍ତୁ ରାଜ୍ୟରେ ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନେ ଉପଯୁକ୍ତ ପ୍ରାର୍ଥୀ ଚୟନ କରି ନାହାନ୍ତି। ଆମ ପ୍ରତି ଅବିଚାର କରାଯାଇଛି। ଦଳୀୟ ହାଇ କମାଣ୍ଡ ରାହୁଲ ଗାନ୍ଧି ଏସବୁ ବିଷୟରେ ଅବଗତ ନୁହନ୍ତି। ପ୍ରଭାରୀମାନେ ମଧ୍ୟ ଠିକ୍ ଭାବେ କାର୍ଯ୍ୟ କରୁନାହାନ୍ତି। ଆଇଏନ୍‌ଟିୟୁସି ନିର୍ବାଚନରେ ସମସ୍ତ ପ୍ରାର୍ଥୀଙ୍କୁ ସହଯୋଗ କରିବ। ଆମେ କେବଳ ଆମ ଅସନ୍ତୋଷ ଜଣାଉଛୁ ବୋଲି ଶବର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ପ୍ରଫୁଲ୍ଲ ବେହେରା, ଏମ୍‌ଡି ସାତାର, ବୈଷ୍ଣବ ପଟ୍ଟନାୟକ, ରାଧାକାନ୍ତ ଦିଗାଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଆଇଏନ୍‌ଟିୟୁସିର କର୍ମକର୍ତ୍ତା।

## ସଂକ୍ଷେପରେ

### ଗାଡି ଓଲଟି ୧୫ ଆହତ

ପାତ୍ରପୁର,୨୪।୩(ଡି.ଏନ୍.ଏ.)- ଜରଡା ଥାନା ଜୟନ୍ତୀପୁର ନିକଟରେ ଏକ ଟାଟା ଏସିଇ ଗାଡି ଭାରସାମ୍ୟ ହରାଇ ଓଲଟି ପଡିବାରୁ ପାତ୍ରପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ୮ଜଣ ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ମୁକୁନ୍ଦପୁରର ୨୫ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଧନେଶ୍ୱରି ମନ୍ଦିରକୁ ପୂଜାର୍ଚ୍ଚନା ପାଇଁ ଯାଉଥିବାବେଳେ ଏପରି ଦୁର୍ଘଟଣା ଘଟିଥିଲା। ଆହତମାନେ ହେଲେ ଏନ. ପୁରୁଷୋତ୍ତମ, ଏନ. ନୀଳମଣି, ଏମ. ଜନକୀ ଆମ୍ମା, ରଙ୍ଗବତୀ ପ୍ରଧାନ, ଡ଼ି କୁମାରୀ, ଡି. ସୁଭଦ୍ରା , ଜି. ନାରାସିଙ୍ଗିଲୁ, ଏମ. ତରୁଣ, ଏନ ଟୋଙ୍କେୟା, ଡି. କୁରମ୍ମଣ୍ଣା ପ୍ରମୁଖ। ଘଟଣା ସ୍ଥଳରେ ଜରଡା ପୋଲିସ ପହଞ୍ଚି ଗାଡି ଜବତ କରି ତଦନ୍ତ ଚଳାଇଛି।

### କାର୍ ଦୁର୍ଘଟଣାରେ ଜଣେ ଆହତ



ଛତ୍ରପୁର,୨୪।୩(ଡି.ଏନ.ଏ)-ଛତ୍ରପୁର ବାଇପାସ ବ୍ୟାଙ୍କ କଲୋନୀ ସମ୍ମୁଖ ଜାତୀୟ ରାଜପଥ ନଂ. ୧୬ରେ ରବିବାର ଭୋରରେ ଏକ କାର ଦୁର୍ଘଟଣାରେ ଜଣେ ଆହତ ହୋଇଛନ୍ତି। ସେ ହେଲେ ଦିଗପହଣ୍ଡିର ଉତ୍ତମ ପାଣିଗ୍ରାହୀ । ତାଙ୍କୁ ଚିକିତ୍ସା ଲାଗି ଛତ୍ରପୁର ହସ୍ପିଟାଲକୁ ନିଆଯାଇଥିଲା। ଭୁବନେଶ୍ୱରରୁ ଦିଗପହଣ୍ଡିକୁ ଫେରୁଥିବା ବେଳେ କାର୍‌ଟି ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କାର୍‌ରେ ବସିଥିବା ଯାତ୍ରୀ ଆହତ ହୋଇଥିଲେ।

### ବ୍ଲକର ଘରୋଇ ବିଦ୍ୟାଳୟର ବୈଠକ

ବେଗୁନିଆପଡ଼ା,୨୪।୩(ଡି.ଏନ୍.ଏ.): ବେଗୁନିଆପଡ଼ା ବ୍ଲକର ଏସ୍. ଛଟିନା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ସମସ୍ତ ଘରୋଇ ବିଦ୍ୟାଳୟର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ନିୟମର ପରିବର୍ତ୍ତନ ଫଳରେ ଘରୋଇ ବିଦ୍ୟାଳୟଗୁଡ଼ିକ ଅନେକ ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଆଲୋଚନା ହୋଇଥିଲା । ଆଗାମି ୩୧ରେ ପୁନର୍ବାର ବୈଠକ କରି ଏକ କମିଟି ଗଠନ କରାଯିବା ସହ ସମସ୍ୟା ଉପରେ ପୁନର୍ବାର ଆଲୋଚନା କରାଯିବ।

### ବନଦିବସ ପାଳିତ

**ହାତୀଓଟ,୨୪।୩:** ପୋଲସରା ବ୍ଲକ ହାତୀଓଟ ନୋଡାଲ୍ ହାଇସ୍କୁଲରେ ପୋଲସରା ବନାଞ୍ଚଳ, ଦକ୍ଷିଣ ଘୁମୁସର ବନଖଣ୍ଡ, ଭଞ୍ଜନଗର ତରଫରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏଥିରେ ପୋଲସରା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଫରେଷ୍ଟର, ଫରେଷ୍ଟ ଗାର୍ଡ଼ ଓ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସ ସଭାପତିତ୍ୱ କରି ବନର ଆବଶ୍ୟକତା, ପରିବେଶ, ବନ୍ୟଜନ୍ତୁ ସଂରକ୍ଷଣ ଆଦି ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ।

## ▪ଦିଗପହଣ୍ଡିରେ ରାଜନୀତି ସରଗରମ

# କଂଗ୍ରେସର ରୋଡଶୋ,ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

ଦିଗପହଣ୍ଡି,୨୪।୩(ଡି.ଏନ.ଏ.)

ଦିଗପହଣ୍ଡିରେ ରବିବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଜନଆଶୀର୍ବାଦ ଯାତ୍ରା ଓ ରୋଡ ସୋ କାର୍ଯ୍ୟକ୍ରମ ହୋଇଯାଇଛି । ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସୋମବାର କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡା ନାମାଙ୍କନ ଦାଖଲ ପୂର୍ବରୁ ରୋଡସୋରେ ସହରର ବିଭିନ୍ନ ସାହି ବସ୍ତି ପରିକ୍ରମା କରି ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। କର୍ଯ୍ୟକ୍ରମରେ ପ୍ରାକ୍ତନ ନଗରପାଳ ଭି. ରବି ନାରାୟଣ ରାଜୁ, ଜିଲା କଂଗ୍ରେସ କମିଟି ଉପସଭାନେତ୍ରୀ ନିରୁପମା ପଟ୍ଟନାୟକ, ସିପିଆଇ ଏମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ଅଶ୍ୱିନୀ କୁମାର ଦାସ, ସିପିଆଇ ଶାଖା ସମ୍ପାଦକ ତପନ କୁମାର ମିଶ୍ର, ନଗର କଂଗ୍ରେସ କମିଟି ସଭାପତି ରସାନନ୍ଦ ରାଉତ, କାଉନସିଲର ଭଗବାନ ସ୍ୱାଇଁ, ନୀଳକଣ୍ଠ ପଟ୍ଟନାୟକ, ଭି. ଶ୍ୟାମ ସୁନ୍ଦର ରାଜୁ, କେ. କୁନା, ବ୍ଲକ ଯୁବ କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ର, ଏମ. ବାଇନାଥ, ଡ଼ମ୍ବରୁଧର ବେହେରା ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


ଭାଜପା ନିର୍ବାଚନୀ କାର୍ଯ୍ୟାଳୟରେ ପ୍ରାର୍ଥିନୀ ପିଙ୍କି ଓ ଅନ୍ୟମାନେ।

ସେହିପରି ଦିଗପହଣ୍ଡି ମେନ ରୋଡରେ ରବିବାର ସନ୍ଧ୍ୟାରେ ଭାଜପାର ନିର୍ବାଚନ କାର୍ଯ୍ୟାଳୟ ଉଦଘାଟିତ ହୋଇଛି । ଭାଜପାର ପ୍ରାର୍ଥିନୀ ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନ ଏହାକୁ ଉଦଘାଟନ କରିଥିଲେ । ପରେ ସେଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମାବେଶରେ ଭାଜପା ନଗର ସଭାପତି ଭବାନୀ ଶଙ୍କର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବନଜା ପଣ୍ଡା, ବବିତା ପାତ୍ର, ଜିଲା ଉପସଭାପତି ପରେଶ ଚନ୍ଦ୍ର ରଥ, ଶୁଭେନ୍ଦୁ ପାଢ଼ୀ, ମହନ୍ତ ଚିନ୍ମୟାନନ୍ଦ ଦାସ, ମନୋଜ କୁମାର ପଣ୍ଡା, ଭିକାରୀ ସେଠୀ, ଖଲି ମହାପାତ୍ର ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଭଞ୍ଜ ସାହିତ୍ୟ ଆସର, ମୁଖପତ୍ର ଉନ୍ମୋଚନ


ଉପସ୍ଥିତ ଅତିଥିବୃନ୍ଦ।

ବୁଗୁଡ଼ା,୨୪।୩(ଡି.ଏନ.ଏ.)

ବୁଗୁଡ଼ା ପିପୁଲ୍ସ କଲେଜରେ ଡ. ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ରବିବାର ଭଞ୍ଜ ସାହିତ୍ୟ ଆସର ସହ କଲେଜର ମୁଖପତ୍ର ଶୁଭଙ୍କର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ସଭାପତିତ୍ୱ କରିଥିଲେ। ଶୁଭଙ୍କର ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ମହାପାତ୍ର, ସମ୍ପାଦକ ପ୍ରସନ୍ନ କୁମାର ସ୍ୱାଇଁ, ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. କୃତ୍ତିବାସ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ, ଭଞ୍ଜୀୟ କବିତା ଏବଂ ସୁସ୍ଥ ସମାଜ ଗଠନରେ ସାହିତ୍ୟ ଓ ସାମ୍ବାଦିକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପିପୁଲ୍ସ କଲେଜର ମୁଖପତ୍ର ଶୁଭଙ୍କର ଉନ୍ମୋଚନ କରାଯାଇଥିଲା। କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ସ୍ୱରଚିତ କବିତା ପାଠ ଓ ଆବୃତ୍ତି କରିଥିଲେ। ଡ. ପ୍ରଦୀପ କୁମାର ଦାଶ, ହିମାଂଶୁ ଶେଖର ରଥ, ସୁଶାନ୍ତ କୁମାର ସାହୁ, ରାମକୃଷ୍ଣ ନାୟକ, କ୍ରୀଷ୍ଣାରାଓ ପାତ୍ର, ଅକ୍ଷୟ କୁମାର ସାହୁଙ୍କ ସମେତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ । ସଙ୍ଗୀତଜ୍ଞ ସୁରେନ୍ଦ୍ର କୁମାର ଦାଶ ଓ ଧୋବା ଗୌଡ଼ ଭଞ୍ଜ ସଂଗୀତ ପରିଚାଳନା ଓ ପରିବେଷଣ କରିଥିଲେ ।

# କଳିଙ୍ଗ ବୈଶ୍ୟ ଯୁବକ ସଂଘର ବାର୍ଷିକ ବୈଠକ

ଶେରଗଡ଼,୨୪।୩(ଡି.ଏନ.ଏ.)

ଶେରଗଡ଼ସ୍ଥିତ କଳିଙ୍ଗ ବୈଶ୍ୟ ଭବନରେ ରବିବାର ସଭାପତି ବି.ଅଶ୍ୱିନୀ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ କଳିଙ୍ଗ ବୈଶ୍ୟ ଯୁବକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଏସ୍ ବିଷ୍ଣୁ ପ୍ରସାଦ ପାତ୍ରଙ୍କ ସଂଯୋଜନାରେ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଗଷ୍ଟରେ ଚାରାରୋପଣ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବାକୁ ସ୍ଥିର ହୋଇଥିଲା। ଗତ ଆର୍ଥିକ ବର୍ଷର ଆୟ ବ୍ୟୟର ହିସାବ ଉପରେ ଆଲୋଚନା କରାଯାଇଥିଲା। ଇ.ଚିନ୍ମୟ ପାତ୍ର ଓ କିରଣ କୁମାର ପାତ୍ର ସମେତ ବହୁ ଯୁବକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି କଳିଙ୍ଗ ବୈଶ୍ୟ ମହିଳା ସଂଘର ବୈଠକ ସଂଘର ଉପର ମହଲାରେ ହୋଇଥିଲା। ସଭାନେତ୍ରୀ ଏସ.ତେଜେଶ୍ୱରୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦିକା ପି.କ୍ରିଷ୍ଣା କୁମାରୀ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ମହିଳା ସ୍ୱାସ୍ଥ୍ୟ ଶିବିର କରିବା ନେଇ ଆଲୋଚନା ହୋଇଥିଲା। ଏଥିରେ ମହିଳା ସଂଘ ପକ୍ଷରୁ ପି.ସଙ୍ଗୀତା ପାତ୍ର, ଏମ୍.ପ୍ରଭାବତୀ ପାତ୍ର ଉପସ୍ଥିତ ଥିଲେ।

## ▪ ୧୬୬ ମଧ୍ୟରୁ ୩୫ ବୁଥ୍ ସମ୍ବେଦନଶୀଳ

# ୫ ଆଦର୍ଶ, ୧ ଗୋଲାପୀ ମତଦାନ କେନ୍ଦ୍ର

ଦିଗପହଣ୍ଡି,୨୪।୩(ଡି.ଏନ.ଏ.)

**ଦିଗପହଣ୍ଡି ବ୍ଲକ**

ଦିଗପହଣ୍ଡି ବ୍ଲକ ଓ ଏନଏସି ଅଞ୍ଚଳରେ କିପରି ଅବାଧ ଓ ନିରପେକ୍ଷ ନିର୍ବାଚନ ହେବ ସେ ନେଇ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଦିଗପହଣ୍ଡି ବିଧାନସଭା ଓ ବ୍ରହ୍ମପୁର ଲୋକ ସଭା ନିର୍ବାଚନ ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୧ରେ ହେବ। ଦିଗପହଣ୍ଡି ବ୍ଲକର ୨୫ ପଞ୍ଚାୟତ ଓ ୧୧ ୱାର୍ଡ ବିଶିଷ୍ଟ ଏନଏସିରେ ମୋଟ ୧୬୬ ମତଦାନ କେନ୍ଦ୍ର କରାଯାଇଛି। ୬୭, ୮୮୧ ପୁରୁଷ ଓ ୬୦, ୮୮୯ ମହିଳା ମୋଟ ୧ ଲକ୍ଷ ୨୮ ହଜାର ୭୭୦ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଚଳିତଥର ବ୍ଲକ ଅଧିନ ଆଙ୍କୋରଡ଼ା ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭୋଟକେନ୍ଦ୍ରକୁ ଗୋଲାପି ମତଦାନକେନ୍ଦ୍ର ରୂପେ ଚୟନ କରାଯାଇଛି। ସେହିପରି ବଡ଼ଖେମୁଣ୍ଡି ହାଇସ୍କୁଲର ୨, ଦିଗପହଣ୍ଡି ସହରସ୍ଥିତ କବିସୂର୍ଯ୍ୟ ବିଦ୍ୟାପୀଠ ଓ ରାଜମାତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ କେନ୍ଦ୍ରକୁ ଆଦର୍ଶ ମତଦାନ କେନ୍ଦ୍ର ଭାବେ ଚୟନ କରାଯାଇଛି। ସମସ୍ତ ଭୋଟକେନ୍ଦ୍ରରେ ପିଇବା ପାଣି ବ୍ୟବସ୍ଥା, ବିଦ୍ୟୁତ ସଂଯୋଗ, ଶୌଚାଳୟ ଓ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ର୍‍ୟାମ୍ପ ପ୍ରସ୍ତୁତ ହୋଇଥିବା ବିଡିଓ ହଳଧର ଶବର କହିଛନ୍ତି।

ନିର୍ବାଚନ କାର୍ଯ୍ୟ ପରିଚାଳନା ନିମନ୍ତେ ୧୦ଟି ମତଦାନ କେନ୍ଦ୍ରକୁ ନେଇ ଗୋଟିଏ ସେକ୍ଟର ଗଠନ କରାଯାଇଛି। ସମୁଦାୟ ୧୭ଟି ସେକ୍ଟର ନିମନ୍ତେ ୧୩୨୮ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ପ୍ରତି ଭୋଟ କେନ୍ଦ୍ରରେ ୮ ଜଣ ଲେଖାଏ ତାଲିମପ୍ରାପ୍ତ କର୍ମଚାରୀ ଓ ୪ ଜଣ ପୋଲିସ କର୍ମଚାରୀ ରହିବେ। ୧୬୬ଟି ମତଦାନ କେନ୍ଦ୍ର ମଧ୍ୟରୁ ୩୫ଟି ସମ୍ବେଦନଶୀଳ ଓ ୭ଟି ଅତିସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ କହିଛନ୍ତି। ୩ଟି ଫ୍ଲାଇଂ ସ୍କ୍ୱାଡ ଗଠନ କରାଯାଇଛି। ଚିହ୍ନଟ ହୋଇଥିବା ନିର୍ଦ୍ଦିଷ୍ଟ ଭୋଟଗ୍ରହଣ କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଥିବା ବେଳେ ମାଇକ୍ରୋ ଅବଜରଭର ଭୋଟକେନ୍ଦ୍ରଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ସେହିପରି ଭିଡିଓଗ୍ରାଫି, ଷ୍ଟିଲ ଫଟୋଗ୍ରାଫି ଓ ୱେବକାଷ୍ଟିଂ ଭୋଟକେନ୍ଦ୍ର ଚିହ୍ନଟ କରାଯାଇଛି। ଭିଡିଓ ଭିୟୁଂ, ଷ୍ଟାଟିସ ସର୍ଭେଲାନ୍ସ ଓ ଭିଡିଓ ସର୍ଭେଲାନ୍ସ ଟିମକୁ ମଧ୍ୟ ନିୟୋଜିତ କରାଯିବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ପୂର୍ବଖଣ୍ଡ ସାତପଲ୍ଲୀ ବାଣାୟତ ଓଡ଼ିଆ ସମାଜର ମହାସଭା

ହିଞ୍ଜିଳିକାଟୁ,୨୪।୩(ଡି.ଏନ୍.ଏ)

ପୂର୍ବଖଣ୍ଡ ସାତପଲ୍ଲୀ ବାଣାୟତ ଓଡ଼ିଆ ସମାଜର ମହାସଭା ରବିବାର ଶ୍ୟାମଳାଇ ମନ୍ଦିର ପ୍ରାଙ୍ଗଣରେ ଉପଦେଷ୍ଟା ସୀମାଞ୍ଚଳ ପୋଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଆ ସମାଜର ରାଜ୍ୟ ସଭାପତି ସନ୍ତୋଷ କୁମାର ନାୟକ, ସମ୍ମାନୀତ ଅତିଥି ଗଞ୍ଜାମ ଜିଲା ସଭାପତି ଗନ୍ଧର୍ବ ପ୍ରଧାନ, ରାଜ୍ୟ ନିର୍ବାଚନ ଅଧିକାରୀ ଉଦୟନାଥ ପ୍ରଧାନ ମଞ୍ଚାସୀନ ଥିଲେ। ସମାଜର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ସୀମାଞ୍ଚଳ ପୋଲାଇ, ଉପସଭାପତି ବିଜୟ ମଲ୍ଲିକ, ଶରତ ଚନ୍ଦ୍ର ପୃଷ୍ଟି, ସାଧାରଣ ସମ୍ପାଦକ ନନ୍ଦ କିଶୋର ସ୍ୱାଇଁ, ସହ ସମ୍ପାଦକ ବିଜୁଳି ସାମଲ, ସଙ୍ଗଠନ ସମ୍ପାଦକ ପବିତ୍ର ଜେନା, ଯୁଧୀଷ୍ଠିର ସ୍ୱାଇଁ , କୋଷାଧ୍ୟକ୍ଷ ରଞ୍ଜନ ପୃଷ୍ଟିଙ୍କୁ ମନୋନିତ କରାଯାଇଥିଲା।

# ବନ ସୁରକ୍ଷା ନେଇ ପ୍ରତିଯୋଗିତା


କୃତୀ ଛାତ୍ରୀମାନଙ୍କ ସହ ବନକର୍ମଚାରୀ।

ଆର୍.ଉଦୟଗିରି,୨୪।୩(ଡି.ଏନ୍.ଏ.)

ଆର୍. ଉଦୟଗିରି ଗ୍ରାମରେ ଥିବା ବନ ବିଭାଗ କାର୍ଯ୍ୟାଳୟରେ ଗୁରୁବାର ବିଶ୍ୱ ବନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ କସ୍ତୁରବା ବାଳିକା ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ ସାହି ବୁଲି ଫ୍ଲାଗ୍ ବୋର୍ଡ ଧରି ବନ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରିଥିଲେ। ପରେ କାର୍ଯ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ବନ ସୁରକ୍ଷା ଉପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବନ ବିଭାଗର ଅଧିକାରୀମାନେ ଏକ ସାଧାରଣ ସଭା କରି ବନ ରକ୍ଷାର ସଫଳତା ନେଇ ଲୋକଙ୍କୁ ବୁଝାଇଥିଲେ। ବନ ବିଭାଗର ଫରେଷ୍ଟ ଗାର୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଂଗ୍ରେସର ପୂର୍ବତନ ବିଧାୟକଙ୍କ ବିଜେଡିରେ ଯୋଗଦାନ


ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା ବିଜେଡିରେ ଯୋଗଦାନ କରୁଛନ୍ତି।

ପୋଲସରା,୨୪।୩(ଡି.ଏନ.ଏ.)

ପୋଲସରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳର ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା ତାଙ୍କ ସମର୍ଥକଙ୍କ ସହ ରବିବାର ବିଧାୟକ ଶ୍ରୀକାନ୍ତ ସାହୁଙ୍କ ହାତୀଓଟସ୍ଥିତ ବାସଭବନରେ ବିଜେଡିରେ ଯୋଗଦାନ କରିଛନ୍ତି। ବିଧାୟକ ସାହୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସୂଚନାଯୋଗ୍ୟ ସୀମାଞ୍ଚଳ ବେହେରା ତତ୍‌କାଳୀନ ଜଗନ୍ନାଥପ୍ରସାଦ ବିଧାନସଭା ନିର୍ବାଚନମଣ୍ଡଳୀରୁ (୨୦୦୦-୨୦୦୪) କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କର ଯୋଗଦାନ ପରେ ପୋଲସରା ଅଞ୍ଚଳରେ ବିଜେଡି ଆହୁରି ମଜଭୁତ ହେବ ବୋଲି ବିଧାୟକ କହିଛନ୍ତି। ଏହି ମିଶ୍ରଣପର୍ବରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ନଗର ବିଜେଡି ସଭାପତି ଭଗବାନ ସାହୁଙ୍କ ସମେତ ବିଜେଡିର ବହୁ ସରପଞ୍ଚ, ସମିତିସଭ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଶେରଗଡ଼ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଶେରଗଡ଼,୨୪।୩(ଡି.ଏନ.ଏ.)

ଶେରଗଡ଼ ପୋଲିସ ପକ୍ଷରୁ ଚଳିତ ଲୋକ ସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଫ୍ଲାଗମାର୍ଚ୍ଚ ଶେରଗଡ଼ ଥାନାରୁ ଆରମ୍ଭ ହୋଇ ଧବଳପୁର, ଅଣ୍ଡରାସିଙ୍ଗି, ଗୋଠଗାଁ, ପଞ୍ଚାୟତ ପରିକ୍ରମା କରିଥିଲା। ଏଥିରେ ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ଓ ଏସ୍‌ଆଇ ମାଝୀଙ୍କ ସମେତ ଥାନାର ସମସ୍ତ ପୋଲିସ ସାମିଲ ଥିଲେ। ନିର୍ବାଚନକୁ ଶୃଙ୍ଖଳିତ କରିବା ସହ ଲୋକମାନଙ୍କ ସହଯୋଗ କାମନା କରି ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ଥାନାଧିକାରୀ ଦାସ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

Office of the Chancellor
**Odisha University of Agriculture & Technology**
Raj Bhavan, Bhubaneswar

**No. 93 / SG (HE)** **Dated: 21.03.2019**

**Notification**

**No.03-YY:-** In exercise of powers conferred under Sub Section- 4 of Section 9 of the Odisha University of Agriculture & Technology Act, 1965, the Chancellor has been pleased to remove Prof. Surendra Nath Pasupalak from the Post of Vice Chancellor of Orissa University of Agriculture & Technology, Bhubaneswar with immediate effect.

By order of the Chancellor vide Order No. 92/ SG (HE) Dated 21.03.2019.

**Sd./-**
**Principal Secretary to the Chancellor**

41001/11/0004/1819

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜଙ୍ଗଲ ସୁରକ୍ଷା ନେଇ ଆଲୋଚନା



**ବୁଗୁଡ଼ା,୨୪।୩(ଡି.ଏନ.ଏ.):** ବୁଗୁଡ଼ା ବନ ବିଭାଗ ତରଫରୁ ତାଳଶାକର ମା’ ମହାମାୟୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, ମୁଖ୍ୟବକ୍ତା ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ଆଲଟିଆ, ପ୍ରମୋଦ କୁମାର ପଟ୍ଟନାୟକ, ରାମଚନ୍ଦ୍ର ଭୂୟାଁ, କୋକରାମ ଜେନା, ସୁରେଶ ପ୍ରସାଦ ସରାବ, ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବଳରାମ ପାତ୍ର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ଓ ଜଙ୍ଗଲର ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ବି. ଗୋପାଳ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଭାଜପା ପକ୍ଷରୁ ବାଇକ୍ ରାଲି



**ବୁଗୁଡ଼ା/ପୋଲସରା,୨୪।୩(ଡି.ଏନ.ଏ.):** ଭାଜପାର ଆସିକା ଏମ୍‌ପି ପ୍ରାର୍ଥୀ ରୂପେ ଅନିତା ଶୁଭଦର୍ଶିନୀ ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ରୂପେ ଗୋକୁଳାନନ୍ଦ ମଲିକଙ୍କୁ ଟିକେଟ ମିଳିବା ପରେ ଶନିବାର ଭାଜପା ପକ୍ଷରୁ ପୋଲସରା ଓ ବୁଗୁଡ଼ାରେ ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ଭାଜପାର କର୍ମୀମାନେ ଲୁଣିଘାଟି ପଡ଼ିଆରେ ଏକତ୍ର ହୋଇଥିଲେ। ସେଠାରୁ ଆସିକା ଏମ୍‌ପି ପ୍ରାର୍ଥୀ ଅନିତା, ଭାଜପା ପ୍ରାର୍ଥୀ ଗୋକୁଳାନନ୍ଦ ମଲିକ, ଭାଜପା ନେତା ତଥା ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ପ୍ରଭାକର ପଣ୍ଡାଙ୍କ ଗହଣରେ ବାଇକ ରାଲି ପୋଲସରା ସହର ପରିକ୍ରମା କରି ରାଣୀପଡ଼ା, ଖଣ୍ଡୁରୁ, ହାତୀଓଟ, ରୁମାଗଡ଼, ମନ୍ଦାର ଓ ବୁଗୁଡ଼ା ବ୍ଲକର ଅରଖପୁର, ମହୁଲପଲ୍ଲୀ, ବାଲିପଦର, ଝୋଲରୀ, ଏକଡ଼ାଳ, ପଙ୍କଲବାଡ଼ି, ପାଙ୍ଗିଡ଼ି, ଖୋଲଖାଲି, ବୁଗୁଡ଼ା ସହର ପରିକ୍ରମା କରିଥିଲା।

### ଦିଗପହଣ୍ଡିରେ କଂଗ୍ରେସ ଏମପି ପ୍ରାର୍ଥୀଙ୍କ ରାଲି



**ଦିଗପହଣ୍ଡି,୨୪।୩(ଡି.ଏନ.ଏ.):** ଦିଗପହଣ୍ଡି ନଗର କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ, ଗଞ୍ଜାମ ଜିଲା କଂଗ୍ରେସ କମିଟି ସଭାପତି ତ୍ରିନାଥ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦଳୀୟ ପ୍ରାର୍ଥୀଙ୍କୁ କଂଗ୍ରେସ କର୍ମୀମାନେ ବାଇକ ଶୋଭାଯାତ୍ରାରେ ବଜାର ଗାନ୍ଧୀ ଛକକୁ ପାଛୋଟି ଆଣିଥିଲେ। ସେଠାରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ନଗରପାଳ ଭି. ରବି ନାରାୟଣ ରାଜୁ, ଗଞ୍ଜାମ ଜିଲା କଂଗ୍ରେସ କମିଟିର ଉପସଭାନେତ୍ରୀ ନିରୁପମା ପଟ୍ଟନାୟକ, ଶିବରାମ ପାତ୍ର, ଭି. ଶ୍ୟାମସୁନ୍ଦର ରାଜୁ, କାଉନସିଲର ଭଗବାନ ସ୍ୱାଇଁ, ନୀଳକଣ୍ଠ ପଟ୍ଟନାୟକ, ବିକାଶ ପଶୁପାଳକ, ସୀମାଞ୍ଚଳ ରଥ, କେ. କୁନା ପ୍ରମୁଖ ଉପସ୍ଥିତ ଥିଲେ। ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

### ଭାଜପା ପ୍ରାର୍ଥୀ ନୀଳମଣିଙ୍କ ଶୋଭାଯାତ୍ରା

**ସୋରଡା,୨୪।୩(ଡି.ଏନ୍.ଏ.):** ବେଲଗୁଣ୍ଠା ବ୍ଲକର ପୂର୍ବତନ ଅଧକ୍ଷ ନୀଳମଣି ବିଷୋୟୀଙ୍କୁ ଭାଜପା ଚଳିତଥର ସୋରଡା ବିଧାୟକ ପ୍ରାର୍ଥୀ କରିଛି। ରବିବାର ସେ ସୋରଡାରେ ପହଞ୍ଚିବାପରେ ଭାଜପା ସମର୍ଥକ ଓ ଦଳୀୟ କର୍ମୀମାନେ ତାଙ୍କୁ ପଞ୍ଚାନନ ମନ୍ଦିର ଛକରୁ ବାଇକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଶୋଭାଯାତ୍ରା ଆଡପମଣ୍ଡପ,ରଥପଦା, ବଡଦାଣ୍ଡ, ଗଣିଛକ, ବରାଡି, ବ୍ଲକ ଲାଇନ ଦେଇ ଖାରିଗୁଡା, ଚାକୁଣ୍ଡା, ସୁରେଖାଦେଇପୁର, ସିଙ୍ଗିପୁର ଆଦି ପରିକ୍ରମା କରିଥିଲା। ପରେ ବଡଗଡଠାରେ ଆୟୋଜିତ ସଭାରେ ନିର୍ବାଚନ ନେଇ ଆଲୋଚନା ହୋଇଥିଲା। ଶୋଭାଯାତ୍ରାରେ କବିରାଜ ସ୍ୱାଇଁ, ଜୟରାମ ପାତ୍ର, ରାଧାମୋହନ ସ୍ୱାଇଁ, ଜାନକି ପଟ୍ଟନାୟକ, ବିଷ୍ଣୁ ଗନ୍ତାୟତ ପ୍ରମୁଖଯୋଗ ଦେଇଥିଲେ।

# ଅସହଯୋଗ ନେଇ ୧୦ ଗାଡ଼ି ମାଲିକଙ୍କୁ ନୋଟିସ୍

**ଛତ୍ରପୁର,୨୪।୩(ଡି.ଏନ.ଏ.)**

**ସାଧାରଣ ନିର୍ବାଚନ**

- ଆଚରଣବିଧି ଉଲ୍ଲଂଘନ ପାଇଁ କାର୍ଯ୍ୟାନୁଷ୍ଠାନ
- ବିଜ୍ଞାପନ ପାଇଁ ଅନୁମତି ନେବାକୁ ପଡ଼ିବ

ଚଳିତବର୍ଷ ଗଞ୍ଜାମ ଜିଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଅପରପକ୍ଷରେ ନିର୍ବାଚନ କାର୍ଯ୍ୟରେ ଅସହଯୋଗ କରିବା ଗାଡି ମାଲିକ ମାନଙ୍କୁ ମହଙ୍ଗା ପଡିଛି। ରବିବାର ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ଅନୁସାରେ ଗାଡି ମାଲିକ ମାନଙ୍କୁ ନିର୍ବାଚନ କାର୍ଯ୍ୟ ପାଇଁ ଗାଡି ହାଜର ନେଇ ଜିଲାପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ମାତ୍ର ୧୦ ଜଣ ଗାଡି ମାଲିକ ସେମାନଙ୍କ ଗାଡି ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର କରିନଥିଲେ। ଉକ୍ତ ଖିଲାପି ୧୦ ଗାଡି ମାଲିକମାନଙ୍କୁ ଜିଲାପ୍ରଶାସନ ପକ୍ଷରୁ ରବିବାର କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିସହ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଗାଡିସହ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ନ ହାଜର ପାଇଁ କାରଣ ନ ଦର୍ଶାଇ ଗାଡି ଅଧିଗ୍ରହଣ ନିୟମ ୧୯୮୪ର ଧାରା-୯ ଏବଂ ଜନପ୍ରତିନିଧି ଆଇନ୍-୧୯୫୧ର ଧାରା ୧୬୭ ପ୍ରକାରେ ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ଏଥିରେ ୧ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୧ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ଏହି କାରଣ ଦର୍ଶାଅ ନୋଟିସ୍ ପାଇଁ ଗାଡି ମାଲିକ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ନିର୍ବାଚନ କାର୍ଯ୍ୟରେ ଅସହଯୋଗ କଲେ ବରଦାସ୍ତ କରାଯିବନାହିଁ, ଉପଯୁକ୍ତ ଦଣ୍ଡ ବିଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଜିଲାପ୍ରଶାସନ ପକ୍ଷରୁ ଦିଆଯାଇଥିବା ଆଉ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ, ଜିଲାରେ ସାଧାରଣ ନିର୍ବାଚନ ପରିପେକ୍ଷୀରେ ଆଦର୍ଶ ଆଚରଣ ବିଧିକୁ କଡାକଡି ଭାବେ ଲାଗୁ କରାଯାଇଛି। ଜିଲାପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର ପର୍ଯ୍ୟନ୍ତ ସାର୍ବଜନୀନ ସ୍ଥାନରେ ଲାଗିଥିବା ୯୫୬ଟି କାନ୍ଥ ଲିଖନ, ୧୪୦୮୬ଟି ପୋଷ୍ଟର, ୫୮୭୮ଟି ବ୍ୟାନର୍, ଅନ୍ୟାନ୍ୟ ୩୪୯୭ ଏଭଳି ସମୁଦାୟ ୨୪୪୬୮ଟି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେଗୁଡିକ ହଟାଯାଇଛି। ସେହିପରି ବ୍ୟକ୍ତିଗତ ସ୍ଥାନରେ ୬୨୭ଟି କାନ୍ଥ ଲିଖନ, ୯୩୭ଟି ପୋଷ୍ଟର, ୫୩୬ ଟି ବ୍ୟାନର୍ ଅନ୍ୟାନ୍ୟ ୩୦ ଟି ଏଭଳି ସମୁଦାୟ ୨୦୦୬ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେଗୁଡିକ ହଟାଇବାର ବ୍ୟବସ୍ଥା କରାଯାଇଛି। ସି-ଭିଜିଲ୍ ଆପ୍ ମାଧ୍ୟମରେ ଆସିଥିବା ୨୦ ଟି ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ ଅଭିଯୋଗ ମାମଲା ମଧ୍ୟରୁ ୫ଟି ଠିକ୍ ଥିବା ତଦନ୍ତ ପରେ ଜଣାପଡିଥିଲା। ଏହାଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ଦିଆଯାଇଛି। ଅପରପକ୍ଷରେ ୧୫ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହୋଇଛି। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁସାରେ ଟିଭି, ସମ୍ବାଦପତ୍ର, ଏଫଏମ୍ ଚ୍ୟାନେଲ, ଚଳଚ୍ଚିତ୍ର ପ୍ରେକ୍ଷାଳୟ, ସୋସିଆଲ ମିଡିଆ ଆଦିରେ ବିଜ୍ଞାପନ ପ୍ରସାରଣ ହେବା ପୂର୍ବରୁ ଆଇନ୍ ଅନୁଯାୟୀ ପ୍ରାର୍ଥିଙ୍କୁ ଗଞ୍ଜାମ ଜିଲାସ୍ତରୀୟ ମିଡିଆ ସାର୍ଟିଫିକେସନ୍ ଓ ମନିଟରିଂ କମିଟି ଠାରୁ ଅନୁମତି ପ୍ରମାଣପତ୍ର ନେବା ଆବଶ୍ୟକ। ଏସମ୍ପର୍କରେ ରବିବାର ଗଞ୍ଜାମ ଜିଲାପାଳ ସମସ୍ତ ଚଳଚ୍ଚିତ୍ର ପ୍ରେକ୍ଷାଳୟର ମାଲିକ ମାନଙ୍କୁ ବିନା ଅନୁମତି ପ୍ରମାଣପତ୍ରରେ କୌଣସି ପ୍ରେକ୍ଷାଳୟରେ କୌଣସି ରାଜନୈତିକ ବିଜ୍ଞାପନ ପ୍ରସାରଣ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ସୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

# ବିଜେଡିରୁ ପୂର୍ଣ୍ଣଚନ୍ଦ୍ର, ଭାଜପାରୁ ନୀଳ, କଂଗ୍ରେସରୁ ସଂଗ୍ରାମ



ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ।



ନୀଳମଣି ବିଷୋୟୀ।



ସଂଗ୍ରାମ ମହାନ୍ତି।

**ସୋରଡା,୨୪।୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସୋଡା ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ବିଧାୟକ ପ୍ରାର୍ଥୀ ଘୋଷଣା ହୋଇଛି। ବିଜେଡି ପକ୍ଷରୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସରୁ ସଂଗ୍ରାମ ମହାନ୍ତି ଓ ଭାଜପାରୁ ନୀଳମଣି ବିଷୋୟୀଙ୍କୁ ଟିକେଟ ମିଳିଛି। ପୂର୍ଣ୍ଣଚନ୍ଦ୍ର ୨ ଥର ବିଧାୟକ ହୋଇଥିବାବେଳେ ୩ୟଥର ପାଇଁ ନିର୍ବାଚନ ଲଢୁଛନ୍ତି। ନୀଳମଣିଙ୍କର ମଧ୍ୟ ସଙ୍ଗଠନ ରହିଛି। ୨୦୦୯ରେ ସେ ସ୍ୱାଧୀନ ଭାବେ ଲଢି ହାରି ଯାଇଥିଲେ। ପୂର୍ବରୁ ସେ ବେଲଗୁଣ୍ଠା ବ୍ଲକ ଅଧକ୍ଷ ମଧ୍ୟ ରହିଥିଲେ। ସେହିପରି ସଂଗ୍ରାମ ମହାନ୍ତି ପିସିସି ସଭ୍ୟ ରହିବା ସହ ଅଞ୍ଚଳରେ ମଧ୍ୟ ତାଙ୍କର ବେଶ୍ ଦବ୍‌ଦବା ରହିଛି। ୧୫ବର୍ଷ ସେ ସଙ୍ଗଠନ ସୁଦୃଢ କରିବାରେ ଲାଗିଛନ୍ତି। ୩ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଚଳିତ ନିର୍ବାଚନରେ କଡା ଟକ୍କର ହେବା ଏକ ପ୍ରକାର ନିଶ୍ଚିତ। ମାତ୍ର ଭୋଟର କାହା ସପକ୍ଷରେ ମତ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

### ଘରୋଇ ସ୍କୁଲ ମହାସଂଘର ଦକ୍ଷିଣାଞ୍ଚଳ ସମ୍ମିଳନୀ

# ଆର୍‌ଡିସି ଅଫିସ ଘେରାଉ, ନୂଆ ନୀତି ପ୍ରଣୟନ ଦାବି

**ଭଞ୍ଜନଗର,୨୪।୩(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

୨୦୧୯-୨୦ ଶିକ୍ଷା ବର୍ଷଠାରୁ ରାଜ୍ୟ ସରକାର ଘରୋଇ ବିଦ୍ୟାଳୟଗୁଡିକୁ ଏନ୍‌ଓସି ପ୍ରଦାନ ସମୟରେ ନୀତିନିୟମ କଡାକଡି ଭାବେ ପାଳନ କରିବାକୁ ଯାଉଛନ୍ତି। ନୂତନ ନିୟମ ପାଳନ ହେଲେ ରାଜ୍ୟର ଶହଶହ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯିବ। ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ମଧ୍ୟ ପ୍ରଶ୍ନବାଚୀ ଦେଖାଦେଇଛି। ଏଥିସହ ଘରୋଇ ବିଦ୍ୟାଳୟରେ କାର୍ଯ୍ୟରତ ହଜାର ହଜାର ଶିକ୍ଷୟିତ୍ରୀ ଶିକ୍ଷକ କର୍ମଚାରୀ ନିଯୁକ୍ତି ହରାଇବେ। ତେଣୁ ସରକାର ଏନ୍‌ଓସି ପ୍ରଦାନ କରିବା ସମୟରେ କିଛିଟା କୋହଳ କରିବା ପାଇଁ ଦାବି ହୋଇଛି। ଏ ନେଇ ଘରୋଇ ସ୍କୁଲକୁ ସୁହାଇଲା ଭଳି ନୂଆ ନୀତି ପ୍ରଣୟନ କରିବା ପାଇଁ ସମ୍ମିଳନୀରେ ଦାବି ଉଠିଛି। ସ୍ଥାନୀୟ ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ରାଜ୍ୟ ଘରୋଇ ସ୍କୁଲ ଶିକ୍ଷକ ଓ କର୍ତ୍ତୃପକ୍ଷ ମହାସଂଘ ଦକ୍ଷିଣାଞ୍ଚଳ ସମ୍ମିଳନୀରେ ବକ୍ତାମାନେ ଯୋଗଦେଇ ତାହା ମତବ୍ୟକ୍ତ କରିଛନ୍ତି। ସାଇ ଗୁରୁକୁଳ ଚେୟାରମ୍ୟାନ୍ ଅଜିତ ଶତପଥୀ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ସୀମାଞ୍ଚଳ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଅର୍ମେଶ ମିଶ୍ର, ସଙ୍ଗଠନ ସମ୍ପାଦକ ସି.ଏଚ୍. ଲକ୍ଷ୍ମଣ ରାଓ ଆଚାରୀ, କନ୍ଧମାଳ ଜିଲା ସଭାପତି ଅରୁଣ କୁମାର ଷଡ଼ଙ୍ଗୀ, କନ୍ଧମାଳ ସମ୍ପାଦକ ରାଜ କିଶୋର ପାଢ଼ୀ, ନିର୍ଦ୍ଦେଶକ ଗୌର ଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଶିକ୍ଷାନୀତିରେ ସଂଶୋଧନ କରିବା ପାଇଁ ଦାବି କରିଥିଲେ। କାଗଜପତ୍ର ନାମରେ ହଇରାଣ କରାଯାଉଛି। ତେଣୁ ଘରୋଇ ଶିକ୍ଷାନୁଷ୍ଠାନକୁ ଏନ୍‌ଓସି ପ୍ରଦାନ ସମୟରେ ନୀତିରେ ସାମାନ୍ୟ କୋହଳ କରାଯାଉ। ନଚେତ ଆଗାମୀ ଦିନରେ ସଂଘ ପକ୍ଷରୁ ଆରଡିସି ଅଫିସ ଘେରାଉ କରାଯିବ। ଆବଶ୍ୟକ ପଡିଲେ ଆଇନର ଆଶ୍ରୟ ନିଆଯିବ ବୋଲି ସଂଘର କର୍ମକର୍ତ୍ତାମାନେ ବୈଠକରେ ମତପ୍ରକାଶ କରିଥିଲେ।

## ୪ ବଖରା ଜଳିଗଲା

**ଶଙ୍କରାଖୋଲ,୨୪।୩(ଡି.ଏନ୍.ଏ.)**

ଚକାପାଦ ବ୍ଲକ ପସରା ପଞ୍ଚାୟତ ନନ୍ଦିନୀ ଗ୍ରାମ ଡେପସାହିରେ ରବିବାର ଅପରାହ୍ନରେ ନିଆଁ ଲାଗି ଚାରିପରିବାରର ୪ ବଖରା ଘର ଜଳିଯାଇଛି। କ୍ଷତିଗ୍ରସ୍ତ ହେଲେ ସନ୍ତୋଷ ଭୋଇ, ସୁରେସନ ଭୋଇ, ନେପାଳ ଭୋଇ, ଆଲୋକ ଭୋଇ। ସନ୍ତୋଷଙ୍କ ଘରେ ଗ୍ୟାସ ଚୁଲା ଜଳୁଥିବା ସମୟରେ ଅସାବଧାନତା କାରଣରୁ ନିଆଁ ଲାଗି ଚାରି ପରିବାରଙ୍କ ଘର ଜଳିଯାଇଥିଲା। ଚକାପାଦ ଅଗ୍ନିଶମ ବିଭାଗ ପହଞ୍ଚିଲା ବେଳେ ସବୁ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଚକାପାଦ ତହସିଲଦାର ପ୍ରଣତି ପ୍ରୀୟ ଦର୍ଶିନୀ ରାଉତ, ଚକାପାଦ ଆର୍‌ଆଇ ଅଭିଷେକ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରୁ ପଲିଥିନ ଯୋଗାଇଛନ୍ତି। କ୍ଷତିଗ୍ରସ୍ତ ମାନେ ବିପିଏଲ୍ ପରିବାରର ହୋଇଥିବାରୁ ସେମାନଙ୍କୁ ଶୀଘ୍ର ଆବାସ ଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ରାମଚରିତ ମାନସ ଉଦ୍‌ଯାପିତ

**ଭଞ୍ଜନଗର,୨୪।୩(ଡି.ଏନ.ଏ.)**

ଲଣ୍ଡେଇସାହି ରଘୁନାଥ ମନ୍ଦିରରେ ସପ୍ତାହବ୍ୟାପି ଚାଲିଥିବା ରାମଚରିତ ମାନସ ଓ ପାରାୟଣ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରବଚିକା ଭାବେ ଉତ୍କଳ ମୀରା କମଳ କୁମାରୀ ପାଣିଗ୍ରାହୀ ଯୋଗଦେଇ ରାମାୟଣର ବିଭିନ୍ନ ଭାଗ ସମ୍ପର୍କରେ ବୁଝାଇଥିଲେ। ବ୍ୟାସ୍ ନୀଳମଣ୍ଡ ମିଶ୍ର, ବଶିଷ୍ଠ ବସନ୍ତ କୁମାର ପ୍ରହରାଜ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉପଦେଷ୍ଟା କୃତିବାସ ବିଶ୍ୱାଳ, ଶିବରାମ ପଣ୍ଡା, ସଭାପତି ଗଫୁର ପ୍ରଧାନ, ସମ୍ପାଦକ ସନ୍ତୋଷ କୁମାର ଗୌଡ଼, ଉପ ସଭାପତି ଅନୁପମ ବାନାର୍ଜି, କୋଷାଧ୍ୟକ୍ଷ ବସନ୍ତ ପଣ୍ଡା, ଗରିବ ସ୍ୱାଇଁ, ମଞ୍ଜୁଳା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପ୍ରବଚନ ପୂର୍ବରୁ ଭଜନ ପରିବେଷଣ ହେଉଥିଲା।



କମଳ କୁମାରୀ ପାଣିଗ୍ରାହୀ ପ୍ରବଚନ ଦେଉଛନ୍ତି।

# ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିଲେ ପ୍ରଦୂଷଣ କମିବ

**ଭଞ୍ଜନଗର,୨୪।୩(ଡି.ଏନ.ଏ.)**





ମଞ୍ଚାସୀନ ଅତିଥି।

ପୃଥିବୀରେ ବାୟୁ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି ଯୋଗୁ ଜଙ୍ଗଲ ଉପରେ ଲୋକଙ୍କ ଆବଶ୍ୟକତା ବଢୁଛି। ଫଳରେ ଜଙ୍ଗଲ କ୍ଷୟ ହେଉଛି। କଳକାରଖାନା ବୃଦ୍ଧି, ଖଣିଜ ଦ୍ରବ୍ୟ ଖନନ, ବିଭିନ୍ନ ପରୀକ୍ଷା ପ୍ରମୁଖ କାରଣ ଯୋଗୁ ପରିବେଶ ପ୍ରଦୂଷଣ ବଢୁଛି। ଯାହାକୁ ନେଇ ପରିବେଶବିତମାନେ ଚିନ୍ତିତ। ପରିବେଶ ପ୍ରଦୂଷଣ ବୃଦ୍ଧି ଯୋଗୁ ଲୋକେ ଦୈନନ୍ଦିନ ନୂଆନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତାପମାତ୍ରା ବୃଦ୍ଧି ପାଉଛି। ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ପଡ଼ିବ। ବିଶ୍ୱ ବନ ଦିବସ ଅବସରରେ ସ୍ଥାନୀୟ ନର୍ସରୀ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଯୋଗଦେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅରୁଣ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ଏ.ମାଧବୀଲତା, ରବୀନ୍ଦ୍ର ନାଥ କର, ନୀଳମାଧବ ସାହୁ, ଶୁଳପାଣି ଶତପଥୀ, ଲୋକନାଥ ଆଚାର୍ଯ୍ୟ, ଅନ୍ତର୍ଯ୍ୟାମୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ରେଞ୍ଜର ପ୍ରଶାନ୍ତ ସାହୁ ସଭା ସଂଯୋଜନା କରିଥିଲେ। ବନପାଳ ବବୁଲ ସେଠୀ, ଶୁଭସ୍ମିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଛ ଲଗାଇବାକୁ ଶପଥ

**ଗଞ୍ଜାମ,୨୪।୩(ଡି.ଏନ.ଏ.)**

ରମ୍ଭା ବନ୍ୟପ୍ରାଣୀ ଅଞ୍ଚଳ ପକ୍ଷରୁ ସନ୍ତୋଷପୁର ପଞ୍ଚାୟତ ହାଇସ୍କୁଲ ଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ତୋଷପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପୋଲାଇଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରମ୍ଭା ବନାଞ୍ଚଳ ଅଧିକାରୀ ନଗେନ କୁମାର ପଣ୍ଡା, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରମ୍ଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଜଣେ ବ୍ୟକ୍ତି ଗୋଟିଏ ଗଛ ଲଗାଇବା ଏବଂ ତାହାର ଯତ୍ନ ନେବା ଲାଗି ସମସ୍ତେ ଶପଥ ନେଇଥିଲେ। ବନପାଳ ଜିତେନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ବନପାଳ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ

**ଜି.ଉଦୟଗିରି, ୨୪।୩(ଡି.ଏନ.ଏ.)**



କଳିଙ୍ଗାଠାରେ ଜି.ଉଦୟଗିରି ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଉଛି।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜି.ଉଦୟଗିରି ପୋଲିସ ସବଡିଭିଜନ ଅଧୀନରେ ଥିବା ଜି.ଉଦୟଗିରି, ରାଇକିଆ, ଟିକାବାଲି, ଚକାପାଦ, ସାରଙ୍ଗଗଡ଼ ଥାନାରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜି.ଉଦୟଗିରି ଏସଡିପିଓ ଜୟକୃଷ୍ଣ ବେହେରା କହିଛନ୍ତି। ରାଇକିଆ ଓ ଚକାପାଦ ଥାନାରେ ଗୋଟିଏ ଲେଖାଏ କମ୍ପାନୀ ଫୋର୍ସ ରଖାଯାଇଛି। ଅନ୍ୟ ଥାନାଗୁଡ଼ିକରେ ମଧ୍ୟ ପୋଲିସ ମୁତୟନ କରାଯାଇ ଯାନବାହାନ ଯାଞ୍ଚ କଡାକଡି କରାଯାଇଛି। ସେହିପରି ଜି.ଉଦୟଗିରି ଥାନା କଳିଙ୍ଗାଠାରେ ରବିବାର ସନ୍ଧ୍ୟାରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯାଇଛି। ଉତ୍ତେଜନାପୂର୍ଣ୍ଣ ଅଞ୍ଚଳ ଗୁଡ଼ିକରେ ପେଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ଅସାମାଜିକ ବ୍ୟକ୍ତିଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଥିବାବେଳେ ବେଆଇନ ମଦ ବିକ୍ରି ନେଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି। ଜି.ଉଦୟଗିରି ପୋଲିସ ସବ୍‌ଡିଭିଜନର କିଛି ଥାନାଞ୍ଚଳ ନକ୍ସଲ ପ୍ରବଣ ହୋଇଥିବାରୁ ନକ୍ସଲଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ସେ କହିଥିଲେ।

# ଭାଜପାର ମିଶ୍ରଣ ପର୍ବ

**ଦାରିଙ୍ଗବାଡ଼ି,୨୪।୩(ଡି.ଏନ.ଏ)**

ଦାରିଙ୍ଗବାଡ଼ି ଭାଜପା ପକ୍ଷରୁ ରବିବାର ଦାରିଙ୍ଗବାଡ଼ି ଟାଉନହଲଠାରେ ଏକ ମିଶ୍ରଣ ପର୍ବ ମଣ୍ଡଳ ସଭାପତି ଅରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ ବୁଡାଗୁଡ଼ା ପଞ୍ଚାୟତ ବିଜେଡି ସଭାପତି ବସନ୍ତ କୁମାର ପାଢ଼ୀ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କ ସହ ବିଜେଡିର ସୂର୍ଯ୍ୟ ସିଂ ପାତ୍ର ଏବଂ କିରିକୁଟି ସରପଞ୍ଚ ନିର୍ମାତା ପ୍ରଧାନଙ୍କ ପ୍ରତିନିଧି ଜିରିଙ୍ଗା ପ୍ରଧାନ, ବୁଡାଗୁଡ଼ାର ବରିଷ୍ଠ କଂଗ୍ରେସ କର୍ମୀ ଗୌରାଙ୍ଗ ସାହୁ ଭାଜପାରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ମିଶ୍ରଣ ପର୍ବରେ ଦଳର ସାଧାରଣ ସମ୍ପାଦକ ପ୍ରଭାକର ସାହୁଙ୍କ ସମେତ ବିରଞ୍ଚିନାରାୟଣ ସାହୁ, ବୁଡାଗୁଡ଼ା ସମିତିସଭ୍ୟା ନିର୍ମଳା ସାହୁ, ମୋହନ ପ୍ରଧାନ, ତାତୁରା ପ୍ରଧାନ, ଚୁନି ମୁଖୀ, ଦେବାଶିଷ ସାହୁ, ଇନ୍ଦ୍ରମଣି ପ୍ରଧାନ, ଅକ୍ଷୟଚନ୍ଦ୍ର ନାୟକ, ସୁଭଦ୍ରା ଦିଗାଳ, ବିମଳା ନାୟକ, ପ୍ରତାପ ଚନ୍ଦ୍ର ନାୟକ, ରାଧାକାନ୍ତ ନାୟକ, ମାନେଙ୍ଗା ପ୍ରଧାନ ପ୍ରମୁଖ ଭାଜପା କର୍ମୀ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ଦଳ ପକ୍ଷରୁ ନୂତନ ଭାବେ ସାମିଲ ହେଉଥିବା କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ବାରିକୁମ୍ପାରେ ୨ଦିନିଆ ଦୋଳଯାତ୍ରା ଉଦ୍‌ଯାପିତ

**ଖଜୁରିପଡା,୨୪।୩(ଡି.ଏନ୍.ଏ.)**



ଡ. ଅଚ୍ୟୁତ ସାମନ୍ତ ଉଦ୍‌ବୋଧନ ଦେଉଛନ୍ତି।

ଖଜୁରିପଡା ବ୍ଲକ ବଲସକୁମ୍ପା ପଞ୍ଚାୟତ ବାରିକୁମ୍ପାଠାରେ ଦୋଳପୂର୍ଣ୍ଣିମା ଉପଲକ୍ଷେ ୨ଦିନ ଧରି ଚାଲିଥିବା ଦୋଳଯାତ୍ରା ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଖଜୁରିପଡା ଅଞ୍ଚଳରେ ଏହି ଦୋଳଯାତ୍ରା ବେଶ୍ ଗୁରୁତ୍ୱ ବହନ କରିଥାଏ। ରାଧାକୃଷ୍ଣ ଯୁବକ ସଂଘ ଯାତ୍ରା ପରିଚାଳନା କମିଟିଙ୍କ ନୀତିନିୟମ ପ୍ରକାରେ ୨ଦିନ ଧରି ନାମ ସଂକୀର୍ତ୍ତନ, ନାଟକ, ମେଲୋଡି ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମଦିନ ରାଧାକୃଷ୍ଣଙ୍କ ମିଳନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମ ରାତିରେ ‘ସୁଖ କିଣା ଏଠି ଦୁଃଖ ମାଗଣା’ ନାଟକ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲସକୁମ୍ପା ସରପଞ୍ଚ ଅଜୟ କୁମାର ମଲିକଙ୍କ ସହ ଅମ୍ବିକା ବେହେରା, ସରୋଜ ସାହାଣି ପ୍ରମୁଖ ଯୋଗ ଦେଇଥିଲେ। ଦିନରେ କାଳ୍ପନିକ ନାଟକ ‘ନକଲି ମହାଦେବ’ ମଞ୍ଚସ୍ଥ ହୋଇଥିଲା। ସନ୍ଧ୍ୟାରେ ସମ୍ବଲପୁରୀ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିଜେଡି ଏମ୍‌ପି ତଥା ଚଳିତ ନିର୍ବାଚନର ବିଜେଡିର କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଉଦ୍‌ଘାଟନ କରିଥିଲେ।



# ନିମ୍ନତାପ ଚିକିତ୍ସା



ଡା. ନିତ୍ୟାନନ୍ଦ ସ୍ୱାଇଁ



ପ୍ରତ୍ୟେକ ବର୍ଷ ଶୀତଋତୁରେ ବରଫ ପଡ଼ିଲେ ଆମେରିକାରେ ଦେଖିବାକୁ ମିଳୁଥିବା ଏକ ଜାତିର ବେଙ୍ଗ ପତର ଗଦେଇ ତା' ତଳେ ବସା ତିଆରି କରେ। ସେତେବେଳେ ତା' ଶରୀରର ତାପମାତ୍ରା ଏତେ କମିଯାଏ ଯେ ଶରୀରର ତିନିଭାଗରୁ ଏକଭାଗ ପାଲଟିଯାଏ ବରଫ। ଆଖି ଦୁଇଟି ବି ଦେଖାଯାଏ ବରଫ ଭଳି ଧଳା। ଗୋଡ଼ଗୁଡ଼ିକ ପପରା ହୋଇପଡ଼େ। ବାସ୍, ଏମିତି ଅବସ୍ଥାରେ ରହି ସେ କଟେଇଦିଏ ଶୀତଋତୁଟା। ଶୀତ ପରେ ଆସି ପହଞ୍ଚିଯାଏ ବସନ୍ତ। ବସନ୍ତ ଆସିଗଲେ ବରଫ ପାଲଟି ଯାଇଥିବା ତା' ଶରୀରର ଅଂଶମାନ ତରଳିବାକୁ ଆରମ୍ଭ କରେ। ଫଳରେ ପୁନର୍ବାର ସେ ସକ୍ରିୟ ହୋଇଉଠେ। ତାକୁ ଲକ୍ଷ୍ୟକରି ବୈଜ୍ଞାନିକମାନେ କହୁଛନ୍ତି ଯେ, ଦିନ ଆସିବ ଯେତେବେଳେ ମଣିଷ ଦେହର ତାପମାତ୍ରାକୁ ସେମାନେ ଯଥେଷ୍ଟ କମେଇ ଦେଇପାରିବେ। ଜିଅନ୍ତା ମଣିଷକୁ ରଖିଦେବେ ହିମୀକୃତ କରି।

ଉତ୍ତର ଆମେରିକାର ସେହି ବେଙ୍ଗଠାରେ ପରିଲକ୍ଷିତ ହେଉଥିବା ପ୍ରକ୍ରିୟାର ଅନୁରୂପ ପରିଲକ୍ଷିତ ହୋଇଥାଏ ଗାର୍ଟର ସ୍ନେକ ନାମକ ସାପ ଏବଂ ଏକ ଜାତିର କଇଁଛଠାରେ। ଅତି ହିମ ପରିବେଶରେ ଏମାନେ ନିଜ ନିଜ ଶରୀରର ଜୀବକୋଷ ଭିତରେ ରହିଥିବା ରାସାୟନିକ ଉପାଦାନଗୁଡ଼ିକର ସନ୍ତୁଳନକୁ ପରିବର୍ତ୍ତିତ କରିଦିଅନ୍ତି। ଉଦାହରଣ ସ୍ୱରୂପ, ବେଙ୍ଗ ତା ଶରୀରରେ ଖୁବ୍ ବଢ଼େଇଦିଏ ଗ୍ଲିସେରଲର ମାତ୍ରା। ଗ୍ଲିସେରଲର ରହିଛି ଏପରି ଗୁଣ, ଯାହା ଜଳକୁ ବରଫ କରେଇଦେବାରେ ବାଧା ଦିଏ। ତେଣୁ ବରଫ ପାଲଟିଗଲେ ଜୀବକୋଷଗୁଡ଼ିକର ଯେଉଁ ପ୍ରକାର କ୍ଷତି ହୋଇଥାନ୍ତା ତାହା ଆଉ ହୋଇପାରେ ନାହିଁ କି ଜୀବକୋଷମାନ ଅକାମୀ ହୋଇ ପଡ଼ନ୍ତିନି। ଆମ ଶିରା ଭିତରେ ସେତିକି ପରିମାଣର ଗ୍ଲିସେରଲ୍ କମିଗଲେ ଆମର ମୃତ୍ୟୁ ହୋଇଯିବା ନିଶ୍ଚିତ।

ସେହିପରି ମେରୁ ଅଞ୍ଚଳ ତ ସମ୍ପୂର୍ଣ୍ଣ ଢାଙ୍କି ହୋଇ ରହିଥାଏ ବରଫରେ। ପୁଣି ଢାଙ୍କି ହୋଇ ରହିଥାଏ ବର୍ଷସାରା। ମାତ୍ର ସେଠାରେ ବି ତ ପୋକଜୋକ ଅଛନ୍ତି, ଅଛନ୍ତି ମାଛ ଓ ଉଭୟଚର ପ୍ରାଣୀ। ହେଲେ ଏଭଳି ହିମଶୈତ୍ୟ ପରିବେଶରେ ସେଗୁଡ଼ିକ ପୁଣି ନିଜକୁ ସୁରକ୍ଷିତ ରଖିପାରିଥାନ୍ତି କିପରି? ସେମାନେ ନିଜ ଶରୀରରେ ତିଆରି କରିଥାନ୍ତି ପ୍ରତିହିମ ଉପାଦାନ ବା ପ୍ରତିହିମ ପ୍ରୋଟିନ୍। ଏହାକୁ ବିଜ୍ଞାନର ଭାଷାରେ 'ଆଣ୍ଟିଫ୍ରିଜ ପ୍ରୋଟିନ୍' ବୋଲି କୁହାଯାଏ। ଏହି ପ୍ରୋଟିନ୍‌ର ଉପସ୍ଥିତି ଯୋଗୁ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଗଲେ ମଧ୍ୟ ସେମାନଙ୍କ ଜୀବକୋଷ ଅଭ୍ୟନ୍ତରସ୍ଥ ଉପାଦାନଗୁଡ଼ିକର କାର୍ଯ୍ୟ ବିଶେଷ ବାଧାପ୍ରାପ୍ତ ହୋଇ ନ ଥାଏ। କେତେକ ଜାତିର ପୋକଜୋକ ପଲିତଲ ନାମକ ଶର୍କରାଜାତୀୟ ଉପାଦାନକୁ ନିମ୍ନତାପ ସୁରକ୍ଷାକାରୀ ବା କ୍ରାୟୋପ୍ରୋଟେକ୍ଟାଣ୍ଟ (ତୀବ୍ର ଶୀତଳତାକୁ କୁହାଯାଏ 'କ୍ରାୟୋ') ଭାବରେ ବ୍ୟବହାର କରିଥାଆନ୍ତି। ମେରୁ ଅଞ୍ଚଳରେ ରହୁଥିବା ସାଲାମାଣ୍ଡର ନାମକ ଉଭୟଚର ପ୍ରାଣୀ ଏହି ଉଦ୍ଦେଶ୍ୟରେ। ତେବେ ନିମ୍ନତାପମାତ୍ରାକୁ ଏବେ ବିନିଯୋଗ କରାଗଲାଣି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ। କୌଣସି ସ୍ଥାନରେ ଆଘାତ ବାଜିଲେ କି ଗଣ୍ଠିରେ ମାଡ଼ ବାଜି ସ୍ପ୍ରେନ୍ ବା ଜଖମ ହେଲେ ଆକ୍ରାନ୍ତ ସ୍ଥଳରେ ବରଫ ଦେବା ପାଇଁ ଡାକ୍ତରମାନେ କହିଥାନ୍ତି। ଏହାକୁ କୁହାଯାଏ ଆଇସ୍‌ପ୍ୟାକ୍ ଥେରାପି। ଆଇସ୍‌ପ୍ୟାକ୍ ଥେରାପି ମଧ୍ୟ ଏକ ଧରଣର ନିମ୍ନତାପ ଚିକିତ୍ସା ପଦ୍ଧତି ବା କ୍ରାୟୋଥେରାପି। ବରଫ ଲଦିଲେ ଆକ୍ରାନ୍ତ ସ୍ଥଳରୁ ତାପ ଅପସାରିତ ହୋଇଯାଏ। ସଙ୍କୁଚିତ ହୋଇପଡ଼େ ରକ୍ତନଳୀ। ତନ୍ତୁକୋଷିକାଗୁଡ଼ିକରେ ହ୍ରାସ ପାଇଯାଏ ଚୟାପଚୟ ତଥା ଏନଜାଇମ୍ କ୍ରିୟାର ହାର। ଏହିସବୁ ପରିବର୍ତ୍ତନ ଅସୁସ୍ଥତା ଉପଶମରେ ବେଶ୍ ସହାୟକ ହୋଇଥାଏ।

"ଏବେ ଡାକ୍ତରମାନେ ରୋଗୀଠାରେ ରୋଗାକ୍ରାନ୍ତ ସ୍ଥାନର ତାପମାତ୍ରାକୁ ଯଥେଷ୍ଟ କମେଇଦେଇ ଜଟିଳ ଅପରେସନ ସବୁ କରିପାରୁଛନ୍ତି ଓ ଅପରେସନ ସରିଗଲାପରେ ତାପମାତ୍ରାକୁ ପୁନର୍ବାର ଉଷୁମ ଅବସ୍ଥାକୁ ନେଇଆସୁଛନ୍ତି। ଅପରେସନ କରିପାରୁଛନ୍ତି ହୃତ୍‌ପିଣ୍ଡରେ ଏବଂ ମସ୍ତିଷ୍କରେ ମଧ୍ୟ। ବିଶେଷକରି ମସ୍ତିଷ୍କରେ ଅପରେସନ କଲାବେଳେ କ୍ଷେତ୍ର ବିଶେଷରେ ମସ୍ତିଷ୍କକୁ ରକ୍ତ ସରବରାହରେ ବାଧା ସୃଷ୍ଟି କରିବା ଦରକାର ପଡ଼େ। ଶରୀରରୁ ଅତ୍ୟଧିକ ରକ୍ତକ୍ଷୟ ନିବାରଣ କରିବା ଆବଶ୍ୟକ ହୁଏ।"

ଏବେ ଡାକ୍ତରମାନେ ରୋଗୀଠାରେ ରୋଗାକ୍ରାନ୍ତ ସ୍ଥାନର ତାପମାତ୍ରାକୁ ଯଥେଷ୍ଟ କମେଇଦେଇ ଜଟିଳ ଅପରେଶନ ସବୁ କରିପାରୁଛନ୍ତି ଓ ଅପରେଶନ ସରିଗଲା ପରେ ତାପମାତ୍ରାକୁ ପୁନର୍ବାର ଉଷୁମ ଅବସ୍ଥାକୁ ନେଇଆସୁଛନ୍ତି। ଅପରେଶନ କରିପାରୁଛନ୍ତି ହୃତ୍‌ପିଣ୍ଡରେ ଏବଂ ମସ୍ତିଷ୍କରେ ମଧ୍ୟ। ବିଶେଷକରି ମସ୍ତିଷ୍କରେ ଅପରେଶନ କଲାବେଳେ କ୍ଷେତ୍ର ବିଶେଷରେ ମସ୍ତିଷ୍କକୁ ରକ୍ତ ସରବରାହରେ ବାଧା ସୃଷ୍ଟି କରିବା ଦରକାର ପଡ଼େ। ଶରୀରରୁ ଅତ୍ୟଧିକ ରକ୍ତକ୍ଷୟ ନିବାରଣ କରିବା ଆବଶ୍ୟକ ହୁଏ। କିନ୍ତୁ ତାପମାତ୍ରା କମେଇଦେଲେ ଜୀବକୋଷଗୁଡ଼ିକର କ୍ରିୟା ମନ୍ଥର ହୋଇପଡ଼ିବା ସଙ୍ଗେସଙ୍ଗେ ହ୍ରାସ ପାଇଯାଏ ମସ୍ତିଷ୍କର ଅମ୍ଳଜାନ ଆବଶ୍ୟକତା।

ଜୀବକୋଷଗୁଡ଼ିକ ହିମଶୀତଳ ତାପମାତ୍ରାରେ ସଂରକ୍ଷିତ ହୋଇ ପରେ କ୍ରିୟାଶୀଳ ହୋଇପାରୁଥିବାରୁ ବ୍ୟକ୍ତି ମରିଯିବା ପରେ ତା'ର ମୃତଦେହକୁ ଅତି ନିମ୍ନ ତାପମାତ୍ରାରେ ସାଇତି ରଖିବା ନିମନ୍ତେ ପଦକ୍ଷେପ ନିଆଗଲାଣି। ଯେଉଁ ରୋଗରେ ଆକ୍ରାନ୍ତ ହୋଇ ବ୍ୟକ୍ତିଟି ମୃତ୍ୟୁବରଣ କରିଥାଏ, ସେହି ରୋଗର ଚିକିତ୍ସା ପଦ୍ଧତି ଭବିଷ୍ୟତରେ ଉଦ୍ଭାବିତ ହୋଇଗଲେ ମୃତଦେହକୁ ସ୍ୱାଭାବିକ ତାପମାତ୍ରାକୁ ଫେରାଇ ଆଣି ତାକୁ ପୁନରୁଜ୍ଜୀବିତ କରାଯାଇପାରିବ ବୋଲି ବୈଜ୍ଞାନିକମାନଙ୍କର ବିଶ୍ୱାସ। ତେବେ ନିମ୍ନ ତାପମାତ୍ରାରେ ସଂରକ୍ଷଣ କରି ମୃତଦେହର ଜୀବନଦାନ ପ୍ରଚେଷ୍ଟାକୁ ଅନେକ କଠୋର ଭାବରେ ସମାଲୋଚନା କରିଆସୁଛନ୍ତି। ଏହାସତ୍ତ୍ୱେ ପୁନର୍ଜୀବିତ କରାଇପାରିବାର ଲକ୍ଷ୍ୟରେ ଅତି ନିମ୍ନତାପମାତ୍ରାରେ ମୃତଦେହ ସଂରକ୍ଷଣ ନିମନ୍ତେ ପଦକ୍ଷେପ ନିଆଯାଇଛି। କେତୋଟି ମୃତଦେହ ମଧ୍ୟ ସଂରକ୍ଷିତ ହୋଇରହିଛି ଏହି ଉଦ୍ଦେଶ୍ୟରେ। ୧୯୯୨ ମସିହାରେ ଏପରି ଭାବରେ ୬୦ଟି ମୃତଦେହ ସଂରକ୍ଷଣ କରି ରଖାଯାଇଥିଲା। ମାତ୍ର ଏଯାବତ୍ କୌଣସି ଜଣକୁ ମଧ୍ୟ ପୁନର୍ଜୀବନ ଦିଆଯାଇପାରି ନାହିଁ। ହେଲେ ପ୍ରାଣୀମାନଙ୍କ ଉପରେ କରାଯାଇଥିବା ଏଭଳି ପରୀକ୍ଷାର ଫଳାଫଳ ରହିଆସିଛି ବେଶ୍ ଉତ୍ସାହଜନକ।

-ଅଭିନବ ବିଦ୍ୱାନାସୀ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

❖ କେତେକେ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ପାଳନ କରି ନ ଥାନ୍ତି। ରୋଗରୁ ଆରୋଗ୍ୟ ମିଳିବା ମାତ୍ରେ ଔଷଧ ଖାଇବା ବନ୍ଦ କରିଦେବା, ଡାକ୍ତର ସୂଚିତ କରିଥିବା ପରୀକ୍ଷା ନ କରିବା ନିଜର ବୋକାମି ବ୍ୟତୀତ ଆଉ କିଛି ନୁହେଁ। କାରଣ ରୋଗୀର ଅବସ୍ଥାକୁ ଦେଖି ଜଣେ ଡାକ୍ତର କେତେଦିନ ଔଷଧ ଖାଇବ, ଆରୋଗ୍ୟ ଲାଭ କରିବା ପରେ ମଧ୍ୟ କି କି ପରୀକ୍ଷା କରାଇବାକୁ ପଡ଼ିବ ସେ ସମ୍ପର୍କରେ ପ୍ରେସ୍କ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି। ତାହାକୁ ଅନୁସରଣ କରନ୍ତୁ।

❖ ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୋଟିନ ଚେକ୍‌ଅପ ପାଇଁ ସମୟ ବାହାର କରନ୍ତୁ।

❖ କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ବିଳମ୍ବ ନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

❖ ଅନେକେ ଜଣାତରେ ନିଜର ଖାଦ୍ୟପେୟ ପ୍ରତି ଆବଶ୍ୟକ ମୁତାବକ ନଜର ଦେଇ ନ ଥାନ୍ତି। ଖାଦ୍ୟପେୟରେ ଅନିୟମିତତା ଦେଖାଦେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକିଆଣିଥାଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଇବାକୁ ଭୁଲନ୍ତୁ ନାହିଁ।

❖ ନିଜକୁ ସୁସ୍ଥ ରଖିବା ପାଇଁ ଚାହୁଁଛନ୍ତି କି? ତେବେ ପ୍ରଥମେ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।

❖ କୌଣସି ରୋଗ ବିଷୟରେ ଡାକ୍ତର ଆପଣଙ୍କୁ ଯାହା ପଚାରୁଛନ୍ତି, ନିଃସଙ୍କୋଚରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତୁ। ଯଦି କୌଣସି କାରଣକୁ ଆପଣ ପ୍ରକାଶ ନ କରନ୍ତି ତେବେ ତାହା ଆପଣଙ୍କ ପାଇଁ ସମସ୍ୟାକୁ ଡାକିଆଣିଥାଏ।



## କଫ ସମସ୍ୟାରୁ ଉପଶମ ପାଇଁ..

ଅତ୍ୟଧିକ ଥଣ୍ଡା ହେଲେ ଛାତିରେ କଫ ଜମିବା ଆଶଙ୍କା ଅଧିକ ଥାଏ। ଏହା ଦ୍ୱାରା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ। ଏପରି ସମସ୍ୟାରୁ ଉପଶମ ପାଇବାର କେତେକ ଘରୋଇ ଉପାୟ ରହିଛି। ଏଗୁଡିକୁ ଆପଣେଇପାରନ୍ତି...



★ ଅଧା କପ୍ ଉଷୁମ ପାଣିରେ ଏକ ଚାମଚ ହଳଦୀଗୁଣ୍ଡ ଭଲ ଭାବେ ମିଶାଇ ଦିଅନ୍ତୁ। ତା'ପରେ ଏଥିରେ ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଉଷୁମ କରି ପିଅନ୍ତୁ। ନିୟମିତ କିଛିଦିନ ଏହାକୁ ପିଇଲେ କଫ ସମସ୍ୟା ଦୂର ହୋଇଥାଏ।


★ ଅଦାକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। ପରେ ଏହାକୁ ପାଣିରେ ମିଶାଇ ଭଲଭାବେ ଫୁଟାନ୍ତୁ। ଏହାକୁ ଉଷୁମ ଅବସ୍ଥାରେ ପିଇଲେ କଫରୁ ଉପଶମ ମିଳିଥାଏ।

★ ଦୁଇ ଚାମଚ ଲେମ୍ବୁରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ।

★ ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ କେବଳ କଫ ନୁହେଁ, ଥଣ୍ଡାଜନିତ ସମସ୍ୟା ମଧ୍ୟ ଦୂର ହୋଇଥାଏ।


## ଆଜ୍‌ମା: ସତର୍କତା

ଆଜ୍‌ମା ଏକ ଶ୍ୱାସଜନିତ ସମସ୍ୟା। ଏହାଦ୍ୱାରା ଆକ୍ରାନ୍ତ ହେଲେ ବ୍ୟକ୍ତି ଜଣକ ସହଜରେ ନିଃଶ୍ୱାସ ନେଇପାରନ୍ତି ନାହିଁ। ଫଳରେ ଏହାର ତୁରନ୍ତ ଚିକିତ୍ସା କରାଇବାକୁ ପଡିଥାଏ। ବେଳେବେଳେ ରୋଗୀର ଅବସ୍ଥା ଦେଖି ତାକୁ ଆଇସିୟୁରେ ଆଡ୍‌ମିଶନ କରାଯାଇ ଚିକିତ୍ସା କରାଯାଏ। ଆଜ୍‌ମାରୁ ଉପଶମ ପାଇବା ପାଇଁ କେତେକ ଔଷଧ ଧୀରେ ଧୀରେ କାମ କରେ ଏବଂ କେତେକରୁ ଶୀଘ୍ର ଫଳ ମିଳିଥାଏ। ହେଲେ ଔଷଧ କେତେ ପରିମାଣର ଏବଂ କେତେ ବ୍ୟବଧାନରେ ଖାଇବାକୁ ପଡିବ, ତାହା ଡାକ୍ତରଙ୍କ ପରାମର୍ଶ ଉପରେ ନିର୍ଭର କରିଥାଏ। ଏହି ସମସ୍ୟା ଗମ୍ଭୀର ହେଲେ ରୋଗୀକୁ ଇନ୍‌ହେଲରର ସାହାଯ୍ୟ ନେବାକୁ ପଡେ। ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ଯେତେବେଳେ ଧୂଳି ଉଡୁଛି କି ଘର ସଫା ହେଉଛି ସେତେବେଳେ ଏଭଳି ପ୍ରଦୂଷିତ ଧୂଳିକଣାଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ଏସବୁ ଶ୍ୱାସକ୍ରିୟା ଦ୍ୱାରା ଶରୀର ଭିତରକୁ ଗଲେ ତାହା ଆଜ୍‌ମା ସମସ୍ୟାକୁ ବଢ଼ାଇ ଦେଇଥାଏ। ଘରେ ଯଦି କୌଣସି ପ୍ରାଣୀ ପୋଷିଛନ୍ତି ତେବେ ସେମାନଙ୍କ ଲୋମ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଆଜ୍‌ମା ରୋଗୀ ଧୂମପାନ ଅଭ୍ୟାସକୁ ତୁରନ୍ତ ପରିହାର କରିବା ଆବଶ୍ୟକ। ଏହା ବ୍ୟତୀତ ପ୍ରଦୂଷିତ ସ୍ଥାନ, ଥଣ୍ଡାଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ଯଦି ଇନ୍‌ହେଲର ବ୍ୟବହାର କରୁଛନ୍ତି, ତେବେ ବ୍ୟାୟାମ କରିବାର ୧୦-୧୫ ମିନିଟ୍ ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଡୋଜ୍ ନିଅନ୍ତୁ।




## ସହଜରେ ଠାବ ହେବ ରେଟିନାଲ ସେଲ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ଜିନିଷ ଉଦ୍ଭାବନ ଚାଲୁ ରହିଛି। ନିକଟରେ ଲଣ୍ଡନ ୟୁନିଭର୍ସିଟିର ଚକ୍ଷୁ ବିଶେଷଜ୍ଞମାନେ ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟାର କେତେକାଂଶରେ ସମାଧାନ କରାଯାଇପାରିବ। ଏଭଳି ନୂଆ ଡିଭାଇସ୍ ସମ୍ପର୍କରେ ସୂଚନା ଦେଇ ଏହି ଗବେଷଣାର ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ଏଲିଜାବେଥ ଭର୍ସିଗ କହନ୍ତି, 'ଆଜିକାଲି ରେଟିନାଜନିତ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ଏହାର ଚିକିତ୍ସା ପାଇଁ ନୂଆ ଡିଭାଇସ୍ ଅନେକାଂଶରେ ସାହାଯ୍ୟ କରିପାରିବ। ଚକ୍ଷୁରେ ଏହାକୁ ସଂଯୋଗ କରିବା ପରେ ଏହାଦ୍ୱାରା ରେଟିନାଲ ସେଲ୍‌କୁ ସହଜରେ ଠାବ କରାଯାଇପାରିବ ଏବଂ ତା'ପରେ ଏହାର ଚିକିତ୍ସା କରିବା ଆହୁରି ସହଜ ହେବ।' ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ଏବଂ ଏହାକୁ କିପରି ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେନେଇ ଚେଷ୍ଟା ଚାଲିଛି।




## ସକାରାତ୍ମକ ଚିନ୍ତାଧାରା ବଢ଼ାଇବାର ସହଜ ଉପାୟ

ମନପସନ୍ଦର ସଙ୍ଗୀତ ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲ୍‌କା କରିଥାଏ। ସେଥିପାଇଁ ଅନେକେ ମନପସନ୍ଦର ସଙ୍ଗୀତ ଶୁଣିବାକୁ ଉଚିତ ମଣିଥାଆନ୍ତି। ହେଲେ ଏପରି ଅଭ୍ୟାସ ସଂପୃକ୍ତ ବ୍ୟକ୍ତିଙ୍କର ସକାରାତ୍ମକ ଚିନ୍ତାଧାରାକୁ ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ। ୱାଶିଂଟନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ କରିଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମନପସନ୍ଦର ଗୀତ ଶୁଣନ୍ତି, ତେବେ ଏହାଦ୍ୱାରା ତାଙ୍କର କାର୍ଯ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। 'ସକାରାତ୍ମକ ଚିନ୍ତାଧାରା ଏବଂ ସଙ୍ଗୀତ' ବିଷୟ ଉପରେ ସେମାନେ ଏହି ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ର ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ତାଙ୍କ ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।





❝ କ୍ଷମତାକୁ ଆସିଲେ ଜିଏସ୍‌ଟି ପ୍ରତ୍ୟାହାର ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ବ୍ୟବସାୟୀଙ୍କୁ ବଳୀର ବୋଦା ବନାଯାଉଥିବାରୁ ଏହାକୁ ବିରୋଧ କରୁଛୁ।
– ପ୍ରଭୀନ ଖଣ୍ଡେଲୱାଲ, ସଭାପତି, ସର୍ବଭାରତୀୟ ବ୍ୟବସାୟୀ ମହାସଂଘ



❝ ଘରୋଇ ବଜାରରେ ଅଭିବୃଦ୍ଧି ଲାଗି ବିତରଣ ବ୍ୟବସ୍ଥାର ଦୃଢୀକରଣ ଏବଂ ଉତ୍ପାଦର ନୂତନତ୍ୱ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।
– ମାଧଭନ ମେନନ, ଅଧ୍ୟକ୍ଷ, ଥୋମାସ କୁକ ଇଣ୍ଡିଆ

## ସଂକ୍ଷେପରେ

### ଛୁଟି ପାଳନ, ମହଙ୍ଗା ଟୁର୍ ଯିବାରେ ଭାରତୀୟ ସର୍ବାଗ୍ରେ

**ନୂଆଦିଲ୍ଲୀ,୨୪-୩:** ଛୁଟି ପାଳନ ଓ ମହଙ୍ଗା ଟୁର୍ ଯିବା କଥା ଉଠିଲେ ଭାରତ ବିଶ୍ୱରେ ସର୍ବାଗ୍ରେ ରହିଛି। ଭାରତୀୟମାନେ ମହଙ୍ଗା ଟୁର୍ ଯିବାରେ ମେକ୍ସିକୋ, ଥାଇଲାଣ୍ଡ, ସ୍ପେନ, ତୁର୍କୀ, ଆମେରିକା ଓ ଚାଇନା ସମେତ ବିଶ୍ୱର ଅନ୍ୟ ଦେଶକୁ ପଛରେ ପକାଇ ଦେଇଛନ୍ତି। ଓ୍ୱାର୍ଲ୍ଡ ଟ୍ରାଭେଲ ଆଣ୍ଡ ଟ୍ୟୁରିଜମ୍ କାଉନସିଲ୍ (ଡବ୍ଲ୍ୟୁଟିଟିସି)ର ଇକୋନୋମିକ ଇମ୍ପାକ୍ଟ ୨୦୧୯ ରିପୋର୍ଟରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି। ସୂଚନାଥାଉ କି, ଡବ୍ଲ୍ୟୁଟିଟିସି ଇକୋନୋମିକ ଇମ୍ପାକ୍ଟ ଟ୍ରାଭେଲ ଓ ଟ୍ୟୁରିଜମ୍ କ୍ଷେତ୍ରର ଗ୍ଲୋବାଲ ପ୍ରାଇଭେଟ ସେକ୍ଟରକୁ ପ୍ରତିନିଧିତ୍ୱ କରୁଛି। ଏହା ପ୍ରତ୍ୟେକ ଦେଶର ଟ୍ରାଭେଲ ଓ ଟ୍ୟୁରିଜମ୍ ଜିଡିପିରେ ଯୋଗଦାନ ସମ୍ପର୍କରେ ତର୍ଜମା କରିଥାଏ। ରିପୋର୍ଟରେ କୁହାଯାଇଛି ଯେ, ଭାରତ ଏ କ୍ଷେତ୍ରରେ ଜିଡିପିର ୯୪.୮ ପ୍ରତିଶତ ଖର୍ଚ୍ଚ କରିଛି। ସେହିପରି ଆମେରିକା ଓ ଚାଇନା ଟ୍ରାଭେଲ ଓ ଟ୍ୟୁରିଜମ୍‌ରେ କ୍ରମଶଃ ୭୧.୩% ଓ ୮୧.୪% ଖର୍ଚ୍ଚ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଭାରତ ପରେ ମେକ୍ସିକୋ, ଥାଇଲାଣ୍ଡ, ସ୍ପେନ ଓ ବ୍ରାଜିଲ ମହଙ୍ଗା ଟ୍ରିପ୍ ବାବଦରେ ଅଧିକ ଖର୍ଚ୍ଚ କରିଥାନ୍ତି। ତେବେ କାମ ଅଥବା ବ୍ୟବସାୟ ସଂକ୍ରାନ୍ତରେ ଭାରତୀୟମାନେ ୫% ଅଧିକ ଖର୍ଚ୍ଚ କରନ୍ତି। ୨୦୧୮ରେ ଭାରତ ୨୪୭.୩ ବିଲିୟନ ଟଙ୍କାର ମୋଟ ମୂଲ୍ୟ ସହ ଟ୍ରାଭେଲ ଓ ଟ୍ୟୁରିଜମ୍ କ୍ଷେତ୍ର ଦେଶର ଜିଡିପିରେ ୯.୨% ଯୋଗଦାନ ଦେଉଛି। ତେବେ ଘରୋଇ ଯାତ୍ରାରେ ୮୭% ମହଙ୍ଗା ଛୁଟି ଅତିବାହିତ କରାଯାଇଛି। ଅବଶିଷ୍ଟ ଅନ୍ତର୍ଜାତୀୟ କ୍ଷେତ୍ରରେ ହୋଇଛି। ଡବ୍ଲ୍ୟୁଟିଟିସି ଅଧ୍ୟକ୍ଷ ତଥା ସିଇଓ ଗ୍ଲୋରିୟା ଗ୍ୱେରା କହିଛନ୍ତି ଯେ, ଗତ ଏକ ଦଶନ୍ଧି ମଧ୍ୟରେ ଭାରତୀୟ ଟ୍ରାଭେଲ ଓ ଟ୍ୟୁରିଜମ୍ ସେକ୍ଟରରେ ଅଭୂତପୂର୍ବ ଅଭିବୃଦ୍ଧି ଦେଖାଯାଇଛି।

### ଏଲ୍‌ଆଇସିର ନୂଆ ନବଜୀବନ ପ୍ଲାନ

**ମୁମ୍ବାଇ,୨୪-୩:** ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ନୂଆ ନବଜୀବନ ପ୍ଲାନର ଶୁଭାରମ୍ଭ ହୋଇଛି। ଏହା ଏକ ନନ୍ ଲିଙ୍କଡ, ପାର୍ଟିସିପେଣ୍ଟିଂ ଏଣ୍ଡାଓମେଣ୍ଟ ଲାଇଫ ଆସ୍ୟୁରାନ୍ସ ପ୍ଲାନ। ଏହା ଗ୍ରାହକଙ୍କୁ ଉଭୟ ସେଭିଂ ଏବଂ ସୁରକ୍ଷା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରିମିୟମ ପ୍ରଦାନ କରିବା କ୍ଷେତ୍ରରେ ଗ୍ରାହକଙ୍କ ଲାଗି ବିକଳ୍ପ ରହିଛି। ୬୫ ବର୍ଷ ପର୍ଯ୍ୟନ୍ତ ବୟସ୍କ ବ୍ୟକ୍ତିବିଶେଷ ଏହି ପ୍ଲାନ ନେଇ ପାରିବେ। ଏହାକୁ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ମୁଡରେ କ୍ରୟ କରାଯାଇ ପାରିବ।

### ଆମ୍‌ୱେର ଇଟ୍ ହାର୍ଡ ଇଟ୍ ସ୍ମାର୍ଟ ଅଭିଯାନ

**ଭୁବନେଶ୍ୱର,୨୪-୩:** ଆମ୍‌ୱେ ଇଣ୍ଡିଆ ପକ୍ଷରୁ ଇଟ୍ ହାର୍ଡ ଇଟ୍ ସ୍ମାର୍ଟ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏକ ସୁସ୍ଥକର ଜୀବନଶୈଳୀ ପାଇଁ ସନ୍ତୁଳିତ ପୋଷଣ ଗ୍ରହଣ କରିବାର ଲାଭକୁ ସମର୍ଥନ କରିବା ଏବଂ ପ୍ରଚାର କରିବା ପାଇଁ ଏହା ହାତକୁ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ଏହା ଠିକ୍ ଓ ପର୍ଯ୍ୟାପ୍ତ ପୋଷଣ ଉପରେ ପର୍ଯ୍ୟବସିତ। ପୋଷଣରେ ରହୁଥିବା ଅନ୍ତର ଦୂର କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ଜୀବନଯାପନ ପାଇଁ ଲୋକଙ୍କୁ ସହାୟତା କରିବା ଦର୍ଶନ ଉପରେ ଏହି ଅଭିଯାନ ପର୍ଯ୍ୟବସିତ। ଏହି ଅବସରରେ କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁନ୍ଦୀପ ଶାହ କହିଛନ୍ତି ଯେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ସୁସ୍ଥକର ଏବଂ ସନ୍ତୁଳିତ ଆହାର ଖାଇବା ଜରୁରୀ।

### ସାମ୍‌ସଙ୍ଗ୍‌ର ନୂଆ ସ୍ମାର୍ଟଫୋନ

**ଭୁବନେଶ୍ୱର,୨୪-୩:** ସାମ୍‌ସଙ୍ଗ୍ ପକ୍ଷରୁ ପରବର୍ତ୍ତୀ ପିଢିର ନୂତନ ଗ୍ୟାଲେକ୍ସି ଏ-୧୦ ମୋବାଇଲ୍ ବଜାରକୁ ଆସିଛି। ଏହାର ବଜାର ଦର ୮୪୯୦ ଟଙ୍କା ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ସ୍ମାର୍ଟଫୋନ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବ। ଏହି ସ୍ମାର୍ଟଫୋନ୍‌ରେ ୬.୨ ଇଞ୍ଚ ଏଚ୍‌ଡି ପ୍ଲସ୍ ସ୍କ୍ରିନ୍, ଇନଫିନିଟି-ଭି ଡିସପ୍ଲେ, ଏଫ-୨.୦ ଆପରେଚର ବିଶିଷ୍ଟ ୫ ଏମପି ସମ୍ମୁଖ କ୍ୟାମେରା, ଏଫ୍୧.୯ ଆପରେଚର ବିଶିଷ୍ଟ ୧୩ ଏମ୍‌ପି ପଛ କ୍ୟାମେରା, ୩,୪୦୦ ଏମ୍‌ଏଚ୍ ବ୍ୟାଟେରି ରହିଛି। ଏଥିରେ ୨ ଜିବି ରାମ୍ ୩୨ ଜିବି ରାମ୍, ୫୧୨ ବର୍ଦ୍ଧିତ ମେମୋରୀ ଭଳି ବୈଶିଷ୍ଟ୍ୟ ରହିଛି।

■ ବକେୟା ବିଜୁଳି ବିଲ୍ ଦେଉନାହାନ୍ତି ରାଜ୍ୟ

# ଏନ୍‌ପିଏ ହୋଇପାରେ ୩ ଲକ୍ଷ କୋଟି




**ନୂଆଦିଲ୍ଲୀ,୨୪–୩**

ରାଜ୍ୟ ସରକାରଗୁଡ଼ିକ ବିଜୁଳି ବିଲ୍ ବାବଦରେ ବକେୟା ପ୍ରଦାନ କରୁ ନ ଥିବାରୁ ପ୍ରାୟ ଏକ ଡଜନ ବିଦ୍ୟୁତ ପ୍ରକଳ୍ପରେ ୩ ଲକ୍ଷ କୋଟି ଟଙ୍କାର ଘରୋଇ ନିବେଶ ଏବେ ସଙ୍କଟଗ୍ରସ୍ତ ହୋଇଛି। ଏହି ପରିମାଣ ଅର୍ଥ ଏବେ ଏନ୍‌ପିଏ ବା ଅନାଦାୟ ଋଣ ହେବାକୁ ବସିଛି, ଯାହା ଋଣ ପ୍ରଦାନକାରୀ ବ୍ୟାଙ୍କଗୁଡ଼ିକ ପାଇଁ ଶୁଭଙ୍କର ନୁହେଁ।

କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ପ୍ରାପ୍ତି ପୋର୍ଟାଲରୁ ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଜିଏମ୍‌ଆର୍ ଓ ଆଦାନୀ ଗ୍ରୁପ୍ କମ୍ପାନୀ ବ୍ୟତୀତ ରାଷ୍ଟ୍ରାୟତ୍ତ ଏନ୍‌ଟିପିସି କମ୍ପାନୀ ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟ ସରକାରଗୁଡ଼ିକଠାରୁ ବିଜୁଳି ବିଲ୍ ବାବଦରେ ପ୍ରାୟ ୪୧,୭୩୦ କୋଟି ଟଙ୍କା ପାଇବେ। ରାଜ୍ୟରେ ବିଦ୍ୟୁତ ବିତରଣ କରୁଥିବା କମ୍ପାନୀଗୁଡ଼ିକ ଏହି ବକେୟା କରିଛନ୍ତି। ଆଜି ସୁଦ୍ଧା ଏହା ବଢ଼ି ବଢ଼ି ପ୍ରାୟ ୬୦ ହଜାର କୋଟି ଟଙ୍କାରେ ପହଞ୍ଚି ସାରିଲାଣି। ତନ୍ମଧ୍ୟରୁ ଅର୍ଦ୍ଧେକ ଅର୍ଥ ଘରୋଇ ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀମାନେ ଅସୁଲ କରିବା ଅପେକ୍ଷାରେ ରହିଛନ୍ତି। ଭାଜପା ଶାସିତ ଉତ୍ତରପ୍ରଦେଶରେ ସର୍ବାଧିକ ୬,୪୯୭ କୋଟି ଟଙ୍କା ବକେୟା ପଡ଼ି ରହିଥିବା ବେଳେ ୬୧୭୯ କୋଟି ଟଙ୍କା ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଜମ୍ମୁ-କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ପଞ୍ଜାବ ବକେୟା ବିଜୁଳି ବିଲ୍ ବୃଦ୍ଧି କରିବାରୁ ପରିସ୍ଥିତି ଜଟିଳ ହୋଇଛି। ପ୍ରାପ୍ତି ପୋର୍ଟାଲ ଅନୁଯାୟୀ, ଉତ୍ତର ପ୍ରଦେଶ ନିଜର ବକେୟା ପରିଶୋଧ କରିବା ଲାଗି ୫୪୪ ଦିନ ସମୟ ନେଉଥିବା ବେଳେ ମହାରାଷ୍ଟ୍ର ଏଥିପାଇଁ ୫୮୦ ଦିନ ସମୟ ନେଇଥାଏ। ଦେଶର ସବୁଠାରୁ ଅଧିକ ଔଦ୍ୟୋଗିକ ରାଜ୍ୟ କୁହାଯାଉଥିବା ମହାରାଷ୍ଟ୍ର ଓ ତାମିଲନାଡୁ ମୋଟ ବକେୟାର ୮୦ ପ୍ରତିଶତ ଦେଇନାହାନ୍ତି। ସେମାନେ ଅଧିକ ବିଜୁଳି ବ୍ୟୟ କରିଥାନ୍ତି। ଶୀର୍ଷ ୧୦ ରାଜ୍ୟ ବକେୟା ବିଜୁଳି ବିଲ୍ ପ୍ରଦାନ କରିବାକୁ ହାରାହାରି ୫୬୨ ଦିନ ସମୟ ନେଉଛନ୍ତି। ବିଳମ୍ବରେ ବିଦ୍ୟୁତ ଦେୟ ମିଳୁଥିବାରୁ ଘରୋଇ ବିଜୁଳି ଉତ୍ପାଦକଙ୍କ ପାଇଁ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡୁଛି। ଅର୍ଥର ଅଭାବ କାରଣରୁ ଉତ୍ପାଦନ ଉପରେ ସଙ୍କଟ ସୃଷ୍ଟି ହେଲାଣି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ବଜାଜ୍ ଗ୍ରୁପ୍ ଅଧୀନ ଲଳିତପୁଟ ପାୱାର ଜେନେରେଶନ କମ୍ପାନୀ ଉତ୍ତର ପ୍ରଦେଶର ବିଦ୍ୟୁତ୍ ବିତରଣକାରୀ କମ୍ପାନୀଙ୍କଠାରୁ ବକେୟା ବାବଦରେ ୨୧୮୫ କୋଟି ଟଙ୍କା ନ ପାଇବାରୁ ପ୍ରାୟ ୩ ହଜାର କର୍ମଚାରୀଙ୍କୁ ବେତନ ଦେଇପାରୁ ନାହିଁ। ଖାଲି ଏତିକି ନୁହେଁ ଅର୍ଥର ଅଭାବ କାରଣରୁ ଏହା ଆବଶ୍ୟକ କୋଇଲା ଗଚ୍ଛିତ ରଖିବାରେ ମଧ୍ୟ ବିଫଳ ହୋଇଛି। ୪୧,୭୩୦ କୋଟି ଟଙ୍କାର ବକେୟା ବିଜୁଳି ବିଲ୍ ମଧ୍ୟରେ ଆଦାନି ଗ୍ରୁପ୍ ୭୪୩୩.୪୭ କୋଟି ଟଙ୍କା, ଜିଏମ୍‌ଆର ଗ୍ରୁପ୍ ୧୭୮୮.୧୮ କୋଟି ଟଙ୍କା ରହିଛି। ସେହିପରି ସେମ୍ବକର୍ପ ୧୪୯୭.୦୭ କୋଟି ଟଙ୍କା, ଏନ୍‌ଟିପିସି ୧୭,୧୮୭ କୋଟି ଟଙ୍କା ବକେୟା ବାବଦରେ ପାଇବ।

■ ସଙ୍କଟରେ ୧୨ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ନିବେଶ
■ ରାଜ୍ୟଗୁଡ଼ିକ ଉପରେ ଶକ୍ତି କମ୍ପାନୀଗୁଡ଼ିକର ୪୧,୭୩୦ କୋଟି ବକେୟା
■ ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ବକେୟା ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ

## ଏସ୍‌ବିଆଇ ନ୍ୟୁମେରୋ ୟୋନୋର ବିଜେତା ପୁରସ୍କୃତ




**ମୁମ୍ବାଇ,୨୪–୩**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର କ୍ୱିଜ ପ୍ରତିଯୋଗିତା 'ନ୍ୟୁମେରୋ ୟୁନୋ ୨୦୧୯'ର ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ମୁମ୍ବାଇଠାରେ ଅନୁଷ୍ଠିତ ଚୂଡାନ୍ତ ପର୍ଯ୍ୟାୟରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ ଦଳ ଜାତୀୟ ସ୍ତରର ବିଜେତା ହେବା ସହ ୫.୭୬ ଲକ୍ଷ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ବିଜେତା ଦଳକୁ ପୁରସ୍କୃତ କରିଛନ୍ତି। ଏଥିରେ କିଟ୍ ଭୁବନେଶ୍ୱର ଦଳ ପୂର୍ବ ଜୋନର ବିଜେତା ହେବା ସହ ଫାଇନାଲରେ ତୃତୀୟ ଶ୍ରେଷ୍ଠ ଦଳ ବିବେଚିତ ହୋଇ ପାରିଛି। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ପୂର୍ବ ଜୋନର ବିଜେତା ସଦସ୍ୟଙ୍କୁ ଏହି ଅବସରରେ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦେଶର ୧୭ଟି ସ୍ଥାନରେ ଥିବା ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଏଭଳି କ୍ୱିଜ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୫୪ ଦଳ ମଧ୍ୟରୁ କିଟ୍ ଭୁବନେଶ୍ୱର ଦଳ ଚୂଡାନ୍ତ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବା ସହ ମୁମ୍ବାଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲା।

## ବ୍ରାଜିଲ, ମେକ୍ସିକୋରୁ ତେଲ ଆମଦାନୀ ବଢ଼ାଇବ ଭାରତ

**ନୂଆଦିଲ୍ଲୀ,୨୪–୩**

ଆମେରିକା କଟକଣା ଯୋଗୁ ଭେନେଜୁଏଲାରୁ ଭାରତ ଅଶୋଧିତ ତୈଳ ଆମଦାନୀ କରିପାରୁନି। ବ୍ରାଜିଲ ଓ ମେକ୍ସିକୋରୁ ଅଧିକ ତୈଳ ଆମଦାନୀ କରି ଭାରତ ଏହାର ଭରଣା କରିବାକୁ ଚାହୁଁଛି। ସୂଚନାଥାଉ କି, ସୌଦି ଆରବ, ଇରାକ ଓ ଇରାନ ପରେ ଭେନେଜୁଏଲା ଚତୁର୍ଥ ରାଷ୍ଟ୍ର ଭାବେ ଭାରତକୁ ଅଶୋଧିତ ତେଲ ଯୋଗାଇଥାଏ। ୨୦୧୭-୧୮ରେ ଘରୋଇ ଚାହିଦାର ୧୧% ଅର୍ଥାତ୍ ୧୮ ମିଲିୟନ ଟନ ତେଲ ଭେନେଜୁଏଲା ଯୋଗାଇଥାଏ। ତେବେ ଭେନେଜୁଏଲା ଉପରେ ଆମେରିକା କଟକଣା ଲାଗୁ ହେବା ଯୋଗୁ ଭାରତକୁ ବିକଳ୍ପ ସନ୍ଧାନ କରିବାକୁ ପଡୁଛି। କୂଟନୈତିକ ସୂତ୍ରରୁ ପ୍ରକାଶ ଯେ, ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଏବେ ବ୍ରାଜିଲ ଓ ମେକ୍ସିକୋ ଭାରତକୁ ଅଧିକ ଅଶୋଧିତ ତେଲ ବିକିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଭାରତ ଏହାର ତର୍ଜମା ଆରମ୍ଭ କରିଦେଇଛି। ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ତୈଳ ବିତରଣକାରୀ କମ୍ପାନୀଙ୍କ ମତାମତ ନେବା ପରେ ଭାରତ ଏ ସମ୍ପର୍କରେ ନିଷ୍ପତ୍ତି ନେବ। ଉଲ୍ଲେଖ କରାଯାଇପାରେ ଯେ, ବ୍ରାଜିଲ ଓ ମେକ୍ସିକୋରୁ ଭାରତ ପୂର୍ବରୁ ଅଶୋଧିତ ତେଲ ଆମଦାନୀ କରୁଛି। ତେବେ ୨୦୧୩ରୁ ଏହା ଧୀରେ ଧୀରେ ହ୍ରାସ ପାଇଛି।

### ସୁନା ଆମଦାନୀ ୫.୫% ହ୍ରାସ

**ନୂଆଦିଲ୍ଲୀ,୨୪–୩:** ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ଦେଶରେ ସୁନା ଆମଦାନୀ ୫.୫% ହ୍ରାସ ପାଇ ୨୯.୫ ବିଲିୟନ ଡଲାରରେ ପହଞ୍ଚିଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୭-୧୮ର ସମାନ ଅବଧିରେ ସୁନା ଆମଦାନୀ ୩୧.୨ ବିଲିୟନ ଡଲାର ଥିଲା। ବିଶେଷଜ୍ଞଙ୍କ କହିବାନୁଯାୟୀ, ବିଶ୍ୱ ବଜାରରେ ସୁନା ମୂଲ୍ୟ ହ୍ରାସ ପାଇବା କାରଣରୁ ଆମଦାନୀ କମିଛି। ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବରରେ କ୍ରମାଗତ ୩ ମାସ ଧରି ସୁନାର ଆମଦାନୀ କମିଛି। ଚଳିତ ବର୍ଷ ଜାନୁୟାରୀରେ ଏହା ୩୮.୧୬ ପ୍ରତିଶତ ବୃଦ୍ଧି ପାଇ ୨.୩୧ ବିଲିୟନ ଡଲାରରେ ପହଞ୍ଚିଯାଇଛି। ତେବେ ଫେବୃୟାରୀରେ ଏହା ୧୦.୮ ପ୍ରତିଶତ ବୃଦ୍ଧି ପାଇ ୨.୫୮ ବିଲିୟନ ଡଲାର ହୋଇଛି। ସୂଚନାଥାଉ କି, ଦେଶର ଗହଣା ଶିଳ୍ପରେ ସୁନାର ଚାହିଦା ବଢୁଥିବାରୁ ଏହି ମୂଲ୍ୟବାନ ଧାତୁ ଆମଦାନୀ କ୍ଷେତ୍ରରେ ଭାରତ ସର୍ବାଗ୍ରେ ରହିଛି। ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ ଗତ ୧୧ ମାସରେ ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନି ୬.୩% ହ୍ରାସ ପାଇ ୨୮.୫ ବିଲିୟନ ଡଲାର ହୋଇଛି।




## ହ୍ୟୁଣ୍ଡାଇର ମେଗା ଏକ୍ସପେରିଏନ୍ସ କ୍ୟାମ୍ପ

**ନୂଆଦିଲ୍ଲୀ,୨୪–୩**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମେଗା ଏକ୍ସପେରିଏନ୍ସ ହ୍ୟୁଣ୍ଡାଇ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ନୂଆ କାର କିମ୍ବା ଗ୍ରାହକଙ୍କ ନିକଟରେ ଥିବା କାରର ବିଭିନ୍ନ ସର୍ଭିସ ଆବଶ୍ୟକତାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ଏହା ଦେଶର ୩୪୩ ସହରର ୫୭୪ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହା ଦ୍ୱାରା ଗ୍ରାହକମାନେ ସେମାନଙ୍କ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଯାନର ପର୍ସନାଲାଇଜଡ କେୟାର ଲାଭ କରିବାକୁ ସକ୍ଷମ ହୋଇଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ସେବା ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ ସୂଚନା ଦେଇଛନ୍ତି। ସେହିଭଳି ବ୍ରାଣ୍ଡ ପ୍ରତି ଗ୍ରାହକଙ୍କର ବିଶ୍ୱାସକୁ ଆହୁରି ଦୃଢ କରିବା ଦିଗରେ ପଦକ୍ଷେପ ଜାରି ରହିଥିବା ସେ କହିଛନ୍ତି। ଯାନର ନିୟମିତ ସର୍ଭିସ ଉପରେ ଏଠାରେ ଗ୍ରାହକଙ୍କୁ ବିଭିନ୍ନ ସୂଚନା ଦିଆଯାଇଥିଲା।

## ବିଏସ୍‌ଏନ୍‌ଏଲ୍‌ର ବିଦ୍ୟୁତ୍ ସଂଯୋଗ କାଟନି

**ନୂଆଦିଲ୍ଲୀ,୨୪–୩**

**ରାଜ୍ୟ ସରକାରଙ୍କୁ ଡିଓଟିର ଅନୁରୋଧ**

ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଓ ମହାନଗର ଟେଲିଫୋନ ନିଗମ ଲିମିଟେଡ (ଏମ୍‌ଟିଏନ୍‌ଏଲ୍)ର ବିଦ୍ୟୁତ ସଂଯୋଗ ନ କାଟିବାକୁ ଟେଲିକମ ବିଭାଗ (ଡିଓଟି) ପକ୍ଷରୁ ରାଜ୍ୟ ସରକାରଗୁଡ଼ିକୁ ଅନୁରୋଧ କରାଯାଇଛି। ବିଭାଗର ଅନୁରୋଧ ସଂକ୍ରାନ୍ତରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖାଯାଇଛି। ଏହି ଦୁଇଟି କମ୍ପାନୀ ବିଲ୍ ବାବଦରେ ବକେୟା ପୈଠ କରୁ ନ ଥିବାରୁ ବିଦ୍ୟୁତ ସଂଯୋଗ କାଟି ଦେବାକୁ ଚେତାବନୀ ଦିଆଯାଇଛି। ମୁଖ୍ୟ ସଚିବଙ୍କୁ ଲେଖାଯାଇଥିବା ପତ୍ରରେ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦେଶରେ ଏବେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲର ବିଦ୍ୟୁତ ସଂଯୋଗ କାଟିବା ଯଥାର୍ଥ ହେବନାହିଁ। ବିଏସ୍‌ଏନ୍‌ଏଲ୍ ଇତିମଧ୍ୟରେ ୯୦ ପ୍ରତିଶତ ବକେୟା ବିଲ୍ ଦେଇସାରିଛି। ଅବଶିଷ୍ଟ ୧୦% ଆସନ୍ତା ୧୦ରୁ ୧୫ ଦିନ ଭିତରେ ପୈଠ କରିବ। ଟେଲିକମ କ୍ଷେତ୍ରରେ ପ୍ରବଳ ପ୍ରତିଯୋଗିତା କାରଣରୁ ବିଏସ୍‌ଏନ୍‌ଏଲ୍ ଏବେ ଆର୍ଥିକ ସଙ୍କଟର ସାମ୍ନା କରୁଛି। ଏଣୁ ବିଜୁଳି ବିଲ୍ ପୈଠ କରିବାରେ ବିଳମ୍ବ ହେଉଛି। ଏହାଛଡ଼ା ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ ଏବେ ନିର୍ବାଚନ ପ୍ରକ୍ରିୟାରେ ଟେଲିକମ ସେବା ଯୋଗାଉଛି। ବିଦ୍ୟୁତ ସଂଯୋଗ କାଟି ଦେବା ଦ୍ୱାରା ପ୍ରକ୍ରିୟାରେ ବାଧା ଉପୁଜିବ। ସୂଚନାଥାଉ କି, କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ପରେ ବିଏସ୍‌ଏନ୍‌ଏଲ ଓ ଏମ୍‌ଟିଏନ୍‌ଏଲ୍ କର୍ମଚାରୀଙ୍କୁ ଫେବୃୟାରୀ ଦରମା ଦିଆଯାଇପାରିଥିଲା।

## ଅଧିକ କ୍ଷମତା ଚାହୁଁଛି ସେବି

**ମୁମ୍ବାଇ,୨୪–୩**

**ତାଲିକାଭୁକ୍ତ କମ୍ପାନୀଙ୍କ ଯାଞ୍ଚ**

ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ଆର୍ଥିକ ଠକେଇ ରୋକିବା ଲାଗି କେନ୍ଦ୍ର ସରକାରଙ୍କଠାରୁ ଅଧିକ କ୍ଷମତା ଚାହୁଁଛି। ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ଗଭୀର ଯାଞ୍ଚ ପାଇଁ ଏହାକୁ ଅଧିକ କ୍ଷମତା ଦେବାକୁ ପଡିବ ବୋଲି ସେବି ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଆର୍ଥିକ ଅନୀୟମିତତାରେ ଲିପ୍ତ ଥିବା କମ୍ପାନୀ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ମିଳୁ ବୋଲି ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ରେକର୍ଡ ଓ ଦସ୍ତାବିଜରେ ହେରଫେର କରାଯାଇଥିଲେ ସମ୍ପୃକ୍ତ କମ୍ପାନୀଠାରୁ ବଡ଼ ଧରଣର ଜରିମାନା ଆଦାୟ ପାଇଁ କ୍ଷମତା ମିଳିବା ଆବଶ୍ୟକ ବୋଲି ସେବି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଆର୍ଥିକ ଅନୀୟମିତତା, ଅନୁଚିତ ବାଣିଜ୍ୟ ବ୍ୟବହାର ସମ୍ବନ୍ଧିତ ବ୍ୟବସ୍ଥାର ଉଲ୍ଲଂଘନ କ୍ଷେତ୍ରରେ ସେବିକୁ ଯାଞ୍ଚ କରିବାର ଅଧିକାର ମିଳିଛି। ନିଜର ଏହି ଅଧିକାରକୁ ଆହୁରି ବ୍ୟାପକ କରି ଯେକୌଣସି ପ୍ରତିଭୂତି ଆଇନ ଉଲ୍ଲଂଘନ କ୍ଷେତ୍ରରେ ତାଲିକାଭୁକ୍ତ କମ୍ପାନୀର ଆକାଉଣ୍ଟସ ଯାଞ୍ଚ କରିବାର ଅଧିକାର ଚାହୁଁଛି ସେବି।

■ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା

## ଏପ୍ରିଲ ସୁଦ୍ଧା ୧ କୋଟି ପଞ୍ଜୀକରଣ ସମ୍ଭାବନା

**ନୂଆଦିଲ୍ଲୀ,୨୪–୩**

ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ ଏପ୍ରିଲ ସୁଦ୍ଧା ୧ କୋଟି ଶ୍ରମିକ ପଞ୍ଜୀକରଣ କରିସାରିଥିବେ ବୋଲି କେନ୍ଦ୍ର ସରକାର ଅନୁମାନ କରୁଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ପେନସନ ଦେବାର ବ୍ୟବସ୍ଥା ରହିଛି। ଗତ ମାସରେ ଏହି ଯୋଜନା ଆରମ୍ଭ କରାଯାଇଛି। ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିନେଶ ତ୍ୟାଗୀ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୨୫.୩୬ ଲକ୍ଷ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇସାରିଛି। ଦୈନିକ ପ୍ରାୟ ୧ ଲକ୍ଷ ଲୋକ ପଞ୍ଜୀକରଣ କରୁଛନ୍ତି। ସେ କହିଛନ୍ତି ଯେ, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦ୍ୱାରା ପଞ୍ଜୀକରଣ ହାର ଦିନକୁ ଦିନ ବଢ଼ିବ ବୋଲି ଆଶାକରାଯାଉଛି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ଯୋଜନାରେ ୫ କୋଟି ଓ ଆସନ୍ତା ୫ ବର୍ଷରେ ୧୦ କୋଟି ପଞ୍ଜୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି।



# ବେଆଇନ ଅର୍ଥ କାରବାର ଉପରେ ନଜର

**ନୂଆଦିଲ୍ଲୀ,୨୪–୩**



**ସାଧାରଣ ନିର୍ବାଚନ ୨୦୧୯**
■ ସତର୍କ ରହିବାକୁ ଫିଲ୍ଡ ଅଧିକାରୀଙ୍କୁ ସିବିଆଇସିଙ୍କ ନିର୍ଦ୍ଦେଶ
■ ମୋବାଇଲ ସ୍କ୍ୱାଡ୍, ସ୍ୱତନ୍ତ୍ର ଟିମ୍ ଗଠନ

ଦେଶରେ ସାଧାରଣ ନିର୍ବାଚନ ଏପ୍ରିଲ ୧୧ରୁ ଆରମ୍ଭ ହେଉଛି। ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାର, ମଦ ଏବଂ ସୁନା ବ୍ୟବହାର ଉପରେ ରୋକ ଲଗାଇବା ଲାଗି ପଦକ୍ଷେପ ନିଆଯାଇଛି। ପରୋକ୍ଷ ଟିକସର ସର୍ବୋଚ୍ଚ ସଂସ୍ଥା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଏହାର ଫିଲ୍ଡ ଅଧିକାରୀଙ୍କୁ ଏଭଳି ପ୍ରସଙ୍ଗ ଉପରେ ନଜର ରଖିବାକୁ କହିଛି। ବିଭିନ୍ନ ଗୋଇନ୍ଦା ତଥ୍ୟ ଏବଂ ଜବତ ହୋଇଥିବା ସାମଗ୍ରୀ କିମ୍ବା ଅର୍ଥର ତଥ୍ୟ ଠିକ୍ ସମୟରେ ଅନ୍ୟ ସରକାରୀ ଏଜେନ୍ସିଗୁଡ଼ିକୁ ପ୍ରଦାନ କରିବା ଉପରେ ସିବିଆଇସି ଗୁରୁତ୍ୱାରୋପ କରିଛି। ଏଭଳି କାର୍ଯ୍ୟ ଦ୍ୱାରା ତୁରନ୍ତ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସିବିଆଇସି ପଦକ୍ଷେପ ନେଉଥିବା କହିଛି। ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ଏହା ମେ ମାସ ୧୯ ଯାଏ ଚାଲିବ। ସେହିଭଳି ମେ ୨୩ରୁ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହେବ।

ସିବିଆଇସି ଏହି ନିର୍ଦ୍ଦେଶ ଜାରି କରିବା ପୂର୍ବରୁ ନିର୍ବାଚନ କମିଶନ ଚଳିତ ମାସ ବିଭିନ୍ନ ବିଭାଗଗୁଡ଼ିକର ଏକ ବୈଠକ ଡାକିଥିଲେ। ନିର୍ବାଚନ ସମୟରେ ହେଉଥିବା ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଏହାକୁ ରୋକିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହା ମଧ୍ୟରେ ବେଆଇନ ଟଙ୍କା ଚାଲାଣକୁ ଠାବ କରିବା, ଜବତ କରିବା, ମଦ, ସୁନା, ଜାଲ ନୋଟ ଭଳି ଅନ୍ୟ ବେଆଇନ ସାମଗ୍ରୀ ବ୍ୟବହାର ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଲୋଚନା ହୋଇଥିଲା। ଦେଶ ମଧ୍ୟରେ ତଥା ସୀମାନ୍ତ ଅଞ୍ଚଳରେ ଯାନ, ଟ୍ରେନ, ବ୍ୟକ୍ତିଗତ ଚାର୍ଟର୍ଡ ଫ୍ଲାଇଟ ଏବଂ କମର୍ସିଆଲ ଫ୍ଲାଇଟଗୁଡ଼ିକ ଉପରେ ମଧ୍ୟ ନଜର ରଖିବାକୁ କୁହାଯାଇଛି। ଏ ନେଇ ଏକ ଭିଜିଲାନ୍ସ ମେକାନିଜମ ଗଠନ ନେଇ ପରାମର୍ଶ ରହିଛି। ସେହିଭଳି ମୋବାଇଲ ସ୍କ୍ୱାର୍ଡ ଏବଂ ସ୍ୱତନ୍ତ୍ର ଟିମ ଗଠନ ଦ୍ୱାରା କାର୍ଯ୍ୟକ୍ରମକୁ ରୂପରେଖ ଦିଆଯିବାକୁ ଯୋଜନା ରହିଛି।

## ସଂକ୍ଷେପରେ



“ମୋତେ କ୍ରିସ୍ ଗେଲ୍‌ଙ୍କ ସହିତ ତୁଳନା କରା ନ ଯାଉ କ୍ରିକେଟରେ ମୁଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହେଁ ।
**-ନିକୋଲାସ ପୁରନ, ୱେଷ୍ଟଇଣ୍ଡିଜ ଖେଳାଳି**



“ଷ୍ଟିଭ୍ ସ୍ମିଥ୍ ଜଣେ କ୍ୱାଲିଟି ଖେଳାଳି ହୋଇପାରନ୍ତି, ମାତ୍ର ତାଙ୍କ ପାଇଁ ସଫଳ ପ୍ରତ୍ୟାବର୍ତ୍ତନ ସହଜ ହୋଇ ନ ପାରେ ।
**-ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ**

## ସ୍ୱତନ୍ତ୍ର କ୍ଲବରେ ସିଏସ୍‌କେ

**ଚେନ୍ନାଇ,୨୪।୩(ପିଟି):** ବିଶ୍ୱର ସମସ୍ତ ଟି୨୦ ଦଳ ଚୂଡ଼ାନ୍ତ ଏକାଦଶରେ ଅଧିକରୁ ଅଧିକ ବିଦେଶୀ ଖେଳାଳିଙ୍କୁ ନେଇ ଖେଳୁଥିବାବେଳେ ଡିଫେଣ୍ଡିଂ ଆଇପିଏଲ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମାତ୍ର ୩ ବିଦେଶୀ ଖେଳାଳିଙ୍କୁ ନେଇ ଖେଳିଛି। ଆଇପିଏଲର ନିୟମ ଅନୁଯାୟୀ ଚୂଡ଼ାନ୍ତ ଏକାଦଶରେ ୪ ଜଣ ବିଦେଶୀଙ୍କୁ ସ୍ଥାନ ମିଳିପାରିବ। ଫାଫ ଡୁପ୍ଲେସି ଓ ଡେଭିଡ ୱିଲିଙ୍କ ଭଳି ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ମହେନ୍ଦ୍ର ସିଂ ଧୋନୀ ୩ ଜଣ ବିଦେଶୀ ଖେଳାଳିଙ୍କ ସହ ଖେଳିବାକୁ ନିଷ୍ପତ୍ତି କରିଥିଲେ। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍ ସାବ୍ୟସ୍ତ ହୋଇଥିଲା। ୩ ବିଦେଶୀ ଖେଳାଳି ସହ ସିଏସ୍‌କେ ଦଳ ବିଜୟ ହାସଲ କରି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଛି। ଲିଗ୍ ଇତିହାସରେ ଏପର୍ଯ୍ୟନ୍ତ ୧୬ ଥର ବିଭିନ୍ନ ଦଳ ୩ ଜଣ ବିଦେଶୀ ଖେଳାଳିଙ୍କୁ ନେଇ ଖେଳିଛନ୍ତି। ହେଲେ ମାତ୍ର ୭ଟି ଦଳ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। ଅନ୍ତିମ ଦଳ ଭାବେ ସିଏସ୍‌କେ ଏହି ସଫଳତା ପାଇଛି। ଏଥିପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ (୨୦୧୦), କୋଲକାତା ନାଇଟ୍ ରାଇଡର୍ସ (୨୦୧୧), ଗୁଜରାଟ ଲାୟନ୍ସ (୨୦୧୭), ଦିଲ୍ଲୀ ଡେୟାରଡେଭିଲ୍ସ (୨୦୧୭), ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (୨୦୧୭) ଓ ଦିଲ୍ଲୀ ଡେୟାରଡେଭଲ୍ସ(୨୦୧୮) ଏହି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଥିଲେ।

## ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ସ୍ଥଗିତ

**କଟକ ଅଫିସ, ୨୪।୩:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଏପ୍ରିଲ ୩ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୧୬ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟକୁ ସ୍ଥଗିତ ରଖାଯାଇଛି । ନିର୍ବାଚନ ସମୟ ଯୋଗୁଁ ଟୁର୍ନାମେଣ୍ଟ ଆୟୋଜନ କରିବାରେ ସମସ୍ୟା ଉପୁଜିବ ବୋଲି ବିଚାର କରି ଓସିଏ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।

## ଟେନିସ ବଲ୍ କ୍ରିକେଟ: ଫେଡେରେଶନ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର,୨୪।୩(ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ଆସନ୍ତା ୨୭ରୁ ୨୯ ତାରିଖ ମଧ୍ୟରେ ୩ ଦିନ ଧରି ୨୯ତମ ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଟେନିସ ବଲ୍ କ୍ରିକେଟ ସଂଘ ପକ୍ଷରୁ ରବିବାର ଏକ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଚକ୍ରଧର ମାଝିଙ୍କୁ କୋଚ୍ ଓ ମ୍ୟାନେଜର ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଓଡ଼ିଶା ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ଶିଥିଲ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଓଡ଼ିଶା ଦଳ ୨୬ ତାରିଖରେ ପ୍ରୟାଗରାଜ ଯାତ୍ରା କରିବ। ଓଡ଼ିଶା ଦଳ: ଶେଖ୍ ଘୋଷ (ଅଧିନାୟକ), ଅନିଲ ପାତ୍ର, ଦୀପ୍ ସୁନା ଖୁରା, ରାକେଶ କୁମାର ମେହେର, ସଞ୍ଜୟ କୁମାର ପାତ୍ର, ସୁନୀଲ କୁମାର ଯାଦବ, ଜିସତିଶ, ଚନ୍ଦନ କୁମାର ରାଉତ, ରୋହିତ କୁମାର ମହନ୍ତ, ଦିବ୍ୟପ୍ରକାଶ ସାହୁ, ବିଶ୍ୱଜିତ୍ ପ୍ରଧାନ, ସିବନ ବେହେରା, ଯୋଗେନ୍ଦ୍ର ଦାସ ଓ ସିଲନ କୁମାର ନାୟକ।

## ଭାରତୀୟ ସଟ୍‌ଲର ବିପଦପୂର୍ଣ୍ଣ ପ୍ରତିପକ୍ଷ

**ନୂଆଦିଲ୍ଲୀ, ୨୪।୩(ପି.ଟି.):** ଦ୍ୱିତୀୟଥର ଲାଗି ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିବା ପ୍ରାକ୍ତନ ବିଶ୍ୱ ଚାମ୍ପିୟନ ଭିକ୍ଟର ଆକ୍ସେଲସେନ ଭାରତୀୟ ସଟ୍‌ଲରଙ୍କ ତାରିଫ୍ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନଙ୍କ ସହ ଖେଳିଲାବେଳେ ମ୍ୟାଚ୍ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଓ ବିପଦପୂର୍ଣ୍ଣ ରହିଥାଏ ବୋଲି ସେ କହିଛନ୍ତି। ‘ଗତ ଅଲ୍‌ଇଂଲଣ୍ଡ ପ୍ରତିଯୋଗିତାରେ ମୁଁ ସମୀରଙ୍କ ବିପକ୍ଷରେ ଖେଳିଥିଲି। ଏହା ଏକ କଷ୍ଟସାଧ ମ୍ୟାଚ୍ ଥିଲା। ଭାରତୀୟ ସଟ୍‌ଲରଙ୍କୁ ସାମ୍ନା କରିବା ସର୍ବଦା ବିପଦପୂର୍ଣ୍ଣ ରହିଥାଏ’ ବୋଲି ଭିକ୍ଟର ଇଣ୍ଡିଆ ଓପନ୍ ପୂର୍ବରୁ ପ୍ରକାଶ କରିଛନ୍ତି। ଡେନମାର୍କ ତାରକା ଆକ୍ସେଲସେନ ଚଳିତ ମାସରେ ଅନୁଷ୍ଠିତ ଅଲ୍‌ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଆଗାମୀ ଇଣ୍ଡିଆ ଓପନ୍‌ରେ ତାଙ୍କୁ ଟାଇଟଲ ଫେଭରାଇଟ୍ ଭାବେ ବିବେଚନା କରାଯାଉଛି। ସେ ଏଠାରେ ୨୦୧୭ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୫ ଓ ୨୦୧୬ରେ ରନର୍ସଅପ୍ ହୋଇଥିଲେ।

# ଭାରତ- କୋରିଆ ମ୍ୟାଚ୍ ଡ୍ର

**ଆଜଲାନ ଶାହ କପ୍ ହକି**

ଇପୋ(ମାଲେସିଆ),୨୪।୩ (ପି.ଟି.)

ଭାରତୀୟ ହକି ଦଳର ପୁରୁଣା ତଥା ଚିରାଚରିତ ସମସ୍ୟାର ପୁନରାବୃତ୍ତି ହୋଇଛି। ଶେଷ ମିନିଟରେ ଗୋଲ ବରଣ କରି ଭାରତ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଜୟ ହାସଲରୁ ବଞ୍ଚିତ ହୋଇଛି। ଏଠାରେ ଚାଲିଥିବା ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟରେ ଭାରତ ରବିବାର ଖେଳାଯାଇଥିବା କୋରିଆ ବିପକ୍ଷ ମ୍ୟାଚ୍‌ରେ ଶେଷ ମିନିଟରେ ଗୋଲ ବରଣ କରି ବିଜୟ ହାତଛଡ଼ା କରିଛି। ଏହି ମ୍ୟାଚ୍ ଶେଷରେ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଶନିବାର ୨-୦ ଗୋଲରେ ଜାପାନକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା।

କୋରିଆ ବିପକ୍ଷରେ ମନଦୀପ ସିଂ ୨୮ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଭାରତୀୟ ଡିଫେନ୍ସରେ କେତୋଟି ତ୍ରୁଟି ଦେଖିବାକୁ ମିଳିଥିଲା। ଭାରତୀୟ ଡିଫନ୍ସ ଦୁର୍ବଳତାର ଫାଇଦା ଉଠାଇ ଜାପାନର ଜୋନଘିୟୁନ ଜାଙ୍ଗ୍ ମ୍ୟାଚ୍ ଶେଷ ହେବାକୁ ଆଉ ମାତ୍ର ୨୨ ସେକେଣ୍ଡ ବାକିଥିବା ବେଳେ ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇଥିଲେ। ଫଳରେ ମ୍ୟାଚ ଶେଷରେ ଡ୍ର ରହିଥିଲା। ଜବରଦସ୍ତ ବର୍ଷା ହେବା କାରଣରୁ ଚତୁର୍ଥ କ୍ୱାର୍ଟରରେ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ସେତେବୋଳକୁ ମ୍ୟାଚ୍ ଆଉ ୮ ମିନିଟ ବାକିଥିଲା। ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମିଡ ଫିଲ୍ଡର ବିବେକ ସାଗର ପ୍ରସାଦ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ କୋରିଆ ଡିଫେଣ୍ଡର ଏହାକୁ ପ୍ରତିହତ କରିଥିଲେ। କୋରିଆ ଖେଳାଳିମାନେ ଭାରତୀୟ ସର୍କଲରେ ପ୍ରବେଶ କରି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଡିଫେଣ୍ଡର ସୁରେନ୍ଦ୍ର କୁମାର ସେମାନଙ୍କୁ ଅଟକାଇଥିଲେ। ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲରେ ଦେବାରେ ସଫଳ ହୋଇ ନ ଥିଲ। ଦଶମ ମିନିଟରେ ଭାରତ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ହୋଇ ପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଦ୍ୱିତୀୟ ପେନାଲ୍ଟି କର୍ନର ପାଇଥିଲା। ତେବେ କୋରିଆ ଗୋଲକିପର ଏହାକୁ ପଣ୍ଡ କରିବାରେ ସମର୍ଥ ହୋଇଥିଲେ। ଗ୍ରୀନ୍ କାର୍ଡ କାରଣରୁ କୋରିଆ ୩ଜଣ ଖେଳାଳିଙ୍କୁ ହରାଇଥିଲା ଓ ଦଳର ଖେଳାଳି ସଂଖ୍ୟା ୮କୁ କମିଥିଲା। ଏହାର ଫାଇଦା ଉଠାଇ ମନଦୀପ ୨୮ତମ ମିନିଟରେ ଭାରତ ପାଇଁ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ କୋରିଆ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ତେବେ ଅମିତ ରୋହିଦାସ ଏହାକୁ ପଣ୍ଡ କରିଥିଲେ। ବର୍ଷା ପରେ କୋରିଆ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। କ୍ରମାଗତ ପେନାଲ୍ଟି କର୍ନର ହାସଲ କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ମ୍ୟାଚ୍ ଆଉ ୫୩ ସେକେଣ୍ଡ ବାକିଥିବା ବେଳେ କୋରିଆ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଭାରତୀୟ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍ ଏହାକୁ ଅଟକାଇଥିଲେ। ରେଫରାଲ ନେବା ପରେ କୋରିଆ ଆଉ ଏକ ପେନାଲ୍ଟି କର୍ନର ହାସଲ କରିଥିଲା ଓ ଏହାକୁ ଜାଙ୍ଗ୍ ଗୋଲରେ ପରିଣତ କରି ମ୍ୟାଚ ଅମୀମାଂସିତ ରଖିଥିଲେ। ଗୋଟିଏ ଦିନର ବିଶ୍ରାମ ପରେ ଭାରତ ତା’ର ତୃତୀୟ ମ୍ୟାଚ୍‌ରେ ମଙ୍ଗଳବାର ଆୟୋଜକ ମାଲେସିଆକୁ ଭେଟିବ।



ଭାରତ ପକ୍ଷରୁ ଏକମାତ୍ର ଗୋଲ କରିଥିବା ମନଦୀପ ସିଂ ।

## ବ୍ରାଜିଲ ବିପକ୍ଷରେ ଡ୍ର’ ରଖିଲା ପାନାମା

ପୋର୍ଟୋ (ପର୍ତ୍ତୁଗାଲ) ୨୪।୩(ଏଏଫ୍‌ପି)

ସ୍ଥାନୀୟ ଡ୍ରାଗାଓ ଷ୍ଟାଡିୟମଠାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୭୬ତମ ସ୍ଥାନରେ ପାନାମା ୫ଥର ବିଶ୍ୱ ଚାମ୍ପିୟନ ବ୍ରାଜିଲ ବିପକ୍ଷରେ ମ୍ୟାଚ୍ ଡ୍ର’ ରଖିବାରେ ସଫଳ ହୋଇଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧରେ ଦୁଇଟିଯାକ ଗୋଲ ଦେଖିବାକୁ ମିଳିଥିଲା। ପ୍ରଥମେ ଏସି ମିଲାନ ତାରକା ଲୁକାସ ପାକ୍ୟୁଏଟ୍‌ଙ୍କ ଗୋଲ ବଳରେ ବ୍ରାଜିଲ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଲୁକାସଙ୍କ ଏହା ପ୍ରଥମ ଅନ୍ତର୍ଜାତୀୟ ଗୋଲ ଥିଲା। ଏହାର ୪ ମିନିଟ୍ ପରେ ପାନାମା ଅଧିନାୟକ ଆଡୋଲଫ୍ ମାଚାଡୋ ଏକ ଗୋଲ କରି ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ପାଦରେ ଆଘାତଜନିତ ସମସ୍ୟାରୁ ସୁସ୍ଥ ହୋଇଥିବା ଷ୍ଟାର୍ ଫରୱାର୍ଡ ନେମାର ଏହି ମ୍ୟାଚ୍‌ରେ ଖେଳୁ ନ ଥିଲେ।

## ଅନିଲଙ୍କ ଶତକ: ଜୁଭେନାଇଲ ଚାମ୍ପିୟନ



ଚାମ୍ପିୟନ ଜୁଭେନାଇଲ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ।

**ରାମେଶ୍ୱର କପ୍ ଜୁନିୟର କ୍ରିକେଟ**

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଅନିଲ ପରିଡ଼ାଙ୍କ ଅପରାଜିତ ଶତକ ସହାୟତାରେ କଟକର ଜୁଭେନାଇଲ କ୍ଲବ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଜୁଭେନାଇଲ ୨ ଉଇକେଟରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ଜୁଭେନାଇଲ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାମେଶ୍ୱର ସ୍ପୋର୍ଟିଂ ପ୍ରକାଶ କୁମାର ବାରିକଙ୍କ ଦ୍ରୁତ ୬୨(୪୯ ବଲ) ଓ ମନଜିତ ମହାନ୍ତିଙ୍କ ୩୫ ରନ ବଳରେ ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୨୨୦ ରନ କରିଥିଲା। ପ୍ରତିପକ୍ଷ ଦଳର ପଙ୍କଜ ସେନାପତି ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ଜୁଭେନାଇଲ ୩୯.୪ ଓଭରରେ ୮ ଉଇକେଟ ହରାଇ ୨୨୨ ରନ କରି ମ୍ୟାଚ ଜିତିଥିଲା। ଦଳ ପକ୍ଷରୁ ଅନିଲ ପରିଡ଼ା ୧୦୮ ବଲ୍‌ରୁ ୧୨୧ ରନରେ ଅପରାଜିତ ରହି ଦଳର ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିଲେ। ଜାଭେଦ ଖାଁ ଦ୍ୱିତୀୟ ସର୍ବାଧିକ ୨୬ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ତୋଫାନ ଗୌଡ଼ା ୨୭ ରନରେ ୪ଟି ଏବଂ ପ୍ରକାଶ ବାରିକା ୪୪ ରନରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅନିଲ ପରିଡ଼ା ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବିନିତ ମହାନ୍ତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ତୋଫାନ ଗୌଡ଼ା ଶ୍ରେଷ୍ଠ ବୋଲର, କୃଷ୍ଣ ଚନ୍ଦ୍ର ବାରିକ ଶ୍ରେଷ୍ଠ ଉଇକେଟ କିପର, ପ୍ରକାଶ କୁମାର ବାରିକ ଶ୍ରେଷ୍ଠ ସିକ୍ସର ପୁରସ୍କାରଲାଭ କରିଥିଲେ।

ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାମେଶ୍ୱର ସ୍ପୋର୍ଟିଂ ସଭାପତି ସୁରେଶ ଚନ୍ଦ୍ର ରାଉତରାୟ, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅରୂପ ପଟ୍ଟନାୟକ, ଓଡ଼ିଶା କ୍ରିକେଟ ଆସୋସିଏଶନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଦ୍ୟୁତ କୁମାର ନାୟକ, ଯୁବ ନେତା ରଞ୍ଜିତ ମହାପାତ୍ର, ରାମେଶ୍ୱର ସ୍ପୋର୍ଟିଂ କ୍ଲବର ପରାମର୍ଶଦାତା ରାଧାନାଥ ମହାପାତ୍ର, ରାଜେନ୍ଦ୍ର ସମର୍ଥା, ପ୍ରମୋଦ ମହପାତ୍ର, ଆୟୋଜକ ଏଚ୍‌ଆଇଏଲର ଓଡ଼ିଶା ମୁଖ୍ୟ ସୂର୍ଯ୍ୟକାନ୍ତ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚଳିତ ସିଜନରେ ରାଜ୍ୟଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରାମେଶ୍ୱର ସ୍ପୋର୍ଟିଂ ଖେଳାଳି ରାଜେଶ ମହାନ୍ତି, ବିଶ୍ୱଜିତ ଭୂୟାଁ, ବିଶ୍ୱଜିତ ମଲିକ, ଆଶୁତୋଷ ସାହୁ ଓ ସାରାଂଶ କୁମାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।



ଜାତୀୟ ସଫ୍ଟ ଟେନିସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

## ଜାତୀୟ ସଫ୍ଟ ଟେନିସ୍: ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚଳିତମାସ ୨୭ରୁ ୩୧ ପର୍ଯ୍ୟନ୍ତ ୧୬ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ରବିବାର ଓଡ଼ିଶା ଦଳ ଉତ୍ତର ପ୍ରଦେଶ ଯାତ୍ରା କରିଛି। ଏହି ଅବସରରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମହମ୍ମଦ ଆଜାମ, କିସ୍‌ର ସହକାରୀ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ(ମହିଳା):** କରିସ୍ମା କିଷାନ(ଅଧିନାୟିକା), ଅନମ ଆଲମାସ, ମୋନାଲିସା ନାୟକ, ଚୂଡ଼ାମଣି ସୋରେନ, ଗୌରୀରାଣୀ ମୁଣ୍ଡା, କୁମାରୀ ହିମିରିକା, ଅମିଷ ମିନିଜ, ଅନୁସୟା ବାରିକ।

**ଓଡ଼ିଶା ଦଳ (ପୁରୁଷ):** ଶିବରାମ ସ୍ୱାଇଁ(ଅଧିନାୟକ), ଦିପ୍ତ ରଞ୍ଜନ ବେହେରା, ରବୀନ୍ଦ୍ର ହାଂସଦା, ଅଜିତ ସାବାର, ଲଚ୍ଛମନ ମୀନାକା, ବଳଦେବ କିସାନୀ, ବିକାଶ କୁମାର ମହାପାତ୍ର, ଲକ୍ଷ୍ମୀଧର ନାୟକ। କୋଚ୍: ମହମ୍ମଦ ଆଜାମ, ମ୍ୟାନେଜର: ଜ୍ୟୋସ୍ନା ରାୟ। ଅମ୍ପାୟର: କୁନାଶ ବିଶ୍ୱାଳ, ମହମ୍ମଦ ଅନସାର ଉଲ୍ ହକ୍।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ ଆରମ୍ଭ

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ(ପୁରୁଷ) ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ୨ଟି ଇଭେଣ୍ଟ(ଟ୍ୟାକ୍‌ଲ ଓ ଫ୍ଲାଗ୍)ରେ ଖେଳାଯିବ। ଫ୍ଲାଗ୍ ଇଭେଣ୍ଟରେ ୧୨ ଓ ଟ୍ୟାକ୍‌ଲ ଇଭେଣ୍ଟରେ ୮ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଟ୍ୟାକ୍‌ଲ ବିଭାଗରେ ଏସଆରଏମ ଓ ଯାଦବପୁର ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛନ୍ତି। ସେହିପରି ଫ୍ଲାଗ୍ ବିଭାଗରେ ମନିପାଲ, ବାଙ୍ଗାଲୋର ସେଣ୍ଟ୍ରାଲ୍, ଯାଦବପୁର ଏବଂ ବି.ଆର. ଆମ୍ବେଡକର ବିଶ୍ୱବିଦ୍ୟାଳୟ ଦଳ ବିଜୟ ହାସଲ କରିଛନ୍ତି।

## ମିରାକ୍‌ଲଙ୍କୁ ଟାଇଟଲ୍

**ସ୍କୁଲ ଓପନ ଚେସ୍**

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ ଓପନ ଚେସ୍‌ରେ ମିରାକ୍‌ଲ ପଣ୍ଡା ଟାଇଟଲ ହାସଲ କରିଛନ୍ତି। ଏଥିରେ ୧୯ ସ୍କୁଲ୍‌ରୁ ମୋଟ ୮୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୬ ଅନ୍ତର୍ଜାତୀୟ ରେଟେଡ ଖେଳାଳି ସାମିଲ ଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ମିରାକ୍‌ଲ ଓ ଶେଖ୍ ଇଜାଜ ଅହମଦ ୬.୫ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୀର୍ତ୍ତି ଅନୁରାଗ, ପ୍ରତ୍ୟୁଷ ନାୟକ, ଆରିନ ଅନ୍ୱେଷ ସ୍ୱାଇଁ, ପ୍ରଭାଂଶୁ ଦାସ, ଡି.ଆଦିତ୍ୟ, ବିକାଶ କୁମାର ଲେଙ୍କା, ଅଭିନନ୍ଦନ ପଣ୍ଡା, ଶୁଭସୁନ୍ଦର ବେହେରା, ଦୀପ୍ତିମୟୀ ସାହୁ, ଶ୍ରୀଶ ରଞ୍ଜନ ସାହୁ, ଅବିନାଶ ଆଚାର୍ଯ୍ୟ, ତ୍ରିଦେବ ତୀର୍ଥଙ୍କର ଓ ଶାଶ୍ୱତ ସାହୁ ଟପ୍-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ୫ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡାଇରେକ୍ଟର ପ୍ରତିମା ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ସଂଯୋଜକ ଭାରତୀ ଦାସ ଓ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ଓ ମାନପତ୍ର ସହ କୃତୀ ଚେସ୍ ପ୍ରତିଯୋଗୀ।

# କାନାରା ବ୍ୟାଙ୍କ ଚାମ୍ପିୟନ

ବନ୍ତ,୨୪।୩(ଡି.ଏନ୍.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଗିଲୋ ହନୁମାନଜୀଉ ମିନି ଷ୍ଟାଡିୟମଠାରେ ଗିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲରେ ସେରସା ଆଦ୍ରାକୁ ହରାଇ କାନାରା ବ୍ୟାଙ୍କ, ବାଙ୍ଗାଲୋର ଚାମ୍ପିୟନ ହୋଇଛି। କାନାରା ବ୍ୟାଙ୍କ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ସେରସା ଆଦ୍ରା ନିର୍ଦ୍ଧାରିତ ୨୦ ଓଭରରେ ରାଜୁ କୁମାର ୩୦ ଓ କେଶବ କୁମାରଙ୍କ ୨୪ ରନ୍ ସହାୟତାରେ ୮ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ରାଜୁ ଭଟ୍ଟକଲ ୪ ଓ କେପି ଅପର୍ଣ୍ଣା ୨ଟି ଉଇକେଟ ଅକ୍ତିଆର କରିଥିଲେ। ୧୩୨ ରନ ବିଜୟ ଲକ୍ଷ୍ୟକୁ ପିଛା କରି କାନାରା ବ୍ୟାଙ୍କ ୯ ଓଭରରେ ଭରତ ଚିପିଲିଙ୍କ ୭୩ ରନ୍ ସହାୟତାରେ ୩ ଉଇକେଟ ହରାଇ ୧୩୨ ରନ୍ କରି ବିଜୟୀ ହୋଇଥିଲା । ପ୍ରତିପକ୍ଷ ବୋଲର ସୌରଭ ରୋନି ଓ ରାମ ପ୍ରସାଦ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟର ଭାବେ ସଞ୍ଜୀବ ବେହେରା, ୟାକତ୍ ଅଲ୍ଲୀ, ବିଜୁ ଶତପଥି, ସ୍କୋରର ଭାବେ ଶମ୍ଭୁନାଥ ମହାନ୍ତି, ପ୍ରଫୁଲ୍ଲ ନାୟକ, ଭାଷ୍ୟକାର ଭାବେ ସୁରେଶ ସାଣ୍ଡିଲ, ନାରାୟଣ ସାହୁ, ସଞ୍ଜୟ କୁମାର ମଜୁମଦାର, ପ୍ରଦ୍ୟୁମ୍ନ ସାହୁ, ସୁଧାଂଶୁ ନାୟକ, ଅପୂର୍ବ ଚାନ୍ଦ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମ ବିଭୁଷଣ ରଘୁନାଥ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ବିକାଶ ଦାଶ, ଘରୋଇ ବିଦ୍ୟାଳୟ ଏବଂ ଶିଶୁ ସଂଗଠନ, ଓଡିଶାର ସାଧାରଣ ସମ୍ପାଦିକା ଚିଦାମ୍ବିକା ଖଟୁଆ, ଓଡିଶା ୱାଟର ସେଭ୍ ମିଶନର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ତଥା କାଇଣ୍ଡ ଇଣ୍ଡିଆ ଫାଉଣ୍ଡେଶନର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଆଇଚ, ଇଣ୍ଡିଆନ ଟ୍ରାଇବାଲ କୁଇନ୍ ବିଜେତା ପଲ୍ଲବୀ ଦୋରୁଆ, ସାମାଜିକ କର୍ମୀ ବୁବୁ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ମନ୍ମଥ ରାଉଳ, ଲିଙ୍ଗରାଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ ନାୟକ, ସେକ୍ ଜଲାଲଉଦ୍ଦିନ, ସମ୍ପାଦକ ଅସିତ୍ କର, ସଭାପତି ଲକି ମାଷ୍ଟର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଚାମ୍ପିୟନ ଦଳକୁ ସାଗରବାଳା ରାଉଳ ସ୍ମାରକୀ ଟ୍ରଫି ଓ ରନର୍ସଅପ୍ ଦଳକୁ ପ୍ରଭାସିନୀ ସାହୁ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରାଜୁ ଭଟ୍ଟକଲକୁ ପ୍ରଫୁଲ୍ଲ ଦାସ ସ୍ମାରକୀ ପ୍ଲେୟର ଅଫ ଦି ଇୟର, ପ୍ରଦୀପ ନାୟକଙ୍କ ସ୍ମୃତିରେ ସୁମିତ୍ କୁମାରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ଓ ଇମର୍ଜିଂ ପ୍ଲେୟର ପୁରସ୍କାର, ନିଶାକର ବେହୁରାଙ୍କୁ ଶ୍ରେଷ୍ଠ ବୋଲର, ଭୋଳାନାଥ ବେହେରାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।



ଚାମ୍ପିୟନ କାନାରା ବ୍ୟାଙ୍କ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ପ୍ରଦୀପ ମେମୋରିଆଲ କ୍ରିକେଟ**

ଧରିତ୍ରୀ
DHARITRI
ସୋମବାର, ୨୫ ମାର୍ଚ୍ଚ, ୨୦୧୯



"ମ୍ୟାଚରେ ଅଧିକ ରନ ସ୍କୋର ହେଲେ ସେତେବେଳେ ପିଚ୍ ବିରୋଧରେ କେହି ପ୍ରଶ୍ନ ଉଠାଇ ନ ଥାନ୍ତି।
–ହରଭଜନ ସିଂ, ଭେଟେରାନ ସ୍ପିନର



"ବିଶ୍ୱ ର୍ୟାଙ୍କିଙ୍ଗ ଦୃଷ୍ଟିକୋଣରୁ ବିଚାର କଲେ ପୁରୁଷ ଦଳ ତୁଳନାରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଉନ୍ନତ।
–ସୁନୀଲ ଛେତ୍ରୀ,ଭାରତୀୟ ଫୁଟ୍‌ବଲ ଅଧିନାୟକ



## ସଂକ୍ଷେପରେ

### ସନରାଇଜର୍ସ ହାଇଦ୍ରାବାଦର ନେତୃତ୍ୱ ନେଲେ ଭୁବନେଶ୍ୱର

**କୋଲକାତା,୨୪।୩(ପିଟି):** ସନରାଇଜର୍ସ ହାଇଦ୍ରାବାଦ ଦଳର ନିୟମିତ ଅଧିନାୟକ କେନ ୱିଲିୟମସନ ଏହି ମ୍ୟାଚ୍‌ରେ କୌଣସି କାରଣରୁ ଖେଳି ପାରି ନାହାନ୍ତି। ଏଣୁ ଭାରତୀୟ ପେସର ଭୁବନେଶ୍ୱର କୁମାରଙ୍କୁ ସନରାଇଜର୍ସ ହାଇଦ୍ରାବାଦ ଦଳର ନେତୃତ୍ୱ ଦିଆଯାଇଛି। ପ୍ରଥମ ଥର ପାଇଁ ଉତ୍ତର ପ୍ରଦେଶ ବୋଲରଙ୍କୁ କୌଣସି ଦଳର ନେତୃତ୍ୱ ନେବାର ସୁଯୋଗ ମିଳିଛି। ଏଠାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ ସନରାଇଜର୍ସ ଦଳ ପାଇଁ ଭୁବନେଶ୍ୱର ଗୁରୁଦାୟିତ୍ୱ ତୁଲାଇଛନ୍ତି। ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଏକ ବର୍ଷ ବାସନ୍ଦ ରହିବା ପରେ ପ୍ରଥମ ଥର ପାଇଁ ଆଇପିଏଲ ମ୍ୟାଚ୍ ଖେଳିଛନ୍ତି।

### ଓମାନ ଓପନ ଟେବୁଲ୍ ଟେନିସ୍
### ସାଥିୟାଁଙ୍କୁ ବ୍ରୋଞ୍ଜ୍, ଅର୍ଚ୍ଚନାଙ୍କୁ ରୌପ୍ୟ

**ମସ୍କଟ, ୨୪।୩ (ପି.ଟି.):** ଆଇଟିଟିଏଫ୍ ଚ୍ୟାଲେଞ୍ଜ ପ୍ଲସ ଓମାନ ଓପନ୍ ପ୍ରତିଯୋଗିତାରେ ଭାରତୀୟ ଟେବୁଲ ଟେନିସ୍ ଖେଳାଳି ଜି. ସାଥିୟାଁ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ ହାରିଯାଇଛନ୍ତି। ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ୨୧ ବର୍ଷରୁ କମ୍ ବୟସ ବର୍ଗରେ ମହିଳା ସିଙ୍ଗଲ୍ସ ଫାଇନାଲରେ ପରାସ୍ତ ହୋଇ ଅର୍ଚ୍ଚନା କାମାଥ୍ ରୌପ୍ୟ ପଦକ ଲାଭ କରିଛନ୍ତି। ଚତୁର୍ଥ ସିଡ୍ ସାଥିୟାଁ ତାଙ୍କ ସେମିଫାଇନାଲ ମ୍ୟାଚରେ ମାଟିଆସ୍ ଫ୍ଲାକ୍‌ଙ୍କୁ କଡ଼ା ଟକ୍କର ଦେଇଥିଲେ। ମାତ୍ର ସେ ଟପ୍ ସିଡ୍ ତଥା ସ୍ୱିଡେନର ଏହି ଖେଳାଳିଙ୍କଠାରୁ ୮-୧୧, ୧୧-୭, ୯-୧୧, ୧୧-୯, ୯-୧୧, ୧୧-୯, ୧୦-୧୨ରେ ହାରିଯାଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଜଣେ ଭାରତୀୟ ଅଚନ୍ତା ଶରଥ କମଲ ପ୍ରି-କ୍ୱାର୍ଟରୁ ବିଦା ନେଇଥିଲେ। କ୍ରୋଏସିଆର ପୁକାର ତାମିସ୍ଲୋଭଙ୍କଠାରୁ ସେ ୧-୪ରେ ପରାଜିତ ହୋଇଥିଲେ। ମହିଳା ସିଙ୍ଗଲ୍ସରେ ଭାରତୀୟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ମଧୁରିକା ପାଟକର ଓ ରୀତି ଶଙ୍କର ମୁଖ୍ୟ ଡ୍ର'ର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। ପୁରୁଷ ଡବଲ୍ସରେ ସାଥିୟାଁ ଓ ଶରଥ ରୁଷୀୟ ଯୋଡ଼ି ଡେନିସ୍ ଇଭୋନିନ୍ ଓ ଭ୍ଲାଡିମିର ସିଦୋରେଙ୍କୋଙ୍କଠାରୁ ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚରେ ହାରିଯାଇଥିଲେ। ଅର୍ଚ୍ଚନା ଓ ସାଥିୟାଁ ମିକ୍ସଡ ଡବଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବାବେଳେ ଅନ୍ୟତମ ଯୋଡ଼ି ମଧୁରିକା ପାଟକର ଓ ହର୍‌ମିତ୍ ଦେଶାଇ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ୨୧ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ବିଭାଗରେ ଭଲ ପ୍ରଦର୍ଶନ କରି ଆସୁଥିବା ଅର୍ଚ୍ଚନା କାମାଥ ଫାଇନାଲରେ ହାରିଯାଇଥିଲେ। ଟପ୍ ସିଡ୍ ତଥା ଜାପାନର ସାତ୍‌ସୁକି ଓଡୋଙ୍କଠାରୁ ୭-୧୧, ୮-୧୧, ୬-୧୧ ପରାସ୍ତ ହୋଇଯାଇଥିଲେ।

### ଫ୍ରେଣ୍ଡ୍ସ ପାରାଡାଇଜ୍ ବିଜୟୀ

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି):** ପୋଖରିପୁଟ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ ୨-୦ ଗୋଲରେ କଟକର ୟଙ୍ଗ ଉତ୍କଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରଶାନ୍ତ ନାୟକ ଓ ବିକାଶ ନାୟକ ଗୋଲ ସ୍କୋର କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ସୁଦୀପ ଦାସ, ରାଜୁ ବାରିକ। ସୋମବାର ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ୍ ଓ ଆରବିଆଇ, ଭୁବନେଶ୍ୱର ମଧରେ ମ୍ୟାଚ ଅନୁଷ୍ଠିତ ହେବ।

### ମିଆମି ଓପନ: ଓହରିଲେ ସେରେନା, ହାରିଲେ ଓସାକା

**ମିଆମି,୨୪।୩:** ଆଣ୍ଠୁଜନିତ ସମସ୍ୟା ଯୋଗୁ ସେରେନା ୱିଲିୟମ୍ସ ଏଠାରେ ଚାଲିଥିବା ମିଆମି ଓପନ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ବର୍ଗର ଶୀର୍ଷ ର୍ୟାଙ୍କ ନାଓମି ଓସାକା ପରାଜୟ ସହ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ୪-୬, ୭-୬(୪), ୬-୩ ସେଟ୍‌ରେ ସୁ ୱେଇଙ୍କଠାରୁ ପରାସ୍ତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ରୋଜର ଫେଡରର ୪-୬, ୭-୫, ୬-୩ ସେଟ୍‌ରେ ରାଡୁ ଆଲବଟଙ୍କୁ ହରାଇ ଦେଇଛନ୍ତି। ସେହିଭଳି ଡେଭିଡ ଫେରରର ୨-୬, ୭-୫, ୬-୩ ସେଟରେ ୨ୟ ସିଡ୍ ଆଲେକଜାଣ୍ଡର ଜେଭରେଭଙ୍କୁ ପରାସ୍ତ କରିଛନ୍ତି।


# ରସେଲ, ରାଣା କୋଲ୍‌କାତାକୁ ଜିତାଇଲେ

କୋଲ୍‌କାତା,୨୪।୩(ପି.ଟି.)

ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର୍) ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଏକ ଚମତ୍କାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓପ୍‌ନର ନୀତୀଶ ରାଣା ଓ ଆଣ୍ଡ୍ରେ ରସେଲଙ୍କ ଧୂଆଁଧାର ବ୍ୟାଟିଂ ବଳରେ କେକେଆର ରବିବାର ସ୍ଥାନୀୟ ଇଡେନ୍ ଗାର୍ଡେନ ଗ୍ରାଉଣ୍ଡରେ ଅନୁଷ୍ଠିତ ଆଇପିଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୨ଟି ବଲ୍ ବାକି ରଖି ୬ ଉଇକେଟରେ ଡେଭିଡ ୱାର୍ନରଙ୍କ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଅନ୍ତିମ ୩ ଓଭରରେ ବିଜୟ ପାଇଁ ୫୩ ରନ୍ ଆବଶ୍ୟକ ଥିଲେ ମଧ କୋଲକାତା ଘରୋଇ ପରିବେଶର ଫାଇଦା ଉଠାଇ ନାଟକୀୟ ଢଙ୍ଗରେ ବିଜୟ ହାସଲ କରିଛି। ଶେଷ ଓଭରରେ ସ୍ପିନର ସାକିବ ଅଲ ହାସନଙ୍କୁ ଦୁଇଟି ଛକା ମାରି ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ କୋଲକାତାକୁ ଜିତାଇଥିଲେ। ଟସ୍ ଜିତି କୋଲକାତା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ଦୀର୍ଘଦିନ ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ଓପନର ଡେଭିଡ ୱାର୍ନରଙ୍କ ଧୂଆଁଧାର ପ୍ରଦର୍ଶନ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୯.୪ ଓଭରରେ ୪ ଉଇକେଟ ହରାଇ ୧୮୩ ରନ୍ କରି ବିଜୟୀ ହୋଇଛି। ଦ୍ରୁତ ଅପରାଜିତ ୪୯ ରନ୍ କରିବା ସହ ୨ ଉଇକେଟ ଅକ୍ତିଆର କରି ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ରସେଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୨ ରନ୍‌ର ଚ୍ୟାଲେଞ୍ଜିଂ ଟାର୍ଗେଟ୍‌ର ପିଛାକରି କୋଲକାତା ଆରମ୍ଭରୁ ଓପ୍‌ନର କ୍ରିସ୍ ଲିନ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିନ୍ ୭ ରନ୍ କରି ସାକିବଙ୍କ ବଲ୍‌ରେ ରସିଦ୍ ଖାଁଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ରବିନ ଉଥାପ୍ପା ୨୭ ବଲରୁ ୩ ଚୌକା ଓ ୧ ଛକା ସହ ୩୫ ରନ୍ କରି ସିଦ୍ଧାର୍ଥ କାଉଲଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଅଧିନାୟକ ଦୀନେଶ କାର୍ତ୍ତିକ ୨ ରନ୍ କରି ସନ୍ଦୀପ ଶର୍ମାଙ୍କ ବଲ୍‌ରେ ଭୁବନେଶ୍ୱର କୁମାରଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ତେବେ ନୀତୀଶ ରାଣା ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ଦ୍ରୁତ ୬୮ ରନ୍ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ ଓ ରସିଦଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ଉଥାପ୍ପା ଓ ରାଣା ୮୦ ରନ୍ ସଂଗ୍ରହ କରିଥିଲେ। ପଞ୍ଚମ ଉଇକେଟ ଯୋଡ଼ିରେ ରସେଲ ଓ ଶୁବମନ ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ଦ୍ରୁତ ତଥା ଅପରାଜିତ ୬୫ ରନ୍ କରି ଦଳକୁ ଜିତାଇଥିଲେ। ୧୯ଟି ବଲ୍ ଖେଳି ୪ ଚୌକା ଓ ୪ ଛକା ସହ ଅପରାଜିତ ୪୯ ରନ୍ କରି ରସେଲ କୋଲକାତାକୁ ବିଜୟ ପ୍ରଦାନ କରିଥିଲେ। ସେହିପରି ଶୁବମନ ୧୦ଟି ବଲ୍ ଖେଳି ୨ ଛକା ସହ ୧୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ସାକିବ, ସନ୍ଦୀପ, କାଉଲ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏଥି ସହିତ କୋଲକାତା ଆଇପିଏଲ୍‌ରେ କ୍ରମାଗତ ସପ୍ତମଥର ପାଇଁ ତା'ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ତରଫରୁ ୱାର୍ନର ସର୍ବାଧିକ ୮୫ (୫୩ ବଲ୍, ୯ ଚୌକା, ୩ ଛକା) ରନ୍ କରି ରସେଲଙ୍କ ବଲ୍‌ରେ ଉଥାପ୍ପାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପରାଜୟ କାରଣରୁ ୱାର୍ନରଙ୍କ ଏହି ଦମ୍‌ଦାର ଇନିଂସ୍ ଫିକା ପଡିଯାଇଥିଲା। ସେହିପରି ଜନି ବେୟାରଷ୍ଟୋ ୩୯ ରନ୍ କରି ପୀୟୁଷ ଚାୱଲାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୟୁସୁଫ୍ ପଠାନ ୧ ରନ୍ କରି ରସେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବିଜୟ ଶଙ୍କର ୪୦ (୨୪ ବଲ, ୨ ଚୌକା, ୨ ଛକା) ଓ ମନୀଷ ପାଣ୍ଡେ ୮ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ରସେଲ ୨, ଚାୱଲା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



୪୯ରନ୍‌ର ଅପରାଜିତ ଇନିଂସ ଅବସରରେ ଆନ୍ଦ୍ରେ ରସେଲ ।

**ସଂକ୍ଷିପ୍ତ ସ୍କୋର**

- ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୧/୩ (ୱାର୍ନର- ୮୫, ଶଙ୍କର- ୪୦*, ବେୟାରଷ୍ଟୋ- ୩୯, ରସେଲ- ୨/୩୨, ଚାୱଲା- ୧/୨୩)।
- କୋଲ୍‌କାତା ନାଇଟ ରାଇଡର୍ସ ୧୯.୪ ଓଭରରେ ୧୮୩/୪ (ରାଣା- ୬୮, ରସେଲ- ୪୯*, ଉଥାପ୍ପା- ୩୫, ଶୁବମନ- ୧୮*, ସାକିବ- ୧/୪୨, ସନ୍ଦୀପ- ୧/୪୨, କାଉଲ- ୧/୩୫, ରସିଦ- ୧/୨୬)।

# ପଞ୍ଜାବ ବିପକ୍ଷରୁ ରାଜସ୍ଥାନର ଅଭିଯାନ

ଜୟପୁର, ୨୪।୩(ପି.ଟି.)

କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ଖେଳି ରାଜସ୍ଥାନ ରୟାଲ୍ସ ଦଳ ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଏହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜୟପୁରଠାରେ ସୋମବାର ଖେଳାଯିବ। ରାଜସ୍ଥାନ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଷ୍ଟ୍ରେଲିଆର ପ୍ରାକ୍ତନ ଅଧିନାୟକ ଷ୍ଟିଭ ସ୍ମିଥ୍‌ଙ୍କ ଉପରେ ଏହି ମ୍ୟାଚ୍‌ରେ ସମସ୍ତଙ୍କ ନଜର ରହିବ। ଗତବର୍ଷ ଠିକ୍ ଏହି ସମୟରେ କେପ୍‌ଟାଉନ ଟେଷ୍ଟରେ ହୋଇଥିବା ବହୁଚର୍ଚ୍ଚିତ ବଲ୍ ଟ୍ୟାମ୍ପରିଂ ମାମଲାରେ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କୁ ଏକବର୍ଷ ଲେଖାଏ ବାସନ୍ଦ କରାଯାଇଥିଲା। ଏହି ବ୍ୟାନ ଷ୍ଟେଟ୍ ଓ ଅନ୍ତର୍ଜାତୀୟ କ୍ରିକେଟ କାର୍ଯ୍ୟସୂଚୀ ପାଇଁ ଲାଗୁ କରାଯାଇଥିଲା। ସ୍ମିଥ୍ ଶେଷଥର ପାଇଁ ଗତବର୍ଷ ଶେଷ ଭାଗରେ ଅନୁଷ୍ଠିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ)ରେ ଅଂଶଗ୍ରହଣ କରିଥିଲେ। କିନ୍ତୁ କହୁଣିଜନିତ ସମସ୍ୟା ଲାଗି ସେ ପୂରା ଟୁର୍ନାମେଣ୍ଟ ଖେଳି ପାରି ନ ଥିଲେ। ମେ ୩୦ରୁ ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ହେବାକୁ ଥିବାରୁ ଆଇପିଏଲ୍‌ରେ ସ୍ମିଥ୍‌ଙ୍କ ପ୍ରଦର୍ଶନ ଉପରେ ଏବେ କ୍ରିକେଟପ୍ରେମୀଙ୍କ ନଜର ରହିଛି।

ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱରେ ରାଜସ୍ଥାନ ରୟାଲ୍ସ ଚଳିତ ସିଜନରେ ଆଇପିଏଲ୍‌ରେ ବେଶ୍ ଶକ୍ତିଶାଳୀ ମନେ ହେଉଛି। ରାହାନେ ଓ ସ୍ମିଥ୍‌ଙ୍କ ସମେତ ତାରକା ଇଂଲଣ୍ଡ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଓ ଜୋସ୍ ବଟଲରଙ୍କୁ ନେଇ ରାଜସ୍ଥାନ ବ୍ୟାଟିଂ ଲାଇନଅପ୍ ସନ୍ତୁଳିତ ରହିଛି। ସେହିଭଳି ବୋଲିଂରେ ଜୟଦେବ ଉନାଡକଟ, ବରୁଣ ଆରୋନ, ଧାୱଲ କୁଲକର୍ଣ୍ଣୀ, ଜୋଫ୍ରା ଆର୍ଚର, ଇଶ୍ ସୋଧୀ ଘରୋଇ ପରିବେଶରୁ ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ ଗେଲ ଓ ଲୋକେଶ ରାହୁଲଙ୍କୁ ନେଇ ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱାଧୀନ ପଞ୍ଜାବ ଦଳର ବ୍ୟାଟିଂ ଲାଇନ୍‌ଅପ ମଜଭୁତ ରହିଛି। ଅଲ୍‌ରାଉଣ୍ଡର ଟମ୍ କୁରାନ ମଧ ପଞ୍ଜାବ ପାଇଁ ଏହି ମ୍ୟାଚ୍‌ରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ମହମ୍ମଦ ସାମି, ଆଣ୍ଡ୍ରିଉ ଟାଇ, ମୁଜିବ ଉର୍ ରେହମାନଙ୍କ ସମେତ ଅଧିନାୟକ ଅଶ୍ୱିନଙ୍କ କାନ୍ଧରେ ପଞ୍ଜାବ ବୋଲିଂ ଭାର ରହିବ।

**ଆଜିର ମ୍ୟାଚ**

ରାଜସ୍ଥାନ ରୟାଲ୍ସ ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ
ସ୍ଥାନ: ଜୟପୁର, ସମୟ: ରାତି ୮ଟା।
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆରସିବି ଏକମାତ୍ର ଦଳ

ବାଙ୍ଗାଲୋର,୨୪।୩

ଚେପକଠାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳ ୭୦ ରନ୍‌ରେ ଅଲଆଉଟ୍ ହୋଇ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ଏହି ଦଳ ଆଇପିଏଲ ଇତିହାସର ପ୍ରଥମ ଦଳ ଭାବେ ୩ ଥର ୧୦୦ରୁ କମ୍ ରନ୍‌ରେ ଅଲଆଉଟ୍ ହୋଇଛି। ଏଥିପୂର୍ବରୁ ଦଳ ୨୦୦୮ ଉଦ୍‌ଘାଟନୀ ମ୍ୟାଚ୍‌ରେ ୮୨ ରନ୍‌ରେ ଅଲଆଉଟ୍ ହୋଇଥିଲା। ଏହାପରେ ୨୦୧୭ରେ ଦଳ ମାତ୍ର ୪୯ ରନ୍‌ରେ ସୀମିତ ରହିଥିଲା, ଯାହାକି ଆଇପିଏଲ ଇତିହାସର ନିମ୍ନତମ ଦଳଗତ ସ୍କୋର। ଏହା ବ୍ୟତୀତ ଦଳ ଏ ପର୍ଯ୍ୟନ୍ତ ୧୨ ସିଜନରେ ୩ ଥର ଉଦ୍‌ଘାଟନୀ ମ୍ୟାଚ୍ ଖେଳିଛି। କିନ୍ତୁ ସବୁଥର ଆରସିବିକୁ ପରାଜୟ ସମ୍ମୁଖୀନ ହେବାକୁ ପଡ଼ିଛି।



ତୁର୍କୀ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ପାଇଁ ୪ ଖେଳାଳି ।

## ତୁର୍କୀ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)**

ତୁର୍କୀର ଆଣ୍ଟାଲିୟାସ୍ଥିତ ଲିମ୍‌କା ଲିମ୍‌ରା ସ୍ପୋର୍ଟ୍ସ ହଲ୍‌ରେ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ୫ମ ତୁର୍କୀ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ (ଇନିସ୍ କପ୍) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୨୯୧ ପ୍ରତିଯୋଗୀ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତରୁ ଭାଗ ନେବାକୁ ଯାଉଥିବା ୧୮ ଜଣିଆ ଦଳରେ ଓଡ଼ିଶାର ୪ ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରମୋଦ ଭଗତ, ନୁରୁଲ ହୁସେନ ଖାଁ, ଦିଲେଶ୍ୱର ରାଓ ଏବଂ ଦୀପ ରଞ୍ଜନ ବିଷୋଇ। ଚଳିତ ବର୍ଷ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। କାରଣ ୨୦୧୯ରେ ହେବାକୁ ଯାଉଥିବା ୧୨ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ଅତିକମ୍‌ରେ ୭ଟିରେ ଚାମ୍ପିୟନ ହେଲେ ଯାଇ ଟୋକିଓ ପାରା ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ସୁଯୋଗ ମିଳିବ ବୋଲି ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ମନୋରଞ୍ଜନ ଦାସ ପ୍ରକାଶ କରିଛନ୍ତି।

## ୱାର୍ନରଙ୍କ ନାମରେ ସର୍ବାଧିକ ଆଇପିଏଲ ଅର୍ଦ୍ଧଶତକ

କୋଲକାତା,୨୪।୩(ପିଟି)

ଏକ ବର୍ଷ ବାସନ୍ଦ ପରେ ଫେରିଥିବା ଅଷ୍ଟ୍ରେଲିଆନ ଓପନର ଡେଭିଡ ୱାର୍ନର ଏଠାରେ ଖେଳାଯାଇଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ ୮୫ ରନ୍‌ର ଇନିଂସ ଖେଳିଛନ୍ତି। ଏହା ତାଙ୍କ କ୍ୟାରିୟରର ୪୦ତମ ଆଇପିଏଲ ଅର୍ଦ୍ଧଶତକ। ଯେ କୌଣସି ବ୍ୟାଟ୍ସମ୍ୟାନଙ୍କ ଲାଗି ଏହା ସର୍ବାଧିକ ସଂଖ୍ୟକ ଅର୍ଦ୍ଧଶତକ। ଏହି ଧାରାରେ ଭାରତୀୟ ଅଧିନାୟକ ବିରାଟ କୋହଲି, ପୂର୍ବତନ ଓପନର ଗୌତମ ଗମ୍ଭୀର, ସୁରେଶ ରାଇନା, ରୋହିତ ଶର୍ମା ଓ ଶିଖର ଧାୱନ ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନଙ୍କ ପଛରେ ରହିଛନ୍ତି। କୋହଲି ୩୮ଟି ଅର୍ଦ୍ଧଶତକ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଗମ୍ଭୀର ଓ ରାଇନା ୩୬ ଅର୍ଦ୍ଧଶତକ ସହ ମିଳିତ ୩ୟ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ରୋହିତ ଶର୍ମା (୩୫) ଓ ଶିଖର ଧାୱନ (୩୨) ରହିଛନ୍ତି।

# ତାମିଲନାଡୁକୁ ହରାଇଲା ଓଡ଼ିଶା

କଟକ ଅଫିସ,୨୪।୩

ସୁରଟର ସି.କେ. ପିଠୱାଲା ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଲିଗ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ୭୪ରନରେ ତାମିଲନାଡୁକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ଦ୍ୱିତୀୟ ବିଜୟ । ଏଲିଟ ଗ୍ରୁପ– ଏ ଓ ବିରେ ସ୍ଥାନ ପାଇଥିବା ଓଡ଼ିଶା ୪ଟି ମ୍ୟାଚରୁ ୨ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ଟେବୁଲର ୧୦ମ ସ୍ଥାନରେ ରହିଛି । ୨୬ରେ କର୍ଣ୍ଣାଟକ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ । ରବିବାର ମ୍ୟାଚ୍‌ରେ ଭ୍ରମଣକାରୀ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ରଶ୍ମିତା ଚିନ୍ନାରା ଓ ଅଞ୍ଜଳି ସିଂ ଓପନିଂ ଉଇକେଟ ଭାଗୀଦାରିରେ ୫୯ରନ ସଂଗ୍ରହ କରିଥିଲେ। ରଶ୍ମିତା ୧୯ରନରେ ଓ ଅଞ୍ଜଳି ୩୫ରନରେ ଆଉଟ ହେବା ପରେ ପୁନମ ନାୟକ ଅପରାଜିତ ୫୮ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୪୮ରନ ବଳରେ ଓଡ଼ିଶା ୪ ଉଇକେଟ ବିନିମୟରେ ୨୦୦ରନ କରିଥିଲା। ରାଣୀ ଟୁଡୁ ୧୬ରନରେ ଆଉଟ ହୋଇଥିଲେ । ତାମିଲନାଡୁ ପକ୍ଷରୁ ଯୋଗ୍ୟା କୌଶୁରୀଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ତାମିଲନାଡୁ ୧୨୬ରନରେ ଅଲଆଉଟ ହୋଇଥିଲା। ଏସ. ଅନୁଷା ସଂଘର୍ଷପୂର୍ଣ୍ଣ ୭୧ରନର ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଲୁଇସା ଦାସ ୪ଟି ଓ ଇନ୍ଦ୍ରାଣୀ ଛତ୍ରିଆ ୩ଟି ଉଇକେଟ ଅକ୍ତିଆର କରିବା ସହ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।



ଲୁଇସା ଦାସ ଓ ପୁନମ ନାୟକ ।

**୨୩ବର୍ଷରୁ କମ୍ ମହିଳା କ୍ରିକେଟ**

# ଦଳଗତ କାଟାରେ ଅନୁଗୋଳ, ଭୁବନେଶ୍ୱରକୁ ସ୍ୱର୍ଣ୍ଣ

**ରାଜ୍ୟ ଜୁନିୟର କରାଟେ ଉଦ୍‌ଯାପିତ**

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁନିୟର, କ୍ୟାଡେଟ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବାଳକ ଟିମ୍ କାଟାରେ ଅନୁଗୋଳକୁ ସ୍ୱର୍ଣ୍ଣ, ଖୋର୍ଦ୍ଧାକୁ ରୌପ୍ୟ ଏବଂ ଗଞ୍ଜାମ ଓ ବାଲେଶ୍ୱରକୁ ବ୍ରୋଞ୍ଜ ପଦକ ମିଳିଛି। ସେହିପରି ବାଳିକା ଟିମ୍ କାଟାରେ ଭୁବନେଶ୍ୱର ସ୍ୱର୍ଣ୍ଣ, ଖୋର୍ଦ୍ଧା 'ଏ' ରୌପ୍ୟ ଓ ଖୋର୍ଦ୍ଧା 'ବି' ବ୍ରୋଞ୍ଜ ପଦକ ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ରୁଚି ଫୁଡ୍‌ଲାଇନ୍‌ର ଡାଇରେକ୍ଟର ରଶ୍ମୀ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧରେ ସଞ୍ଜୟ ଦାସ, ପ୍ରଦୀପ କୁମାର ସରକାର, ଏସ.ଆର. ସାସମଲ, ରବି ଖୁଣ୍ଟିଆ, ସେନସେଇ ଜୟଦେବ ପଟ୍ଟନାୟକ, ସେନ୍‌ସେଇ ଖାରବେଳ ମଲିକ, ଗୌରୀ ମହାନ୍ତି, ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବିନାଶ ପୁହିର, ମୀର ଅଜମତ ଅଲୀ, ଦିଲୀପ କୁମାର ଜେନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ସୁସ୍ମିନି ପାଲଟାସିଂ, ରାଜେଶ ଦାସ, ସିନ୍ଧୁ ତନୟା ଖୁଣ୍ଟିଆ, ବାସୁଦେବ, ସନ୍ଦୀପ ଦାସ, ଦେବୀଦତ୍ତ ବେଜ୍, ରାଜୀବ ସିଂ, ମହେଶ ବରାଳ, ଦୀପକ ସାମନ୍ତରା, ସନ୍ଦିପ ମହାନ୍ତି, ସୌମ୍ୟରଞ୍ଜନ ଦାସ, ସୁରେଶ ଜାଲ, ଗୋପାଳ ଦିପ୍, ଦେବବ୍ରତ, ଚିନ୍ମୟୀ ଭୂୟାଁ, ରଜନୀ ବିଶି, ମହେଶ ଡୋରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।




କୃତୀ କରାଟେକାମାନେ ପଦକ ସହ ଅତିଥିଙ୍କ ଗହଣରେ ।

# ୩୮୦ ଲିଟର ମଦ ଜବତ, ପୋଚ ନଷ୍ଟ



ଜବତ ହୋଇଥିବା ମଦପ୍ରସ୍ତୁତି ସାମଗ୍ରୀ

**ଧରାକୋଟ,୨୪।୩(ଡି.ଏନ୍.ଏ.)**

ଧରାକୋଟ ଥାନା ଜଗମୋହନ ପଞ୍ଚାୟତର ଚମ୍ପାପଲ୍ଲୀ, ଭାଲିଆପାଲ୍ଲୀରୁ ରବିବାର ସକାଳେ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ କରି ୩୮୦ ଲିଟର ମଦ ଜବତ କରିବା ସହ ବିପୁଳ ପରିମାଣର ପୋଚ ନଷ୍ଟ କରିଛନ୍ତି। ମଦ ରନ୍ଧା ପାଇଁ ବ୍ୟବହୃତ ଗୁଡ଼, ରସ ହାଣ୍ଡି, ୨୦ରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ ବ୍ୟାରେଲ ସହ ଅନ୍ୟାନ୍ୟ ମଦରନ୍ଧା ସରଞ୍ଜାମ ଜବତ ହୋଇଛି। ଗ୍ରାମ ନିକଟ ଲଟା ବୁଦା ମୂଳେ ଥିବା ୧୩ ହଜାର ଲିଟର ମଦ ପୋଚ ନଷ୍ଟ କରାଯାଇଛି। ସ୍ଥାନୀୟ ତହସିଲଦାର ଗଦାଧର ପାତ୍ର ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ଥାନାଧିକାରୀ ସନ୍ତୋଷ କୁମାର ବେହେରା ଓ ଗଞ୍ଜାମ ଜିଲା ଅବକାରୀ ବିଭାଗର ବହୁ କର୍ମୀଙ୍କ ଉପସ୍ଥିତିରେ ଚଢାଉ କରାଯାଇଥିଲା। ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ।

# କେନାଲ ନିକଟରୁ ବନ୍ଧୁକ, ବାରୁଦ ଜବତ

**ଚିକିଟି,୨୪।୩(ଡି.ଏନ.ଏ.)**

ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଚିକିଟିପେଣ୍ଠସ୍ଥିତ କେନାଲ ହିଡରୁ କେ.ନୂଆଗାଁ ପୋଲିସ ଶନିବାର ବିଳମ୍ବିତ ରାତିରେ ଦେଶୀ ବନ୍ଧୁକ ଓ ବାରୁଦ ଜବତ କରିଛି। କେହି ଶିକାରୀ ଶିକାର ପାଇଁ ବନ୍ଧୁକ ସଜାଡୁଥିବା ବେଳେ ପୋଲିସ୍‌କୁ ଦେଖି ଦୌଡି ପଳାଇବା ପରେ ପୋଲିସ ସେଠାରୁ ବନ୍ଧୁକ ଓ ବାରୁଦ ଜବତ କରିଥିଲା। ସୂଚନାଯୋଗ୍ୟ, ସମ୍ପୃକ୍ତ ଅଞ୍ଚଳରେ କିଛିବର୍ଷ ହେଲା ଅବାଧ ବନ୍ୟଜନ୍ତୁ ଶିକାର ହେଉଛି। ଗ୍ରାମାଞ୍ଚଳରେ କିଛି ବ୍ୟକ୍ତି ବେଆଇନ୍ ଭାବେ ବନ୍ଧୁକ ରଖି ସଂରକ୍ଷିତ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରୁଛନ୍ତି। ଏ ସମ୍ପର୍କରେ ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ପରମାନନ୍ଦ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ ବେଳେ ଏନେଇ କୌଣସି ଅଭିଯୋଗ ଆସିନାହିଁ ବୋଲି କହିଛନ୍ତି।

# ଆକ୍ରମଣ ଅଭିଯୋଗ, ଜେଲ ଗଲେ ଯୁବକ

**ବୁଗୁଡ଼ା,୨୪।୩(ଡି.ଏନ.ଏ.)**

ବୁଗୁଡ଼ା ଥାନା ବାଲିପଦର ଗ୍ରାମ ଖଦାଳସାହିରେ ଜଣେ ଯୁବକଙ୍କୁ କାତିରେ ଆକ୍ରମଣ ଅଭିଯୋଗରେ ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ରବିବାର ଆକ୍ରମଣକାରୀଙ୍କୁ କୋର୍ଟଚାଲାଣ କରିଛନ୍ତି। ସେ ହେଲେ ବାଲିପଦର ଖଦାଳ ସାହିର ବିଶାଳ ନାୟକ (ଗୁଲୁ)। ଏ ନେଇ ବୁଗୁଡ଼ା ଥାନାରେ ନଂ.୫୫/୧୯ରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ରାତିରେ ଖଦାଳସାହିର କାମେଶ୍ୱର ନାୟକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଲୁ କାତିରେ ଆକ୍ରମଣ କରିଥିଲେ। କାମେଶ୍ୱର ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ଶନିବାର ଏନେଇ ଥାନାରେ ଅଭିଯୋଗ କଲା ପରେ ରବିବାର ଆକ୍ରମଣକାରୀ ଗୁଲୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ହୋଲି ଖେଳକୁ ନେଇ ଗଣ୍ଡଗୋଳ ଘଟଣା: ୪ ମାମଲାରେ ୪ ଗିରଫ

**ଗୋପାଳପୁର,୨୪।୩**

ହୋଲି ଖେଳକୁ ନେଇ ଭାବିନାରାୟଣପୁରରେ ୨ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଗୋପାଳପୁର ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ପୁଣି ୨ଗୋଷ୍ଠୀ ମଧ୍ୟରେ ଶନିବାର ଗଣ୍ଡଗୋଳ ଘଟି ୪ ଆହତ ହୋଇଛନ୍ତି। ଏନେଇ ୨ଟି ମାମଲା ରୁଜୁ ହୋଇଛି। ଏଥିରେ ୪ ଜଣଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ।

ପ୍ରକାଶ ଯେ, ଭାବିନାରାୟଣପୁର ଗ୍ରାମରେ ଶୁକ୍ରବାର ଗୋଟିଏ ଗୋଷ୍ଠୀ ହୋଲି ଖେଳୁଥିବାବେଳେ ଅନ୍ୟ ଗୋଷ୍ଠୀର ଲୋକମାନେ ଆସି ରଙ୍ଗ ଲଗାଇବାରୁ ମାର୍‌ପିଟ ହୋଇ ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ପୁଣି ଶନିବାର ସନ୍ଧ୍ୟାରେ ପୁକୁଡ଼ିବନ୍ଧ ଛକ ନିକଟରେ କେ. ରୋହିତ ଓ କେ. ଅଶୋକଙ୍କୁ ଅନ୍ୟଗୋଷ୍ଠୀର ଜି. ବଳରାମ ଓ ଜି. ଶୁକ୍ଳ ଆସି ପୂର୍ବ ଘଟଣାକୁ ନେଇ ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ ଠେଲାପେଲା ଓ ପଥର ମାଡ଼ ହୋଇଥିଲା। ଏଥିରେ ୪ଜଣ ଆହତ ହୋଇଥିଲେ। ଗୋପାଳପୁର ଆଇଆଇସି ବିବେକାନନ୍ଦ ମହନ୍ତ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ବଳରାମ ଗୋପାଳପୁର ଥାନାରେ ଶନିବାର ରାତିରେ ଅଭିଯୋଗ କରିଥିଲେ। ନଂ.୩୭/୧୯ରେ ପୋଲିସ ରୋହିତ ଓ ଅଶୋକଙ୍କୁ ଗିରଫ କରିଥିଲା। ଅଶୋକଙ୍କ ପାଲଟା ଅଭିଯୋଗରେ ନଂ.୩୮/୧୯ରେ ମାମଲା ରୁଜୁ କରି ବଳରାମ ଓ ଶୁକ୍ଳଙ୍କୁ ଗିରଫ କରିଥିଲା। ବ୍ରହ୍ମପୁର ସଦର ଏସଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କ ସହ ଏନେଇ ଯୋଗାଯୋଗ କରିବାରୁ ଉକ୍ତ ଘଟଣାରେ ୨ଟି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି ବୋଲି ସୂଚନା ଦେଇଥିଲେ। ପରେ ପୋଲିସ ପକ୍ଷରୁ ଗାଁରେ ଫ୍ଲାଗମାର୍ଚ୍ଚ ହୋଇଥିଲା।





For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits are applicable only on select variants of KWID & DUSTER of 2019 manufacturing. Additional offers available on select stocks only. The abovementioned offers are valid till 31st March, 2019. ^^0 % Rate of Interest is calculated on a loan amount of ₹2,05,312 for a tenure of 18 months. Rate of interest may vary based on loan amount and tenure. Finance at the sole discretion of Renault Finance. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ^Benefits of ₹65,000 include Insurance at ₹1 & Exchange bonus of ₹20,000. Exchange at the sole discretion of Renault Selection only. ##Benefits up to ₹2,00,000 include cash benefits of ₹2,00,000 on select variants. All benefits of CAPTUR applicable only to versions of 2018 year of manufacturing. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

**SHOWROOMS: ODISHA: BHUBANESWAR**: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +917290055349. **ROURKELA:** RENAULT Rourkela Mob: + 91 8860875802, + 91 9778845542. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI




8.5 crore+ HEROES
ଅଗଣିତ ସମ୍ପର୍କ

World leading brands from the House of Hero

Splendor+ | Super Splendor | Splendor iSmart+ | Passion Pro | Glamour | HF Deluxe | Xtreme 200R | Maestro Edge | Pleasure | Destini 125

₹1500/- ସୈନିକମାନଙ୍କ ପାଇଁ ଅତିରିକ୍ତ ଲାଭ

HeroFinCorp.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

INDIA'S FIRST 5 YEAR WARRANTY* *Conditions apply

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ⁺As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଲେଶ୍ୱର ହୀରୋ - 7799766372. **ଜୟପୁର:** ସୁପ୍ରିମ ହୀରୋ - 7799766340. **ଫୁଲବାଣୀ:** ନାରାୟଣୀ ହୀରୋ - 7799766373. **ରାୟଗଡ଼ା:** ଅଜୀତ ହୀରୋ - 7799766358. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ - 273226. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ - 224656. **ମାଲକାନଗିରି:** କନିଷ୍କ ଅଟୋମୋବାଇଲ୍‌ସ - 9437181980, 230514. **ନବରଙ୍ଗପୁର:** ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 223970. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ - 225222. **ଦେବଗଡ଼ :** ଜିନ୍ଦଲ ମୋଟର୍ସ : 9337774624.




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ